MARCH 02, 2026
MONDAY, BHUBANESWAR

ମାର୍ଚ୍ଚ ୦୨, ୨୦୨୬
ସୋମବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 181 | ବର୍ଷ- ୧ ● ସଂଖ୍ୟା- ୧୮୧ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- | PAGES - 12 ● PRICE- 7/-

## ପେଟ୍ରୋଲ ବଢ଼ିପାରେ ୨୦ ଟଙ୍କା

### ଅଶୋଧିତ ତୈଳ ଦର ଛୁଇଁବ ୧୨୦ ଡଲାର

ନୂଆଦିଲ୍ଲୀ,୧।୩: ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ପ୍ରାଣ ହରାଇଛନ୍ତି। ଯଦି ଏହି ଯୁଦ୍ଧ ଲମ୍ବା ସମୟ ଧରି ଚାଲେ ଓ ହର୍ମୁଜ ପ୍ରଣାଳୀରେ ତୈଳ ପରିବହନ ବନ୍ଦ ହୋଇଯାଏ, ତେବେ ତେଲ ବଜାରକୁ ତାହା ଗୁରୁତର ପ୍ରଭାବିତ କରିବ। ଏହି ଯୁଦ୍ଧ ଭାରତରେ ତୈଳ, ସୁନା ଓ ରୁପା ଦର ଓ ସେୟାର ବଜାର କାରବାରକୁ ପ୍ରଭାବିତ କରିବା ଆଶଙ୍କା କରାଯାଉଛି। ତୈଳ ପରିବହନର ଗୁରୁତ୍ୱପୂର୍ଣ୍ଣ ପଥ ହର୍ମୁଜ ପ୍ରଣାଳୀ ବନ୍ଦ ହେଲେ ଅଳ୍ପ ଦିନରେ ଅଶୋଧିତ



ତୈଳ ଦର ବହୁତ ବଢ଼ିଯିବ। ଭାରତ ନିଜ ଆବଶ୍ୟକତାର ୮୫ ପ୍ରତିଶତ ତେଲ ଆମଦାନୀ କରୁଛି। ବିଦେଶରୁ ଆସୁଥିବା ୫୦ ପ୍ରତିଶତ ତେଲ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ। ସେହି ବାଟରେ ପରିବହନ ପ୍ରଭାବିତ ହେଲେ ଭାରତ ପାଇଁ ତେଲ ଯଥେଷ୍ଟ ମହଙ୍ଗା ହୋଇଯିବ। ଅଶୋଧିତ ତେଲ ଦାମ୍ ବଢ଼ିଲେ ତାହା ପେଟ୍ରୋଲ ଓ ଡିଜେଲ୍ ଦରବୃଦ୍ଧିର କାରଣ ହେବ। ଏକ ଆକଳନରୁ ଜଣାପଡିଛି ଯେ, ଯୁଦ୍ଧ ଜାରି ରହିଲେ ଦେଶରେ ପେଟ୍ରୋଲ ଓ ଡିଜେଲ୍‌ର ଲିଟର ପିଛା ମୂଲ୍ୟରେ ୨୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ। ଦିଲ୍ଲୀରେ ପେଟ୍ରୋଲ୍ ଲିଟର ୯୫ ଟଙ୍କାରୁ ବଢ଼ି ୧୦୫ ଟଙ୍କା ହୋଇଯିବ। ସେହିପରି ଡିଜେଲ୍ ଲିଟର ୮୮ ଟଙ୍କାରୁ ବଢ଼ି ୯୬ ଟଙ୍କା ହୋଇଯିବ।

ହର୍ମୁଜ ପ୍ରଣାଳୀକୁ ଇରାନ ଅବରୋଧ କଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ଦର ୧୦୦-୧୨୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବର୍ତ୍ତମାନ ବ୍ରେଣ୍ଟ କ୍ରୁଡ୍‌ର ବ୍ୟାରେଲ୍ ପିଛା ଦର ୭୦ ଡଲାର ରହିଛି। ଅତୀତରେ ମଧ୍ୟପ୍ରାଚ୍ୟରେ ହୋଇଥିବା ଚାରିଟି ଯୁଦ୍ଧ ସମୟରେ ଭାରତରେ ପେଟ୍ରୋଲ୍ ଓ ଡିଜେଲ୍ ଦାମ୍ ବଢ଼ିଥିଲା। ୧୯୭୩ର ଇସ୍ରାଏଲ-ଆରବ ଯୁଦ୍ଧ ସମୟରେ ଭାରତରେ ପେଟ୍ରୋଲ୍ ଦର ୧ ଟଙ୍କାରୁ ବଢ଼ି ୧ ଟଙ୍କା ୬୭ ପଇସା ହୋଇଯାଇଥିଲା। ୧୯୯୦ର ଇରାକ-କୁଏତ୍ ଯୁଦ୍ଧ ସମୟରେ ପେଟ୍ରୋଲ୍ ମୂଲ୍ୟ ୧୪ ଟଙ୍କା ୬୨ ପଇସାକୁ ବଢ଼ିଥିଲା। ୨୦୦୩ର ☞ପୃଷ୍ଠା-୨

## ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ

# ଖେମିନିଙ୍କ ସମେତ ୭ ବରିଷ୍ଠ ଅଧିକାରୀ ନିହତ

### ଇରାନ୍ ପାଇଁ 'କର ବା ମର' ପରିସ୍ଥିତି

- ୪୦ ଦିନ ରାଷ୍ଟ୍ରୀୟ ଶୋକ ଘୋଷଣା
- ମଧ୍ୟପ୍ରାଚ୍ୟରେ ସଂଘର୍ଷ ନେଇ ସମଗ୍ର ବିଶ୍ୱ ଚିନ୍ତିତ



ତେହେରାନ,୧।୩: ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ଏକ ବିନାଶକାରୀ ତଥା ଅତ୍ୟନ୍ତ ହିଂସାତ୍ମକ ମୋଡ଼ରେ ପହଞ୍ଚିଛି। ଇରାନରେ ଆମେରିକା ଓ ଇସ୍ରାଏଲ ଦ୍ୱାରା କରାଯାଇଥିବା ମିଳିତ ସାମରିକ ଅଭିଯାନ ସମଗ୍ର ଅଞ୍ଚଳର ରାଜନୈତିକ ସ୍ଥିତିକୁ ସବୁଦିନ ପାଇଁ ବଦଳାଇ ଦେଇଛି। ଏହି ଭୟଙ୍କର ବିମାନ ଆକ୍ରମଣ ରଣନୈତିକ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିବା ସହିତ ଇରାନର କ୍ଷମତା କେନ୍ଦ୍ରର ସବୁଠାରୁ ସୁଦୃଢ଼ ସ୍ତମ୍ଭ କୁହାଯାଉଥିବା ବ୍ୟକ୍ତିବିଶେଷଙ୍କୁ ନିପାତ କରିଦେଇଛି। ସମଗ୍ର ବିଶ୍ୱ ମଧ୍ୟପ୍ରାଚ୍ୟରେ ସଂଘର୍ଷ ନେଇ ଚିନ୍ତିତ ହୋଇପଡିଛି, କାରଣ ଏହାର ପରିଣାମ ଅତ୍ୟନ୍ତ ଗମ୍ଭୀର ହୋଇପାରେ।

ଏହି ଘାତକ ଆକ୍ରମଣରେ ଇରାନର ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି)ର ଶକ୍ତିଶାଳୀ କମାଣ୍ଡର-ଇନ୍-ଚିଫ୍ ମହମ୍ମଦ ପାକପୁରଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ଅଭିଯୋଗ କରିଛି, ପାକପୁର ସିଧାସଳଖ ଇସ୍ରାଏଲକୁ ଧ୍ୱଂସ କରିବା ପାଇଁ ଷଡ଼ଯନ୍ତ୍ର କରିବା ସହିତ କ୍ଷେପଣାସ୍ତ୍ର ଅଭିଯାନର ନେତୃତ୍ୱ ନେଇଥିଲେ। ତାଙ୍କର ମୃତ୍ୟୁ ଇରାନର ସାମରିକ କ୍ଷେତ୍ରକୁ ଏକ ରଣନୈତିକ କ୍ଷତି ଦେଇଛି ଯାହା ବର୍ତ୍ତମାନର ପରିସ୍ଥିତିରେ ପୂରଣ କରିବା ସମ୍ଭବ ହେବନାହିଁ। ଏହି ମିଳିତ ସାମରିକ ଅଭିଯାନରେ କେବଳ ପାକପୁର ନୁହେଁ ବରଂ ପ୍ରତିରକ୍ଷା ମନ୍ତ୍ରୀ ଅଜିଜ୍ ନାସିରଜାଦେହ ଏବଂ ଅନ୍ୟ ଅନେକ ବରିଷ୍ଠ ଅଧିକାରୀଙ୍କ ଜୀବନ ଯାଇଛି। ଇସ୍ରାଏଲ୍ ଆଇଡିଏଫ୍ ଦାବି କରିଛି, ଏହି ଅଧିକାରୀମାନେ ଆଞ୍ଚଳିକ ପ୍ରକ୍ସି ଗୋଷ୍ଠୀମାନଙ୍କ ସହଯୋଗରେ ବିପଜ୍ଜନକ ଅସ୍ତ୍ରଶସ୍ତ୍ର ତଥା ପରମାଣୁ ବିକାଶ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସାତ ଜଣ ଶୀର୍ଷ କମାଣ୍ଡରଙ୍କ ଏକକାଳୀନ ମୃତ୍ୟୁ ଇରାନର ସମଗ୍ର ପ୍ରତିରକ୍ଷା ପ୍ରତିଷ୍ଠାନକୁ ପଙ୍ଗୁ କରିଦେଇଛି। ଫଳରେ ☞ପୃଷ୍ଠା-୨

## ଆମେରିକୀୟ ବାଣିଜ୍ୟକ ଦୂତାବାସ ବାହାରେ ଭଙ୍ଗାରୁଜା





### ଗୁଳିରେ ୧୨ ବିକ୍ଷୋଭକାରୀ ମୃତ

କରାଚୀ,୧।୩: କରାଚିସ୍ଥିତ ଆମେରିକାର ବାଣିଜ୍ୟକ ଦୂତାବାସ ବାହାରେ ଭଙ୍ଗାରୁଜା ଓ ହିଂସାତ୍ମକ ସଂଘର୍ଷବେଳେ ୱାସିଂଟନ ସାମୁଦ୍ରିକ ସୁରକ୍ଷା କର୍ମଚାରୀଙ୍କ ଗୁଳିରେ ୧୨ ଜଣ ପାକିସ୍ତାନୀ ନାଗରିକଙ୍କର ମୃତ୍ୟୁ ହୋଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣର ପ୍ରତିବାଦରେ ଏହି ବିକ୍ଷୋଭ କରାଯାଇଥିଲା। ପାକିସ୍ତାନର ଆର୍ଥିକ କେନ୍ଦ୍ର କରାଚିରେ ପ୍ରଦର୍ଶନକାରୀମାନେ କୂଟନୈତିକ ପରିସରରେ ଥିବା ନିଷିଦ୍ଧ ଅଞ୍ଚଳ ଆଡକୁ ଅଗ୍ରସର ହେଉଥିବାବେଳେ ଗୁଳିଚାଳନା ହୋଇଥିଲା। ପାକିସ୍ତାନୀ କର୍ତ୍ତୃପକ୍ଷ ଏବଂ ଆମେରିକୀୟ ଅଧିକାରୀମାନେ ଏ ସମ୍ପର୍କରେ କୌଣସି ମନ୍ତବ୍ୟ ☞ପୃଷ୍ଠା-୨

## ଡେଟୋନେଟର ତିଆରି କମ୍ପାନିରେ ବିସ୍ଫୋରଣ

### ୧୭ କର୍ମଚାରୀ ମୃତ, ୧୮ ଆହତ

ନାଗପୁର,୧।୩: ମହାରାଷ୍ଟ୍ରର ନାଗପୁର ଜିଲ୍ଲାର କାଟୋଲ ଅଞ୍ଚଳରେ ରବିବାର ଏକ ବଡ ଦୁର୍ଘଟଣା ଘଟିଛି। ରାଉଲଗାଓଁ ସ୍ଥିତ ଏସବିଏଲ ଏନର୍ଜି ଲିମିଟେଡ୍ ନାମକ ବିସ୍ଫୋରକ ତିଆରି କରୁଥିବା ଫ୍ୟାକ୍ଟ୍ରିରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୁନ ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। ଏହି କମ୍ପାନି ଖନନ ଏବଂ ଔଦ୍ୟୋଗିକ କାର୍ଯ୍ୟ ପାଇଁ ଡେଟୋନେଟର ଓ ଅନ୍ୟ ବିସ୍ଫୋରକ ପ୍ରସ୍ତୁତ କରିଥାଏ। ପୋଲିସ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଏହି ଦୁର୍ଘଟଣା ରବିବାର ସକାଳ ୬ଟାରୁ ୭ଟା ମଧ୍ୟରେ ହୋଇଛି। ସେହି ସମୟରେ ଫ୍ୟାକ୍ଟ୍ରିରେ ସକାଳ ☞ପୃଷ୍ଠା-୨

**ବଢିପାରେ ମୃତ୍ୟୁ ସଂଖ୍ୟା**

## ଅନ୍ନଦାତା ସୁଖୀ ଭବଃ

ରାଜ୍ୟରେ ଜାରି ରହିଥିବା ଖରିଫ ୨୦୨୫-୨୬ ଧାନ ସଂଗ୍ରହ କିଣା ପ୍ରକ୍ରିୟାରେ ୦୧.୦୩.୨୦୨୬ (ରବିବାର) ପର୍ଯ୍ୟନ୍ତ ସାରା ଓଡିଶାରେ ଜିଲ୍ଲାୱାରୀ ଚାଷୀଙ୍କଠାରୁ ଧାନ କ୍ରୟ ଏବଂ ପ୍ରାପ୍ୟ ପ୍ରଦାନର ସବିଶେଷ ତଥ୍ୟ





| | |
|---|---|
| ମୋଟ୍ ଜିଲ୍ଲା - | ୩୦ |
| ମଣ୍ଡିରେ ମୋଟ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା- | ୧୫,୭୬,୧୬୨ ଜଣ |
| ମଣ୍ଡିରେ ମୋଟ କ୍ରୟ ହୋଇଥିବା ଧାନର ପରିମାଣ- | ୬୬,୯୬,୭୪୦ ମେଟ୍ରିକ୍ ଟନ୍ |
| ମୋଟ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ- | ₹୧୪,୮୩୭.୧୦ କୋଟି ଟଙ୍କା |
| ଇନ୍‌ପୁଟ୍ ସହାୟତା ରାଶି- | ₹୪,୫୭୮.୨୭ କୋଟି ଟଙ୍କା |

ସବିଶେଷ ଜିଲ୍ଲାୱାରୀ ତଥ୍ୟ ☞ପୃଷ୍ଠା-୬

## ମାର୍ଚ୍ଚରୁ ମେ' ପ୍ରବଳ ଗରମ

### ଏବେ ୩୬ ଡିଗ୍ରୀ ଟପିଲାଣି

ଭୁବନେଶ୍ୱର,୧।୩ : ମାର୍ଚ୍ଚ ଆରମ୍ଭ ହେଉଣୁ ରାଜ୍ୟରେ ତାପମାତ୍ରା ୩୬ ଡିଗ୍ରୀ ଟପିଛି। ଆଗକୁ ପ୍ରବଳ ଖରାତାତି ଓ ଗରମରେ ଶିଝିବ ସାରା ଓଡ଼ିଶା। ବିଶେଷକରି ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ଲାଗି ରହିବ। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଶନିବାର ସତର୍କତା ଜାରି କରାଯାଇଛି। ପଶ୍ଚିମ ଏବଂ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ହେବ ବୋଲି ଆକଳନ କରାଯାଇଛି। ଫେବୃଆରୀରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନର ତାପମାତ୍ରା ୩୫ଡିଗ୍ରୀରୁ ଅଧିକ ରହୁଥିବାବେଳେ ମାର୍ଚ୍ଚରୁ ମେ' ମଧ୍ୟରେ ବିଭିନ୍ନ ସ୍ଥାନରେ ପାରଦ ୩୩.୫ ଡିଗ୍ରୀରୁ ୪୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦିନର ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ☞ପୃଷ୍ଠା-୨

## ଜରୁରୀକାଳୀନ 'ସିସିଏସ୍' ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ



- ଭାରତୀୟ ନାଗରିକଙ୍କ ସୁରକ୍ଷା ଚିନ୍ତା
- ଅଶୋଧିତ ତୈଳ ଯୋଗାଣ
- ଇରାନରେ ଭାରତର ନିବେଶ ପ୍ରମୁଖ ପ୍ରସଙ୍ଗ

ନୂଆଦିଲ୍ଲୀ,୧।୩: ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରୀୟ ବାଣିଜ୍ୟ ସଂଘ ପରିଷଦ (ସିସିଏସ)ର ଏକ ଜରୁରୀକାଳୀନ ବୈଠକ ଡାକିଛନ୍ତି। ଦୁଇଦିନିଆ ତାମିଲନାଡୁ ଗସ୍ତ ସମାପ୍ତ କରି ପ୍ରଧାନମନ୍ତ୍ରୀର ରବିବାର ରାତି ୯.୩୦ରେ ରାଜଧାନୀ ଦିଲ୍ଲୀର ପାଲମ ବିମାନବନ୍ଦରରେ ଅବତରଣ କରିଥିଲେ। ଆୟୋଜିତ ବୈଠକରେ ଇରାନ ଓ ଉପସାଗରୀୟ ଦେଶଗୁଡ଼ିକରେ ଭାରତୀୟଙ୍କ ସୁରକ୍ଷା ଆଲୋଚନାର ଏକ ପ୍ରମୁଖ ପ୍ରସଙ୍ଗ ହେବ ବୋଲି ଆଶା କରାଯାଉଛି। ଏହା ସହିତ ଆଲୋଚନାରେ ତୈଳ ଯୋଗାଣ ଓ ଚାବାହାର ବନ୍ଦର ନିବେଶ ଅନ୍ତର୍ଭୁକ୍ତ ହୋଇପାରେ। ଏହି ସିସିଏସ୍ ବୈଠକରେ ଚାରୋଟି ପ୍ରମୁଖ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯିବାର ସମ୍ଭାବନା ଅଛି। ଯୁଦ୍ଧ ଅଞ୍ଚଳରେ ଫସି ରହିଥିବା ଦେଶର ନାଗରିକଙ୍କ ସୁରକ୍ଷା ଭାରତ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ହୋଇଛି। ପ୍ରାୟ ୮ ରୁ ୯ ଲକ୍ଷ ଭାରତୀୟ ନାଗରିକ ଉପସାଗରୀୟ ଦେଶଗୁଡ଼ିକ (ସାଉଦି ଆରବ, ୟୁଏଇ, କତାର, ଓମାନ, ବାହାରିନ, କୁୱେତ) ଏବଂ ମଧ୍ୟପ୍ରାଚ୍ୟରେ କାମ କରନ୍ତି। ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧ କାରଣରୁ ଏହି ଲକ୍ଷ ଲକ୍ଷ ଭାରତୀୟଙ୍କ ଜୀବନ ବିପଦରେ ପଡ଼ିଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ସହଯୋଗରେ ଭାରତୀୟମାନଙ୍କୁ ସୁରକ୍ଷିତ ☞ପୃଷ୍ଠା-୨

## ମାଓବାଦୀଙ୍କ 'ଧନ ଭଣ୍ଡାର'ରେ ପହଞ୍ଚିଲେ ଯବାନ



- ଉଦ୍ଧାର ହେଲା ୨୦୦୦ ଟଙ୍କିଆ ନୋଟ୍ ବିଡା
- ୪୬ଲକ୍ଷରୁ ଅଧିକ ନଗଦ ଓ ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ଗାରିଆବନ୍ଦ, ୧।୩: ଛତିଶଗଡ଼ର ଗାରିଆବନ୍ଦ ଜିଲ୍ଲାରେ ସୁରକ୍ଷା ବାହିନୀ ଏକ ବଡ଼ ସଫଳତା ହାସଲ କରିଛନ୍ତି। ନକ୍ସଲ ବିରୋଧୀ ଅଭିଯାନର ଅଂଶ ଭାବରେ ଯବାନମାନେ ନକ୍ସଲଙ୍କର ଗୁପ୍ତ ଧନ ଆବିଷ୍କାର କରିଛନ୍ତି। ଆତ୍ମସମର୍ପଣକାରୀ ନକ୍ସଲଙ୍କଠାରୁ ସୂଚନା ଆଧାରରେ ସୈନିକମାନେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେମାନେ ୪୬ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ନଗଦ ଏବଂ ଅସ୍ତ୍ରଶସ୍ତ୍ର ଜବତ କରିଥିଲେ।

ମାଓବାଦୀମାନେ ମୈନପୁର ଥାନା ଅଞ୍ଚଳର ବଡ଼େଗୋବ୍ରା ଗ୍ରାମର ସମ୍ପସତି ଜଙ୍ଗଲର ପାହାଡିଆ ଅଞ୍ଚଳରେ ୪୬,୩୧,୫୦୦ ଟଙ୍କା, ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଅନ୍ୟାନ୍ୟ ନକ୍ସଲ ସାମଗ୍ରୀ ☞ପୃଷ୍ଠା-୨

## ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଏକାଧିକ ପ୍ରକଳ୍ପ ଲୋକାର୍ପିତ

# ଯୋରନ୍ଦା ବିକାଶରେ ନୂଆ ସୋପାନ






- ନୂତନ ମାର୍କେଟ କମ୍ପ୍ଲେକ୍ସ, ସୁଭଦ୍ରା ଶକ୍ତିକେନ୍ଦ୍ର, ଲକ୍ଷ୍ମୀପୂଜା ମଣ୍ଡପର ଶୁଭ ଉଦ୍‌ଘାଟନ
- ସ୍ଥାନୀୟ ଅଧିବାସୀଙ୍କ ବ୍ୟବସାୟିକ ଏବଂ ସାମାଜିକ ସୁବିଧା ଲକ୍ଷ୍ୟ

ଗଁଦିଆ,୧।୩ (ବେତୁଜୀ ପ୍ରସାଦ) : ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଐତିହ୍ୟ ସମ୍ପନ୍ନ ଯୋରନ୍ଦା ପଞ୍ଚାୟତରେ ବିକାଶର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତିକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ରବିବାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଗଁଦିଆ ପଞ୍ଚାୟତ ସମିତି ଅଧିନସ୍ଥ ଯୋରନ୍ଦା ଗ୍ରାମପଞ୍ଚାୟତ ଠାରେ ୧୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ମାର୍କେଟ କମ୍ପ୍ଲେକ୍ସ, ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୁଭଦ୍ରା ଶକ୍ତି କେନ୍ଦ୍ର ଏବଂ ୫.୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଲକ୍ଷ୍ମୀପୂଜା ମଣ୍ଡପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଧିବାସୀଙ୍କ ପାଇଁ ବ୍ୟବସାୟିକ ଏବଂ ସାମାଜିକ ସୁବିଧା ଦିଗରେ ବଡ଼ ଭୂମିକା ଗ୍ରହଣ କରିବ।

ଏହି ଉଦ୍‌ଘାଟନୀ ସମାରୋହରେ ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ସମିତି ସଭ୍ୟ ପ୍ରତ୍ୟୁଷ ହରି ପ୍ରଧାନ, ଗଁଦିଆ ବ୍ଲକ ଅଧକ୍ଷା ଶ୍ରୀମତୀ ରିନାରାଣୀ ଖଟୁଆ, ବିଡିଓ ପବିତ୍ର କୁମାର ☞ପୃଷ୍ଠା-୨




## ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

ମନ୍ତ୍ରୀ କୃଷ୍ଣ ପାତ୍ର ଯୋରନ୍ଦା ପାଇଁକି
ସାଜିଲେ ବିକାଶ ରଥି
ଭାଷଣେ କହିଲେ ଖାଲି ମନ୍ତ୍ରୀ ନୁହେଁ
ସେ ଲୋକଙ୍କ ବିକାଶ ସାଥି
ବଖାଣି ବିକାଶ ପୋଥି
ମାଟି ପାଇଁ ସିଏ ସମର୍ପିତ ନେତା
ଖୁଆଇଲେ ମହୋଷଧି

## ବଲାଙ୍ଗୀର ଓ ବରଗଡ ହେଲା ନକ୍ସଲ ମୁକ୍ତ: ଡିଜିପି

କଟକ,୧।୩: ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନରେ ଓଡିଶା ପୋଲିସକୁ ଐତିହାସିକ ସଫଳତା ମିଳିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବଲାଙ୍ଗୀର ଓ ବରଗଡ ଜିଲ୍ଲାକୁ ନକ୍ସଲମୁକ୍ତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରବିବାର ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲାରେ ୧୫ ଜଣ ମାଓବାଦୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ଏହି ମାଓବାଦୀମାନେ ବରଗଡ, ବଲାଙ୍ଗିର, ମହାସମୁନ୍ଦ ଡିଭିଜନରେ ସକ୍ରିୟ ଥିଲେ। ସୁରକ୍ଷା ବାହିନୀ ତରଫରୁ ଦୀର୍ଘଦିନ ଧରି ଚାଲିଥିବା ମିଳିତ ଅଭିଯାନ, ଗୁଇନ୍ଦା ସୂଚନା, କେନ୍ଦ୍ର ଓ ରାଜ୍ୟ ସୁରକ୍ଷା ☞ପୃଷ୍ଠା-୨



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଗୁଳିରେ ୧୨ ବିକ୍ଷୋଭକାରୀ...

ଦେଇନାହାନ୍ତି। ଇରାନ ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲ୍ଲି ଖେମିନିଙ୍କ ହତ୍ୟା ପ୍ରତିବାଦରେ ୱାସିଂଟନ ଓ ତେଲ ଅଭିଭ୍ ବିରୋଧରେ ସିହା ଗୋଷ୍ଠୀ ସୁଲତାନବାଦରୁ ମାଇ କୋଲାଚି ଆଡେ ଅଗ୍ରସର ହେଇଥିଲେ। ପ୍ରତିବାଦକାରୀ ଦୂତାବାସ ନିକଟରେ ପହଞ୍ଚିବା ପରେ ହାଇ ଆଲର୍ଟରେ ଥିବା ଆମେରିକା ସାମୁଦ୍ରିକ ସୁରକ୍ଷା କର୍ମଚାରୀ ସେମାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଏହି ଗୁଳିମାଡ ଘଟଣାରେ ୩୦ରୁ ଅଧିକ ଆହତ ହୋଇଛନ୍ତି।

### ଖେମିନିଙ୍କ ସମେତ...

ନେତୃତ୍ୱଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ଏବଂ ତାଙ୍କ ବରିଷ୍ଠ ରଣନୈତିକ ପରାମର୍ଶଦାତା ଅଲି ଶାମଖାନିଙ୍କ ମୃତ୍ୟୁକୁ ନେଇ ଖବର ସାମ୍ନାକୁ ଆସିଛି। ଶାମଖାନିଙ୍କୁ ଇରାନର ପ୍ରତିରକ୍ଷା କ୍ଷେତ୍ରରେ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଭାବରେ ବିବେଚନା କରାଯାଉଥିଲା। ସେ ବହୁ ବର୍ଷ ଧରି ସର୍ବୋଚ୍ଚ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପରାମର୍ଶ ଦେଉଥିଲେ। ତାଙ୍କ କାର୍ଯ୍ୟାଳୟରେ ହୋଇଥିବା ବଡ ଧରଣର ବୋମା ବିସ୍ଫୋରଣ ସମଗ୍ର ଶାସନକୁ ଦୋହଲାଇ ଦେଇଛି। ଏହା ସିଧାସଳଖ ଇରାନର ସର୍ବୋଚ୍ଚ ନେତୃତ୍ୱଙ୍କୁ ଟାର୍ଗେଟ କରିଥିଲା। ୧୯୮୯ ମସିହାରୁ ଇରାନର ନେତୃତ୍ୱ ନେଉଥିବା ୮୬ ବର୍ଷୀୟ ଖେମିନି ଏହି ଆକ୍ରମଣରେ ନିହତ ହୋଇଛନ୍ତି। ଇରାନ ଏହା ମଧ୍ୟ ନିଶ୍ଚିତ କରିଛି ଯେ, ଆମେରିକା-ଇସ୍ରାଏଲ ବିମାନ ଆକ୍ରମଣରେ ସର୍ବୋଚ୍ଚ ନେତା ଖେମିନିଙ୍କ ମୃତ୍ୟୁ ଘଟିଛି। ଏହା ପରେ ୪୦ ଦିନର ଜାତୀୟ ଶୋକ ଘୋଷଣା କରାଯାଇଛି। ଅଜିଜ୍ ନାସିରଜାଦେ-ସେ ଇରାନର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଥମେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମହମ୍ମଦ ପାକପୁର - ଆଇଆର୍‌ଜିସିର ଶକ୍ତିଶାଳୀ କମାଣ୍ଡର-ଇନ୍-ଚିଫ୍ ଦାୟିତ୍ୱ ତୁଲାଉଥିଲେ। ଅଲି ଶାମଖାନି - ସର୍ବୋଚ୍ଚ ନେତାଙ୍କ ସବୁଠାରୁ ବିଶ୍ୱସ୍ତ ପରାମର୍ଶଦାତା। ସେ ସମସ୍ତ କାର୍ଯ୍ୟ ପରିଚାଳନା କରୁଥିଲେ। ମହମ୍ମଦ ଶିରାଜି-ସର୍ବୋଚ୍ଚ ନେତାଙ୍କ ସାମରିକ ବ୍ୟୁରୋର ରଣନୀତିଜ୍ଞ ଭାବରେ କାର୍ଯ୍ୟ କରିଥିଲେ। ସାଲେହ ଆସାଦି-ଗୁପ୍ତଚର ବ୍ୟବସ୍ଥାର ମାଷ୍ଟରମାଇଣ୍ଡ। ହୋସେନ୍ ଜାବାଲ୍ ଆମେଲିଆନ୍ - ଏସ୍ପିଏନ୍‌ଡିର ସଭାପତି। ରେଜା ମୋଜାଫାରି-ନିଆ ଏସ୍ପିଏନ୍‌ଡିର ପୂର୍ବତନ ସଭାପତି ଏବଂ ପରମାଣୁ କାର୍ଯ୍ୟକ୍ରମର ମୁଖ୍ୟ ରଣନୀତିଜ୍ଞ। ଇସ୍ରାଏଲ ବାୟୁସେନା, ଆମେରିକା ଗୁଇନ୍ଦା ସହାୟତାରେ, ଇରାନର ରଣନୈତିକ ଭିତ୍ତିଭୂମି ଉପରେ ଏପର୍ଯ୍ୟନ୍ତ କରାଯାଇଥିବା ସବୁଠାରୁ ସଠିକ୍ ଏବଂ ଘାତକ ବିମାନ ଆକ୍ରମଣ କରିଛି। ଏହି ଆକ୍ରମଣର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଇରାନର ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର କ୍ଷମତାକୁ ନଷ୍ଟ କରିବା, ଯାହା ଇସ୍ରାଏଲ ଏବଂ ପାଶ୍ଚାତ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବିପଦ ସୃଷ୍ଟି କରିଥିଲା। ଏହି ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁକୁ ଇରାନ୍ ଆନୁଷ୍ଠାନିକ ଭାବରେ ସ୍ୱୀକାର କରିଛି। ଖେମିନି ତଥା ତାଙ୍କ କମାଣ୍ଡରଙ୍କ ମୃତ୍ୟୁ ଖବର ସମଗ୍ର ଇରାନକୁ ଭୟଭୀତ କରିଛି । ଆଇଆର୍‌ଜିସି ଏବେ କଠୋର ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରିଛି। ଇରାନୀ ସାମରିକ ବାହିନୀ ଖୋଲାଖୋଲି ଭାବରେ ଆମେରିକୀୟ ସାମରିକ ଘାଟି ଉପରେ ବିନାଶକାରୀ ଆକ୍ରମଣ ଧମକ ଦେଇଛି, ଯାହା ବିଶ୍ୱକୁ ଏକ ପୂର୍ଣ୍ଣ ଏବଂ ସିଧାସଳଖ ଯୁଦ୍ଧର ଦ୍ୱାରଦେଶରେ ନେଇ ପହଞ୍ଚାଇଛି।

### ୧୭ କର୍ମଚାରୀ ମୃତ...

ସିଫ୍ଟର କର୍ମଚାରୀ ନିଜର କାମ ଆରମ୍ଭ କରିଥିଲେ । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଯେବେ ଡେଟୋନେଟର ତିଆରି ପ୍ରକ୍ରିୟା ଚାଲିଥିଲା, ସେହି ସମୟରେ ଅଚାନକ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା । ଏଥିରେ ଏ ପର୍ଯ୍ୟନ୍ତ ୧୭ ଜଣଙ୍କ ମୃତ୍ୟୁ ଘଟିଛି । ନାଗପୁର ଗ୍ରାମାଞ୍ଚଳ ପୋଲିସ ଏସ୍‌ପି ହର୍ଷ ପୋଦ୍ଦାର ମୃତାହତଙ୍କ ସଂଖ୍ୟାର ସୂଚନା ଦେଇ କହିଛନ୍ତି, ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏଥିରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତେବେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ଶବ୍ଦ ଅନେକ କିଲୋମିଟର ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିଲା । ଫ୍ୟାକ୍ଟ୍ରିର ଛାତ ଉଡିଯିବା ସହିତ କାନ୍ଥ ଭାଙ୍ଗି ଯାଇଛି । ସୂଚନା ମିଳିବା ମାତ୍ରେ ସ୍ଥାନୀୟ ପୋଲିସ, ଦମକଳ ବିଭାଗର ଅନେକ ଗାଡି, ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୋଲିସ ଓ ପ୍ରଶାସନର ଟିମ୍ ଅତଡା ତଳୁ ଲୋକଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ଲାଗିଛନ୍ତି। ନିଆଁକୁ ନିୟନ୍ତ୍ରଣ ପାଇଁ ଯୁଦ୍ଧକାଳୀନ ସ୍ଥିତିରେ କାମ ଜାରି ରହିଛି ।

### ମାଓବାଦୀଙ୍କ 'ଧନ ଭଣ୍ଡାର'...

ଲୁଚାଇ ରଖିଥିଲେ। ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଆତ୍ମସମର୍ପଣକାରୀ ନକ୍ସଲଙ୍କଠାରୁ ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ନକ୍ସଲମାନେ ଏକ ଗାତରେ ଟଙ୍କା ଏବଂ ଏକ ପୃଥକ ଗାତରେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ। ଗାରିଆବନ୍ଦ ଜିଲ୍ଲା ପୋଲିସର ଇ-୩୦ ଅପରେସନ୍ ଟିମ୍ ଏବଂ ଡିଆରଜି ଧମତାରିର ଏକ ମିଳିତ ଦଳ ଫେବୃଆରୀ ୨୮ ତାରିଖରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲେ। ସରକାରଙ୍କ ପୁନର୍ବାସ ନୀତି ଦ୍ୱାରା ପ୍ରଭାବିତ ହୋଇ ଆତ୍ମସମର୍ପଣକାରୀ ମାଓବାଦୀମାନଙ୍କୁ ବ୍ୟାପକ ପଚରାଉଚରା ସମୟରେ, ଏହି ଅଞ୍ଚଳରେ ଏକ ଡମ୍ପ ଲୁଚାଇ ରଖିଥିବା ଧମତାରି-ଗାରିଆବନ୍ଦ-ନୂଆପଡା ଡିଭିଜନର ଶୀର୍ଷ ନେତାମାନଙ୍କ ବିଷୟରେ ସୂଚନା ମିଳିଥିଲା। ସୂଚନା ନିଶ୍ଚିତ କରିବା ପରେ, ଦଳକୁ ମୁଖ୍ୟାଳୟରୁ ପଠାଯାଇଥିଲା। ସନ୍ଧାନ ଅଭିଯାନ ଫଳରେ ପାହାଡିଆ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ ଡମ୍ପରୁ ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଉଦ୍ଧାର ସାମଗ୍ରୀରେ ୪୬,୩୧,୫୦୦ ନଗଦ, ୧ ଭର୍ମର ବନ୍ଧୁକ, ୩୩ ଭର୍ମର ରାଉଣ୍ଡ, ୧ ସୁରକା ରାଇଫଲ୍, ୩୨ ବିଜିଏଲ୍ ସେଲ୍, ୧ ଲାପଟପ୍, ୨ ମୋବାଇଲ୍ ଫୋନ୍, ୧୦ ଆଇଏନଏସଏଏସ୍ ରାଉଣ୍ଡ, ୧୧ ଏସଏଲଆର ରାଉଣ୍ଡ, ୪୫ ଏକେ-୪୭ ରାଉଣ୍ଡ, ୪୧ .୩୦୩ ଅସ୍ତ୍ର ରାଉଣ୍ଡ, ୨୩ ସିଙ୍ଗଲ୍ ସଟ୍ ରାଉଣ୍ଡ, ୨୬ ୧୨ ବୋର ରାଉଣ୍ଡ, ୧୩ ଇଲେକ୍ଟ୍ରୋନିକ୍ ଡେଟୋନେଟର୍, ୧୦ ଅଣ-ଇଲେକ୍ଟ୍ରୋନିକ୍ ଡେଟୋନେଟର୍ ଏବଂ ବହୁ ପରିମାଣର ନକ୍ସଲ ସାହିତ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା। ଏହି ପାହାଡକୁ ଥରେ ନକ୍ସଲବାଦୀଙ୍କ ଗଡ଼ ଭାବରେ ବିବେଚନା କରାଯାଉଥିଲା। ତଥାପି, ଏହି ଅଞ୍ଚଳରେ ଏବେ କୌଣସି ନକ୍ସଲ ନଥିବା ଦାବି କରାଯାଉଛି। ପୋଲିସ ଅଧିକାରୀଙ୍କ ଅନୁଯାୟୀ, ଉଦ୍ଧାର କରାଯାଇଥିବା ଟଙ୍କାରେ ପୁରୁଣା ୨,୦୦୦ ଟଙ୍କିଆ ନୋଟ ଅଛି। ଯେଉଁଥିରେ ପ୍ରାୟ ୨ ଲକ୍ଷ ଟଙ୍କାର ପୁରୁଣା ନୋଟ ରହିଛି। ବାକି ପରିମାଣ ୫୦୦ ଟଙ୍କିଆ ନୋଟ୍। ଆତ୍ମସମର୍ପଣ କରିଥିବା ନକ୍ସଲମାନେ ସୈନିକମାନଙ୍କୁ କହିଥିଲେ ଯେ ଭାଲୁଡିଘି ଅଞ୍ଚଳରେ ପ୍ରାୟ ୫୦-୬୦ ନକ୍ସଲ ସକ୍ରିୟ ଅଛନ୍ତି। ଏହି ଟଙ୍କାରେ ସଂଗଠନ ପଶ୍ଚିମ ଓଡ଼ିଶାରେ ବିସ୍ତାର କରିବାକୁ ଯୋଜନା କରିଥିଲା। ଏହି ଟଙ୍କା ଦରମା ଦେବା, ଅସ୍ତ୍ରଶସ୍ତ୍ର କିଣିବା ଏବଂ ଏହାର ନେଟୱାର୍କ ବିସ୍ତାର କରିବା ପାଇଁ ଉଦ୍ଦିଷ୍ଟ ଥିଲା।

### ପେଟ୍ରୋଲ ବଢ଼ିପାରେ...

ଇରାକ-ଆମେରିକା ଯୁଦ୍ଧ ସମୟରେ ପେଟ୍ରୋଲ୍ ଦାମ୍ ୨୯ ଟଙ୍କାରୁ ବଢ଼ି ୩୩ ଟଙ୍କା ହୋଇଯାଇଥିଲା। ୨୦୨୨ର ରୁଷ୍-ୟୁକ୍ରେନ ଯୁଦ୍ଧ ବେଳେ ପେଟ୍ରୋଲ୍ ଦର ୯୬ ଟଙ୍କାରୁ ବଢ଼ି ୧୦୫ ଟଙ୍କା ହୋଇଥିଲା। ଭାରତରେ ତୈଳ କମ୍ପାନିଗୁଡ଼ିକୁ ଦର ସମ୍ପର୍କିତ ନିଷ୍ପତ୍ତି ନେବାକୁ ସ୍ୱାଧୀନତା ଦିଆଯାଇଛି। କିନ୍ତୁ ଗତ କିଛି ବର୍ଷ ଧରି ସରକାରଙ୍କ ଅଦୃଶ୍ୟ ନିର୍ଦ୍ଦେଶରେ ପେଟ୍ରୋଲ ଓ ଡିଜେଲ୍ ଦରରେ କୌଣସି ପରିବର୍ତ୍ତନ କରାଯାଉନାହିଁ। ତେଲ କମ୍ପାନିଗୁଡିକ ସାଧାରଣତଃ ପୂର୍ବ ୧୫ ଦିନର ଅଶୋଧିତ ତୈଳ ଦର ଏବଂ ଡଲାର-ଟଙ୍କା ବିନିମୟ ମୂଲ୍ୟ ବିଚାରକୁ ନେଇ ପେଟ୍ରୋଲ ଓ ଡିଜେଲ ଦର ନିର୍ଦ୍ଧାରଣ କରିଥାନ୍ତି। ଯୁଦ୍ଧ ଭଳି ପରିସ୍ଥିତିରେ ସରକାର ରାଜନୈତିକ ଓ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ପାଇଁ ମୂଲ୍ୟ ନ ବଢ଼ାଇବାକୁ କମ୍ପାନିଗୁଡ଼ିକୁ କହିପାରିବେ। ଅନ୍ୟଥା ଟିକସ ହ୍ରାସ ଜରିଆରେ ସାଧାରଣ ଗ୍ରାହକଙ୍କ ଉପରେ ପଡିବାକୁ ଥିବା ଅତିରିକ୍ତ ଚାପକୁ ସରକାର ଲାଘବ କରିପାରିବେ।

### ଜରୁରୀକାଳୀନ 'ସିସିଏସ୍'...

ଭାବରେ ସ୍ଥାନାନ୍ତର କରିବା ପାଇଁ ଏକ ମାଷ୍ଟର ପ୍ଲାନ୍ ଉପରେ ଆଲୋଚନା କରାଯିବ। ଯୁଦ୍ଧ ଭାରତର ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପକାଇବ। ଭାରତ ଏହାର ୮୦% ରୁ ଅଧିକ ଅଶୋଧିତ ତୈଳ ଆମଦାନୀ କରେ, ଯାହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଉପସାଗରୀୟ ଦେଶଗୁଡ଼ିକରୁ ଆସିଥାଏ। ଯଦି ଯୁଦ୍ଧ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଅବରୋଧିତ ହୁଏ, ତେବେ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ହେବ। ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଭାରତରେ ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ସୃଷ୍ଟି କରିପାରେ। ଅର୍ଥମନ୍ତ୍ରୀଙ୍କ ସହ ସିସିଏସ ବୈଠକରେ ଏହି ଆର୍ଥିକ ଆଘାତରୁ ବର୍ତ୍ତିବା ପାଇଁ କଣ ଯୋଜନା କରାଯାଇପାରିବ ସେନେଇ ଆଲୋଚନା ହେବାର ସମ୍ଭାବନା ରହିଛି। ଇରାନର ଚାବାହାର ବନ୍ଦରର ବିକାଶ ପାଇଁ ଭାରତ କୋଟି କୋଟି ଟଙ୍କା ବିନିଯୋଗ କରିଛି। ଏହି ବନ୍ଦର ହେଉଛି ଭାରତର ମଧ୍ୟ ଏସିଆ ଓ ଆଫଗାନିସ୍ତାନ ପାଇଁ ପ୍ରବେଶ ପଥ, କାରଣ ଏହା ପାକିସ୍ତାନକୁ ବାଇପାସ କରେ। ଯଦି ଆମେରିକା ଓ ଇସ୍ରାଏଲ ଇରାନର ଭିତ୍ତିଭୂମିକୁ ନଷ୍ଟ କରନ୍ତି, ତେବେ ଏହି ସ୍ୱପ୍ନ ଓ ଏହି ନିବେଶ ଉଭୟ ବିପଦରେ ପଡ଼ିପାରେ।

### ଏବେ ୩୬ ଡିଗ୍ରୀ...

ସୂଚନାନୁସାରେ, ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ ସ୍ଥାନରେ ସର୍ବାଧିକ ଦିନର ତାପମାତ୍ରା ୩୫ ଡିଗ୍ରୀ ଏବଂ ଏହାଠାରୁ ଅଧିକ ରହିଥିଲା। ଝାରସୁଗୁଡାରେ ସର୍ବାଧିକ ୩୬.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ସମ୍ବଲପୁରରେ ୩୬.୬ ଡିଗ୍ରୀ, ହୀରାକୁଦରେ ୩୬.୪ ଡିଗ୍ରୀ, ସୋନପୁରରେ ୩୫.୯ ଡିଗ୍ରୀ, ଟିଟିଲାଗଡ଼ରେ ୩୫.୮ ଡିଗ୍ରୀ, ଭୁବନେଶ୍ୱରରେ ୩୫.୭ ଡିଗ୍ରୀ, ଅନୁଗୋଳରେ ୩୫.୭ ଡିଗ୍ରୀ, ଚାନ୍ଦବାଲିରେ ୩୫.୬ ଡିଗ୍ରୀ, ସୁନ୍ଦରଗଡରେ ୩୫.୫ ଡିଗ୍ରୀ, ତାଳଚେରରେ ୩୫.୪ ଡିଗ୍ରୀ, ରାଉରକେଲାରେ ୩୫.୪ ଡିଗ୍ରୀ, ବଲାଙ୍ଗୀରରେ ୩୫ ଡିଗ୍ରୀ ଏବଂ ଭଦ୍ରକରେ ୩୫ ଡିଗ୍ରୀ ରେକର୍ଡ ହୋଇଛି।

### ଯୋରନ୍ଦା ବିକାଶରେ...

ବେହେରାଙ୍କ ସମେତ ବିଭିନ୍ନ ରାଜନୈତିକ ନେତୃବୃନ୍ଦ ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ମନ୍ତ୍ରୀଙ୍କ ଏହି ପ୍ରୟାସକୁ ନେଇ ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ପ୍ରକାଶ ପାଇଛି। ମନ୍ତ୍ରୀ ମହୋଦୟଙ୍କ ପ୍ରତି ସ୍ଥାନୀୟ ଲୋକଙ୍କର ସ୍ୱତନ୍ତ୍ର ସମ୍ମାନ ଓ ଭଲପାଇବା ରହିଛି ଏବଂ ଆଗାମୀ ଦିନରେ ଏହି ଅଞ୍ଚଳର ବିକାଶ ପାଇଁ ଆହୁରି ଅନେକ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପରେ ଯୋରନ୍ଦା ଅଞ୍ଚଳରେ ବିକାଶର ଗୁଞ୍ଜରଣ ସୃଷ୍ଟି ହୋଇଛି।

### ବଲାଙ୍ଗୀର ଓ ବରଗଡ...

ବାହିନୀଙ୍କ ସମନ୍ୱିତ ପଦକ୍ଷେପ ଏବଂ ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଫଳରେ ଏହି ଦୁଇ ଜିଲ୍ଲାରୁ ନକ୍ସଲ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହୋଇପାରିଛି ବୋଲି ଡିଜିପି ସୂଚନା ଦେଇଛନ୍ତି। ପୋଲିସ ବାହିନୀର ସାହସ, ସଂଯମ ଓ ପ୍ରତିବଦ୍ଧତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇଛି। ସେ ଏହି ଅଭିଯାନରେ ଯୋଗଦେଇଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସାଧାରଣ ଲୋକଙ୍କ ସହଯୋଗ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟର ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଏହି ପ୍ରକାର ଅଭିଯାନକୁ ଆଗାମୀ ଦିନରେ ଅଧିକ ତୀବ୍ର କରାଯିବା ସହ ଶୀଘ୍ର ନକ୍ସଲ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି।

## ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭଦ୍ରକ, ୦୧।୦୩।(ଅକ୍ଷର ଓଡିଶା )ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗେଲପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜରାୟୁ ଗ୍ରୀବା କର୍କଟରୁ କିଶୋରୀ ବାଳିକାମାନଙ୍କୁ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଜାତୀୟ ଏଚ୍.ପି.ଭି (ଐଚଠ) ଟୀକାକରଣ କାର୍ଯ୍ୟକ୍ରମର ଆଜି ଶୁଭାରମ୍ଭ କରାଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲୀପ ରାଉତରାଏ ସବୁଜ ପତାକା ଦେଖାଇ ଟୀକାକରଣ ଅଭିଯାନର ଔପଚାରିକ ଆରମ୍ଭ କରିଥିଲେ ।ଏହି ଅଭିଯାନ ଅନୁସାରେ ୧୪ ରୁ ୧୫ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାଙ୍କୁ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିନାମୂଲ୍ୟରେ ଏଚ୍.ପି.ଭି ଟୀକା ପ୍ରଦାନ କରାଯିବ। ଭଦ୍ରକ ଜିଲ୍ଲାରେ ପ୍ରାୟ ୧୨ ହଜାରରୁ ଅଧିକ କିଶୋରୀ ବାଳିକାଙ୍କୁ ଏହି ଟୀକା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।ବିଧାୟକ ଶ୍ରୀ ମହାପାତ୍ର କହିଥିଲେ ଯେ, ଜରାୟୁ ଗ୍ରୀବା କର୍କଟ ରୋକ୍‌ଥାମରେ ଏହି ଟୀକା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଏହି ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଧନ୍ୟବାଦ ଜଣାଇଥିଲେ।

# ୧୫ ଶହ ଏକର ଶାମୁକା ପ୍ରକଳ୍ପରେ ହଜାର କୋଟି ଟଙ୍କାରେ ଟୁରିଷ୍ଟ ଟର୍ମିନାଲ ନିର୍ମାଣ ହେବ: ଉପମୁଖ୍ୟମନ୍ତ୍ରୀ

ପୁରୀ, ୧/୩ (ଅକ୍ଷର ଓଡ଼ିଶା)- ଆନ୍ତର୍ଜାତୀୟ ପର୍ଯ୍ୟଟନ ଓ ତୀର୍ଥସ୍ଥଳୀ ପୁରୀ । ପୁରୀରେ ପର୍ଯ୍ୟଟନର ବିକାଶ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ । ମଙ୍ଗଳା ମୁହାଣ ଠାରୁ ହରଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ୧୫ ଶହ ଏକର ଜମିରେ ଟୁରିଷ୍ଟ ଟର୍ମିନାଲ ନିର୍ମାଣ କରାଯିବ । ଦେଶ ବିଦେଶର ବିଭିନ୍ନ ହୋଟେଲ ଶିଳ୍ପର ମାଲିକ ମାନେ ଏଠାରେ ୧୫ ହଜାରରୁ ଅଧିକ ହୋଟେଲ ନିର୍ମାଣ କରି ବିଶ୍ ?ସ୍ତରୀୟ ହୋଟେଲ ଶିଳ୍ପକୁ ମାନ୍ୟତା ଦିଆଯିବ । ଆମେରିକାର କାରାଭାନ ସେଣ୍ଟର ପରି ବିଶ୍ୱସ୍ତରୀୟ ପର୍ଯ୍ୟଟନ କମ୍ପ୍ଲେକ୍ସ ନିର୍ମାଣ ହେବ । ଯାହାଫଳରେ ହଜାର ହଜାର ଯୁବକ ନିଯୁକ୍ତି ପାଇବା ସହ ରାଜ୍ୟ ଓ ଦେଶର ଅର୍ଥନୀତି ଅଭିବୃଦ୍ଧି ଘଟିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡା ମତବ୍ୟକ୍ତ କରିଛନ୍ତି । ଏଥିରେ ଅତ୍ୟାଧୁନିକ ସିନେମା ହଲ, ଗର୍ଲଫ, ସୁଇମିଙ୍ଗ ପୁଲ ପର୍ଯ୍ୟଟକଙ୍କ ପାଇଁ ଅନେକ ସୁବିଧାସୁଯୋଗ ରହିବ । ରବିବାର ପୂର୍ବାହ୍ନରେ ସ୍ଥାନୀୟ ହଲିଡେ ରିସୋର୍ଟ ଠାରେ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ ଅଫ ଓଡ଼ିଶାର ୪୦ତମ ପ୍ରତିଷ୍ଠା ଦିବସରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ଯୋଗଦେଇ କହିଥିଲେ। ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ପୁରୀରେ ପର୍ଯ୍ୟଟନ ସହ ଧାର୍ମିକକ୍ଷେତ୍ର ର ସୁଯୋଗ ରହିଛି । ହୋଟେଲ ଶିଳ୍ପ ବୃଦ୍ଧି ପାଇଁ ଅନେକ ସୁଯୋଗ ରହିଛି । ହାରୋ ପର୍ଯ୍ୟଟକଙ୍କ ଖୁସି ପାଇଁ ଏକ ପ୍ରେରଣାଦାୟକ ମଞ୍ଚ ହୋଇଛି । ଆମେରିକାର ଡିଜିନଲ୍ୟାଣ୍ଡର ୨୫ ମହଲା ଉପରୁ ଜଣେ ୭୦ ବର୍ଷୀୟ ବୃଦ୍ଧ ପର୍ଯ୍ୟଟକ ପିଲାଙ୍କ ପରି ସୁଇମିଙ୍ଗ ପୁଲୁର ମଜା ନେଇପାରୁଛି । ପୁରୀର ରେଲୱେ ଷ୍ଟେସନ, ଏୟାରପୋର୍ଟ ଓ ରାସ୍ତାଘାଟର ଉର୍ନ୍ନତି କରାଯିବ ।୨୫ ମହଲା କୋଠାରେ ରହିଲେ ପର୍ଯ୍ୟଟକ ଖୁସି ହେବେନି ସେମାନଙ୍କ ଆତିଥ୍ୟତା ବ୍ୟବହାର ଓ ସହଯୋଗର ହାତ ବଢ଼ାଇଲେ ସେମାନେ ଖୁସିବ୍ୟକ୍ତ କରିବେ । ଡିଜିଟାଲ ମିଡିଆ, ସୋସିଆଲ ମିଡିଆ, ଟ୍ୟୁଟର ଓ ଇନଷ୍ଟାଗ୍ରାମରେ ଓଡ଼ିଶାର ପର୍ଯ୍ୟଟନକୁ ପ୍ରଚାର କରିପାରିଲେ ବିଶ୍ୱବ୍ୟାପି ପର୍ଯ୍ୟଟକ ପୁରୀକୁ ଆସିବେ। ଓଡ଼ିଶାର ପାରମ୍ପାରିକ ବେଶ ପୋଷାକ, କୁର୍ତ୍ତା ପାଇଜାମା, ପାଟଶାଢ଼ୀ ଓ ଧୋତି ପିନ୍ଧି ହୋଟେଲରେ ପର୍ଯ୍ୟଟକଙ୍କ ସ୍ୱାଗତ କରାଯିବା ପାଇଁ ପରାମର୍ଶ ଦେଇଥିଲେ । ପୁରୀ ବିଧାୟକ ସୁନିଲ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ପର୍ଯ୍ୟଟନ କ୍ଷେତ୍ର ପାଇଁ ଚଳିତ ବଜେଟରେ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି । ପୁରୀରେ ଭିତ୍ତିଭୂମି ରହିଛି। ଏହାର ଉର୍ନ୍ନତି କରାଗଲେ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ନାମ ରହିବ । ହାରୋ ଚେୟାରମ୍ୟାନ ଜିତେନ୍ଦ୍ର କୁମାର ମହାନ୍ତି ଅନେକ ଗୁଡିଏ ଗଠନ ମୂଳକ ପ୍ରସ୍ତାବ ଦେବା ସହ ଆମେରିକାର ପର୍ଯ୍ୟଟନ ଶିଳ୍ପ ଏକ ଟିମ ପରିଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଶାମୁକା ପ୍ରକଳ୍ପରେ ମେଘା ଟୁରିଜିମ ଆରମ୍ଭ ହେବ । ବୁଦ୍ଧିଷ୍ଟ ଟୁରିଜିମ କରାଗଲେ ଅଧିକ ବୁଦ୍ଧିଷ୍ଟ ପର୍ଯ୍ୟଟକ ଓଡ଼ିଶାକୁ ଆସିପାରିବେ । ଏହି ଅବସରରେ ହାରୋର ଫାଉଣ୍ଡର ମେମ୍ବରଙ୍କ ସ୍ମୃତିରେ ସେମାନଙ୍କ ସମ୍ପର୍କୀୟ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ହାରୋର ଭାଇସ ଚେୟାରମ୍ୟାନ ରାଜକିଶୋର ପାତ୍ରଙ୍କ ସମେତ ହାରୋର ସଦସ୍ୟ ମାନେ ଉପସ୍ଥିତ ଥିଲେ ।




## ସେବାଶ୍ରମ ବିଦ୍ୟାଳୟର ଛାତ୍ରଙ୍କ ଦୁଃସାହସିକ ଜଳ କ୍ରୀଡା



ବାଲିଗୁଡା, ୧/୩(ବିଭୂତି ଲହରିଆ) ସେବାଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚେକ ଡ୍ୟାମରେ ଜଳକ୍ରୀଡା ପ୍ରଦର୍ଶନୀ । ବିପଦ ସଂକୁଳ ଅବସ୍ଥାରେ ଜୀବନକୁ ବାଜି ଲଗାଇ ଏପରି ଦୁଃସାହସିକ କ୍ରୀଡା ଦେଖାଉଛନ୍ତି କୋମଳମତି ଛାତ୍ର । ତେବେ ଏପରି ଦୁଃସାହସିକ କ୍ରୀଡା ପ୍ରଦର୍ଶନ ରେ ଚେକ ଡ୍ୟାମ ପାଣିରେ କିଛି ବି ଅଘଟଣ ଘଟିପାରେ । କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ପରମପାଙ୍ଗା

### ଅଘଟଣ ହେଲେ ଦାୟୀ ହେବ କିଏ ?

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରୁ ଆସିଛି ଏପରି ବିକଳ ଚିତ୍ର କ୍ଷ କିପରି ଚେକ ଡ୍ୟାମ ରେ କୋମଳମତି ଛାତ୍ର ମାନେ ପାଣିକୁ ଡେଉଁଛନ୍ତି ଓ କିପରି ଜୀବନ କୁ ବାଜି ଲଗେଇ ପହଁରି ପୁଣି କୂଳକୁ ଯାଉଛନ୍ତି ଏହାର ଭି?ଓ ଭାଇରଲ ପରେ ଏପରି ଘଟଣା ସାମ୍ନା କୁ ଆସିଛି କ୍ଷ ସତେ ଯେପରି ଚେକ ଡ୍ୟାମ ରେ ଲାଗୁଛି କୌଣସି ସନ୍ତରଣ ପ୍ରତିଯୋଗିତା ଚାଲିଛି ଓ ଛାତ୍ର ମାନେ ନିଜ ନିଜ ର ଦୁଃସାହସିକ କ୍ରୀଡା ପ୍ରଦର୍ଶନ କରୁଛନ୍ତି । ଖାଲି ସେତିକି ନୁହେଁ ହଷ୍ଟେଲ ର ପ୍ରାୟ ଶହେରୁ ଉର୍ଦ୍ଧ ଛାତ୍ରୀ ଓ ଚାଳିଶି ରୁ ଉର୍ଦ୍ଧ ଛାତ୍ର ବିଦ୍ୟାଳୟ ବାହାରେ ଆସି ଏପରି ଚେକ ଡ୍ୟାମ ରେ ଗାଧଉଥିବା ଚିତ୍ର ମଧ୍ୟ ସାମ୍ନା କୁ ଆସିଛି । ବିଦ୍ୟାଳୟ ପଛପଟେ ଥିବା ଚେକ ଡ୍ୟାମ ରେ ଛାତ୍ରଛାତ୍ରୀ ମାନେ ଅସୁରକ୍ଷିତ ଭାବେ ବିପଦପୂର୍ଣ୍ଣ ଭାବେ ଏପରି ଗାଧଉଛନ୍ତି । ତେବେ ପ୍ରଶ୍ନ ଉଠୁଛି ଯଦି କୋମଳମତି ଛାତ୍ର ଛାତ୍ରୀ ଙ୍କ ସହ କିଛି ବି ଅଘଟଣ ଘଟେ ଏଥିପାଇଁ କିଏ ଦାୟୀ ରହିବେ ।ତେବେ ଏ ନେଇ ସେବାଶ୍ରମ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କମଳିନୀ ଦେଶୀ ନାୟକ ଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ବି କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି । ତେବେ ସେବାଶ୍ରମ ବିଦ୍ୟାଳୟ ରୁ ଏପରି ବିକଳ ଚିତ୍ର ସାମ୍ନା କୁ ଆସିବା ପରେ ଜିଲ୍ଲା ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ସମୟ ସାପେକ୍ଷ।

# ପମି ପୁନିଆର ଓଡ଼ିଆ ଲୋକ ଗୀତ ଢଗଢମାଳିରେ ଦର୍ଶକ ବିମୋହିତ




ଭୁବନେଶ୍ୱର, ୧/୩- ଭୁବନେଶ୍ୱର ଜୟଦେବ ଭବନ ଠାରେ ଆଜି ଓଡିଶା ସିନେ ୱାର୍କର୍ସ ଆସୋସିଏସନ ଓ ଅଲ ଇଣ୍ଡିଆନ ସିନେ ୱାର୍କର୍ସ ଆଶ୍ୱେସାସିଏସନ ର ଦ୍ୱାଦଶ ଚଳଚ୍ଚିତ୍ର ପୁରସ୍କାର ଓ କବି କଳାକାର ମହାକୁମ୍ଭ ମହାଡମ୍ବରରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସାହିତ୍ୟ ଏକାଡେମୀ ର ମିଳିତ ସହଯୋଗ ରେ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି,ଅନୁଷ୍ଠାନ ର ସଭାପତି ଶ୍ରୀଯୁକ୍ତ ଅଶ୍ରୁମୋଚନମହାନ୍ତି ଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ମାନନୀୟା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଯୋଗଦେଇ ଆନୁଷ୍ଠାନିକଭାବେ ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ରିକା ସିନେ ସମାଚାର କୁ ବାଚସ୍ପତି ମହୋଦୟା ଉନ୍ମୋଚନ କରି ଶୁଭେଚ୍ଛା ଜଣାଇଥିଲେ,, ପରେ ଅନୁଷ୍ଠାନ ସମ୍ବନ୍ଧରେ ଖୁବ ଲମ୍ବା ସମୟ ପ୍ରଶଂସା କରିବାସହିତ ସମ୍ପାଦକ ଡ଼. ପୂର୍ଣ୍ଣ ଚନ୍ଦ୍ର ବେହେରା ଙ୍କୁ ସାଧୁବାଦ ଜଣାଇଥିଲେ, ଶେଷରେ ମା 'ଶୀର୍ଷକ କବିତା ପାଠକରି କବି ମହାକୁମ୍ଭ କୁ ସ୍ୱାଗତ ଜଣାଇଥିଲେ, ତିରିଶି ଜିଲ୍ଲାରୁ ଆସିଥିବା ଏକ ହଜାର ରୁ ଉର୍ଦ୍ଧ କବି କଳାକାର ଙ୍କୁ ଧନ୍ୟବାଦ ଜଣାଇଥିଲେ, କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ସମ୍ପାଦକ ଡ଼. ବେହେରା ସମ୍ପାଦକୀୟ ବିବରଣୀ ପାଠ କରିବାସହିତ ସିନେ ଶ୍ରମିକ ମାନଙ୍କ ପାଇଁ କେନ୍ଦ୍ର ସରକାର ଯୋଗାଉଥିବା ଯୋଜନା ବିଷୟରେ ଆଲୋକପାତ କରିଥିଲେ, ଏହି ମହାକୁମ୍ଭ ରେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ,ଶ୍ରୀଯୁକ୍ତ ଜଗନ୍ନାଥ ପ୍ରଧାନ, ଖୋର୍ଦ୍ଧା, ମେଘ ମହ୍ଲାର ଭଜନ ସନ୍ଧ୍ୟା, ଖୋର୍ଦ୍ଧା,ସରସତୀ କଳାପରିଷଦ କନ୍ଦରପୁର ଓ ତ୍ରିଶକ୍ତି ଅନୁଷ୍ଠାନ କଟକ ର କଳାକାର ମାନେ କଳା ପରିବେଷଣ କରିଥିଲେ, ପମି ମିଶ୍ର ଓ ପୂର୍ଣ୍ଣ ଚନ୍ଦ୍ର ଙ୍କ ଢଗଢମାଳି ଗୀତରେ ଦୁଇ କଣ୍ଠ ଶିଳ୍ପୀ ଓ କଳାହାଣ୍ଡି ର କଟାପା ନୃତ୍ୟ କରି ଦର୍ଶକ ଙ୍କ ମନ ମୋହିଥିଲେ, ଏହି ଅବସରରେ ବରିଷ୍ଠ ଘୋଡାନାଚ ଗୁରୁ ଶ୍ରୀଯୁକ୍ତ ଗୋପାଳ ବେହେରା ଙ୍କୁ ଗାୟକ ସୁରଭି ସମ୍ମାନ,ମା ମଙ୍ଗଳା ଭାରତଲୀଳା ର ପରିଚାଳକ ଓଁ ପ୍ରକାଶ ମହାଦେବ ଙ୍କୁ କଳନିଧି ସମ୍ମାନ, ବିଚିତ୍ରା ନନ୍ଦ ରୟଗୁରୁ ମହାପାତ୍ର ଙ୍କୁ ସାହିତ୍ୟ ସୁରଭି ସମ୍ମାନ, ବିଜୟ କୁମାର ଜେନା ଙ୍କୁ ସେବନିଧି ସମ୍ମାନ, ସିନେ କଳାକାର ମାନଙ୍କୁ ଉତ୍କଳ କେଶରୀ ଚଳଚ୍ଚିତ୍ର ସମ୍ମାନ, ନୃତ୍ୟକାରୀ ମାନଙ୍କୁ ନୃତ୍ୟ ମଞ୍ଜରୀ ସମ୍ମାନ ଓ ବରଗଡ଼ ରୁ ଆସିଥିବା ଡ଼. ବିକ୍ରମ ସାହୁ ଓ କୁନି କଂସ ଙ୍କୁ କଳାନିଧି ସମ୍ମାନ ରେ ସମ୍ମାନିତ କରାଯାଇଥିଲା, କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ସମସ୍ତ କଳାକାର ମାନଙ୍କୁ ପ୍ରମାଣ ପତ୍ର ଦିଆଯାଇଥିଲା।

## ଢେଙ୍କାନାଳରେ ପ୍ରଦୂଷଣ ନିୟନ୍ତ୍ରଣ କେନ୍ଦ୍ର ମାଲିକ ସଂଘର ବୈଠକ | ନିରଞ୍ଜନ ଧୀର ନୂତନ ସଭାପତି




ଢେଙ୍କାନାଳ, ୧/୩ (ଅକ୍ଷର ଓଡ଼ିଶା)- ସ୍ଥାନୀୟ ନିରୁପମା ହୋଟେଲ ପରିସରରେ ଆଜି ଜିଲ୍ଲାର ସମସ୍ତ ପ୍ରଦୂଷଣ ନିୟନ୍ତ୍ରଣ କେନ୍ଦ୍ର ମାଲିକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ନୂତନ କର୍ମକର୍ତ୍ତା ଚୟନ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ ନିରଞ୍ଜନ ଧୀରଙ୍କୁ ସଂଘର ନୂତନ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଯନ୍ତ୍ରୀ ଅବିନାଶ ଦାସଙ୍କୁ ଉପ-ସଭାପତି ପଦ ପାଇଁ ମନୋନୀତ କରାଯାଇଛି। ସେହିପରି ଧର୍ମେନ୍ଦ୍ର ଜେନାଙ୍କୁ ସମ୍ପାଦକ ଏବଂ ନନ୍ଦୀଶ୍ୱର ପୃଷ୍ଟିଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଏହା ସହିତ ସଂଘର ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଏକ ମୁଖ୍ୟ କମିଟି ଗଠନ କରାଯାଇଛି। ଏଥିରେ ରାଜେନ୍ଦ୍ର ବେହେରା, ରଞ୍ଜନ କୁମାର ମହାନ୍ତି, ନରେଶ କୁମାର ଦାସ ଏବଂ ସଂଗ୍ରାମ ପରିଡ଼ାଙ୍କୁ ସଦସ୍ୟ ଭାବେ ସାମିଲ କରାଯାଇଛି। ବୈଠକରେ ଉପସ୍ଥିତ ଅନ୍ୟ ସମସ୍ତ ସଦସ୍ୟମାନେ ନୂତନ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ କୃପାସିନ୍ଧୁ ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ




ହିଞ୍ଜିଳିକାଟୁ, ୧/୩ (ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁ ମାଁ ଶ୍ୟାମଳାଇ ମନ୍ଦିର ପରିସର କଲ୍ୟାଣ ମଣ୍ଡପ ଠାରେ ରବିବାର ଭାରତୀୟ ଜନତା ପାର୍ଟି ଆସ୍କା ଜିଲ୍ଲା ସାଙ୍ଗଠନିକ ପକ୍ଷରୁ ଜିଲ୍ଲା ସଭାପତି ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଯୋଜନା ବୈଠକ ମାଧ୍ୟମରେ ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ୧୯୫୩ ରୁ ୧୯୬୮ ପର୍ଯ୍ୟନ୍ତ ଭାରତୀୟ ଜନସଂଘର ନେତା ଥିଲେ। ଜଣେ ଗଭୀର ଦାର୍ଶନିକ, ଉତ୍କର୍ଷ ସଂଗଠକ ଏବଂ ବ୍ୟକ୍ତିଗତ ଅଖଣ୍ଡତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିଥିବା ନେତା, ସେ ବିଜେପି ଆରମ୍ଭରୁ ହିଁ ଏହାର ଆଦର୍ଶ ମାର୍ଗଦର୍ଶନ ଏବଂ ନୈତିକ ପ୍ରେରଣାର ଉତ୍ସ ହୋଇଆସିଛନ୍ତି। ତାଙ୍କର ଗ୍ରନ୍ଥ 'ଇଣ୍ଟିଗ୍ରାଲ ହ୍ୟୁମାନିଜମ୍', ଯାହା ସାମ୍ୟବାଦ ଏବଂ ପୁଞ୍ଜିବାଦ ଉଭୟର ସମାଲୋଚନା, ସୃଷ୍ଟିର ନିୟମ ଏବଂ ମାନବ ଜାତିର ସାର୍ବଜନୀନ ଆବଶ୍ୟକତା ସହିତ ସୁସଙ୍ଗତ ରାଜନୈତିକ କାର୍ଯ୍ୟ ଏବଂ ରାଷ୍ଟ୍ରନୀତି ପାଇଁ ଏକ ସାମଗ୍ରିକ ବିକଳ୍ପ ଦୃଷ୍ଟିକୋଣ ପ୍ରଦାନ କରେ ।ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ସେପ୍ଟେମ୍ବର ୨୫, ୧୯୧୬ ରେ ମଥୁରା ଜିଲ୍ଲାର ନାଗଲା ଚନ୍ଦ୍ରଭାନ ଗ୍ରାମର ପବିତ୍ର ବ୍ରଜ କ୍ଷେତ୍ରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ପ୍ରସିଦ୍ଧ ଜ୍ୟୋତିଷ ଥିଲେ। ତାଙ୍କ କୁଣ୍ଡଳୀ ଅଧ୍ୟୟନ କରିଥିବା ଜଣେ ଜ୍ୟୋତିଷ ଭବିଷ୍ୟବାଣୀ କରିଥିଲେ ଯେ ପୁଅ ଜଣେ ମହାନ ବିଦ୍ୱାନ ଏବଂ ଚିନ୍ତାନାୟକ, ଜଣେ ନିଃସ୍ୱାର୍ଥପର କର୍ମୀ ଏବଂ ଜଣେ ପ୍ରମୁଖ ରାଜନେତା ହେବେ - କିନ୍ତୁ ସେ ବିବାହ କରିବେ ନାହିଁ ।ପଣ୍ଡିତ ଦୀନଦୟାଲଜୀ ସେପ୍ଟେମ୍ବର ୨୧, ୧୯୫୧ ରେ ୟୁପିର ଏକ ରାଜନୈତିକ ସମ୍ମିଳନୀ ଡାକି ନୂତନ ଦଳ, ଭାରତୀୟ ଜନସଂଘର ରାଜ୍ୟ ୟୁନିଟ୍ ପ୍ରତିଷ୍ଠା କରିଥିଲେ। ପଣ୍ଡିତ ଦୀନଦୟାଲଜୀ ଥିଲେ ପ୍ରେରଣାଦାୟକ ଆତ୍ମା ଏବଂ ଡକ୍ଟର ମୁଖାର୍ଜୀ ୨୧ ଅକ୍ଟୋବର ୧୯୫୧ ରେ ଅନୁଷ୍ଠିତ ପ୍ରଥମ ସର୍ବଭାରତୀୟ ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥି ମଣ୍ଡଳ ସ୍ତରରେ ଏହି ପ୍ରଶିକ୍ଷଣ ଅଭିଯାନକୁ କିଭଳି ସୁସଂଗଠିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ତାହା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢ଼ୀ, ହିଞ୍ଜିଳି ବିଜେପି ବିଧାୟକ ପାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଜିଲ୍ଲା ପ୍ରଭାରୀ ପ୍ରକାଶ ଚନ୍ଦ୍ର ମଙ୍ଗରାଜ ଏବଂ ସମସ୍ତ ଜିଲ୍ଲା ପଦାଧିକାରୀଙ୍କ ସହିତ ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହିଥିଲେ ।

## ଦିବ୍ୟାଙ୍ଗମାନଙ୍କ ବିଜ୍ଞାନ କେନ୍ଦ୍ର ଓ ଚିଡିଆଖାନା ପରିଦର୍ଶନ



କାମାକ୍ଷାନଗର-୧/୩(ସୁମନ୍ତ ଜେନା) ଦିବ୍ୟାଙ୍ଗ ମାନଙ୍କ ପାଇଁ ସବୁବେଳେ ପରିବାର ଚିନ୍ତାରେ ଥିବାବେଳେ ତାଙ୍କ ପାଇଁ ଖୁସି ଟିକିଏ ଆଣିବା ଓ ବାହ୍ୟ ଜ୍ଞାନ ଗ୍ରହଣ କରିବା ନେଇ ଆଇନ ସଂଗଠନ ସବୁବେଳେ ଚେଷ୍ଟିତ ।କାମାକ୍ଷାନଗର ବ୍ଲକ୍ ଓ କଙ୍କଡ଼ାହାଡ଼ ବ୍ଲକ୍ ରେ କାର୍ଯ୍ୟ କରୁଥିବା ବ୍ଲକ୍ ର ଅଗ୍ରଣୀ ସ୍ୱେଚ୍ଛା ।ସେବୀ ସଂଗଠନ ଆଇନା ସଂଯୋଜିକା ସଙ୍ଗୀତା ଦାସ, ଓ ସଂଗଠନର ଲଳିତ ସେଠି ଙ୍କ ଦତ୍ୱାବଧନ ରେ ବିଜ୍ଞାନଦିବସ ଅବସରରେ ଢେ଼ଙ୍କାନାଳ ବିଜ୍ଞାନକେନ୍ଦ୍ର ଓ କପିଳାସ ର ଚିଡ଼ିଆଖାନା ପରିଭ୍ରମଣ ରେ ନେଇଥିଲେ ।

**ସଦର ବ୍ଲକର ଦୁର୍ନୀତି ପେଡି**

# ମୋ ବଗିଚା ନାଁରେ ଲକ୍ଷାଧିକ ଟଙ୍କାର ଘୋଟଲା



ଢେଙ୍କାନାଳ : ୧/୩ ( ବିଜ୍ଞାନ ମହାନ୍ତି ) ବର୍ତ୍ତମାନର ବିରୋଧୀ ଦଳ ବା ପୂର୍ବ ସରକାର ବର୍ତ୍ତମାନ ଚାଷୀ ମାନଙ୍କ ପାଇଁ ନ୍ୟାୟ ମାଗି ଆନ୍ଦୋଳନକୁ ଓଲହାଉଥିବା ବେଳେ ସମ୍ନାକୁ ଆସିଛି ନବୀନ ସରକାର ଙ୍କ ସ୍ୱଛତା ଓ ପରିବର୍ତ୍ତନର ନଗ୍ନ ଚିତ୍ର । ଚାଷୀଙ୍କ ନାଁରେ ଢେଙ୍କାନାଳ ଜିଲ୍ଲାରେ ଦୁର୍ନୀତିର ପାହାଡ଼ । ସୂଚନା ଅନୁଯାଇ ୨୦୨୨/୨୩ ମସିହାରେ ମନରେଗା ମାଧମରେ ପୂର୍ବତନ ସରକାର ଏକ ଯୋଜନା ଆଣିଥିଲେ । ଯାହାର ନାମ ଥିଲା ମୋ ଉପକାରୀ ବଗିଚା । ଏହାର ସରକାରୀ ଉଦେଶ୍ୟ ଥିଲା ଗରିବ ଚାଷୀ ମାନେ ସରକାରୀ ସହାୟତାରେ ନିଜ ବାଡ଼ିରେ ଚାଷ କରି ଲାଭବନ ହେବା ସହିତ ରୋଜଗାରକ୍ଷମ ହୋଇପାରିବେ, ପରନ୍ତୁ ଏହାର ମୁଖ୍ୟ ଉଦେଶ୍ୟ ଥିଲା ହରିଲୁଟ କରିବା । ସୂଚନା ଅନୁଯାଇ ଢେଙ୍କାନାଳ ଜିଲ୍ଲାର ସଦର ବ୍ଲକରେ ପାଖାପାଖି

- ପୂର୍ବ ସରକାରରେ ହୋଇଥିଲା କାମ
- କାମର ମିଳୁନି ଫାଇଲ, ଖର୍ଚ୍ଚ ହୋଇଛି କୋଟି କୋଟି ଟଙ୍କା

୫୦ ହଜାର ଚାଷୀଙ୍କୁ ଏହି ସୁବିଧା ଦିଆଯାଇଥିବା ବେଳେ ଖର୍ଚ୍ଚ ହୋଇଛି କୋଟି କୋଟି ଟଙ୍କା । କିନ୍ତୁ ଏହାର କୌଣସି ଫାଇଲ, ଦସ୍ତାବିଜ, ଫୋଟୋ ନଥିବା ଚିନ୍ତାର ବିଷୟ ପାଲଟିଛି । କେଉଁ ହିତାଧିକାରୀ ଉପକୃତ ହୋଇଛନ୍ତି ତାହା ମଧ ଜାଣିବା କଷ୍ଟ । ସରକାରୀ ରାଜକୋଷରୁ ଅର୍ଥ ଆସିଛି ହେଲେ ଚାଷୀ ଙ୍କ ପାଖକୁ ନଯାଇ ବାଟମାରଣା ହୋଇଥିବା ଅଭିଯୋଗ ଆସିଛି । ଏହି ଯୋଜନାରେ କେଉଁ ଅଧିକାରୀ ମୁଁହ ଖୋଲୁ ନଥିବା ବେଳେ ପୂର୍ବ ସରକାରରେ ଥିବା ଅଧିକାରୀ ପଣସ ଖାଇ ଅଠା ବୋଲିବା କଥା ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ସଦର ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକରୀ କିଶୋର କୁମାର ସାହୁ ଏ ସମ୍ପର୍କ ମୁଁ ତଦନ୍ତ କରୁଛି ଯାହା ସତ୍ୟ ତାହା ସାମ୍ନାକୁ ଆସିବ ଓ ଯିଏ ଭୁଲ କରିଥିବ ତା ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ସମ୍ମାନ



ଖଜୁରିଆକଟା୧/୩(ନୀଳକଣ୍ଠ ଦାସ) : ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ରସାୟନ ବିଭାଗର ବାର୍ଷିକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି କ୍ଷ ପରିବେଶ ପ୍ରଦୂଷଣ ଓ ମାନବ ସମାଜ ଉପରେ ଆଧାରିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ସଭାପତିତ୍ୱ କରିବା ସହିତ ପ୍ରସଙ୍ଗ କ୍ରମରେ ଅରଣ୍ୟ ସମ୍ପଦର କ୍ରମକ୍ଷୟକୁ ଦୃଷ୍ଟିରେ ରଖି ବୃକ୍ଷସମ୍ପଦ ସୃଷ୍ଟି କରାଯିବା ଆବଶ୍ୟକ ବୋଲି ମାର୍ଗ ଦର୍ଶନ ଦେଇଥିଲେ କ୍ଷ ମୁଖ୍ୟବକ୍ତା ରୂପେ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଶମ୍ଭୁପ୍ରସାଦ ପ୍ରଧାନ ଯୋଗଦେଇ ରସାୟନ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିବା ସହ ପରିବେଶ ପ୍ରଦୂଷଣ ରୋକିବା ପାଇଁ ସମସ୍ତେ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆଗଭର ହେବା ଦରକାର ବୋଲି ମତପୋଷଣ କରିଥିଲେ କ୍ଷ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ଓ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ନିଜର ଅଭିଭାଷଣ ରଖିଥିଲେ କ୍ଷ ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ପତି ପ୍ରାରମ୍ଭିକ ସୂଚନାରେ ଅତିଥି ପରିଚୟ ପ୍ରଦାନ କରିବା ସହିତ ରୋପିବା ଗୋଟିଏ ବୃକ୍ଷ ,ରଖିବା କୋଟିଏ ଜୀବନ ବୋଲି ସ୍ଲୋଗାନ ଦେଇଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧ୍ୟାପକ ସୁବ୍ରତ ସ୍ମୃତି ରଞ୍ଜନ ମିଶ୍ର,ଡେମନଷ୍ଟେଟର ସରୋଜ କୁମାର ସାହୁ, ସୁଧାଂଶୁ ଶେଖର ମିଶ୍ର , ସହାୟକ ତ୍ରିପୁରାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ବିଭାଗର ଛାତ୍ର ଛାତ୍ରୀ ମାନେ ପ୍ରସ୍ତୁତ କରିଥିବା ସନ୍ଦର୍ଭକୁ ପାଠ କରିବା ପରେ ବିଭାଗର ଅଧ୍ୟାପିକା ଏଲିଶା ଖଡିରନ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାମାକ୍ଷାନଗର- ୧/୩(ସୁମନ୍ତ ଜେନା) : କାମାକ୍ଷାନଗର ବ୍ଲକ ଅନ୍ତର୍ଗତ କାନପୁରାସ୍ଥିତ ପଞ୍ଚାୟତରାଜ୍ ଉଚ୍ଚ ବିଦ୍ୟାଳୟରେ କାମାକ୍ଷାନଗର ବ୍ଲକ ଓଷ୍ଟା ଓ ଉକ୍ତ ବିଦ୍ୟାଳୟର ଆନୁକୂଲ୍ୟରେ ସହକାରୀ ଶିକ୍ଷକ ସୁରେଶ କୁମାର ବିଶ୍ୱାଳଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଢେଙ୍କାନାଳ ଜିଲ୍ଲା ଓଷ୍ଟା ସଭାପତି ଶ୍ରୀରାମ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା କାମାକ୍ଷାନଗର ବ୍ଲକ ଓଷ୍ଟା ସଭାପତି ପ୍ରବୋଧ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ଶିକ୍ଷାବିତ ବଟକୃଷ୍ଣ ଦାସ , ପ୍ରମୋଦ କୁମାର ମିଶ୍ର , ଲୋକନାଥ ଷଡ଼ଙ୍ଗୀ , କୈଳାଶ ଚନ୍ଦ୍ର ପୃଷ୍ଟି , କୈଳାସ ଚନ୍ଦ୍ର ବିଶ୍ୱାଳ, ଢେଙ୍କାନାଳ ଜିଲ୍ଲା ଓଷ୍ଟା ପୂର୍ବତନ ସଭାପତି ସନ୍ତୋଷ ପାଣିଗ୍ରାହୀ , ପୂର୍ବତନ ସମ୍ପାଦକ ବିଭୂତି ବିଶ୍ୱାଳ , ଜିଲ୍ଲା ଉପଦେଷ୍ଟା ବିନୋଦ କୁମାର ସ୍ୱାଇଁ , ଉପଦେଷ୍ଟା ପ୍ରଶାନ୍ତ ଧଳ, ବିଦ୍ୟାଳୟ ର ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ରାଉତ , ପୂର୍ବତନ ଛାତ୍ର ସଂସଦ ସଭାପତି ନିହାରକାନ୍ତ ରାଉତ , ସମ୍ପାଦକ ଜିତେନ୍ଦ୍ରପ୍ରସାଦ ସାମଲ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ବିଦାୟୀ ଶିକ୍ଷକଙ୍କୁ ମାନପତ୍ର , ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜଣେ ଆଦର୍ଶ କଳା ଶିକ୍ଷକ ତଥା ଜେ ଆର ସି କାଉନସିଲର ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିବା ଶ୍ରୀ ବିଶ୍ୱାଳଙ୍କର ବଳିଷ୍ଠ ଅବଦାନ ତଥା ବିଦ୍ୟାଳୟ ଟି ଜିଲ୍ଲା ଓ ରାଜ୍ୟ ସ୍ତରୀୟ ପୁରସ୍କାର ପାଇବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ପ୍ରଧାନଶିକ୍ଷକ ମତବ୍ୟକ୍ତ କରିଥିଲେ । ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ସମସ୍ତଙ୍କୁ ସ୍ୱାଗତ କରିବାସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ ଓଷ୍ଟା ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଚନ୍ଦ୍ରମଣି ଲେଙ୍କା , ରୁଦ୍ରନାରାୟଣ ପରିଡା , ବାନାର୍ଜୀ ମହାନ୍ତି , ଶିକ୍ଷୟିତ୍ରୀ କବିତା ରାଉତ , ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି , ରବିନାରାୟଣ ରାଉତ , ଶାନ୍ତନୁ ରାଉତ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାକର୍ମଚାରୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ବ୍ଲକ ତଥା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ , ସହକାରୀ ଶିକ୍ଷକ, ଗ୍ରାମବାସୀ, ପରିଚାଳନା କମିଟିର ସଭ୍ୟ, ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## ଗଁଡିଆ ଥାନାରେ ଦୋଳଯାତ୍ରା ପ୍ରସ୍ତୁତି ବୈଠକ

# ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ

ଗଁଡିଆ, ୧/୩(ବେତୁଜୀ ପ୍ରସାଦ): ପରମ୍ପରା ଅନୁଯାୟୀ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଗଁଡିଆ ଥାନା ପରିସରରେ ଦୋଳ ଯାତ୍ରା ଆୟୋଜନ ହେବ । ଏହି ପବିତ୍ର ପର୍ବକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଆଜି ସନ୍ଧ୍ୟାରେ ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଆଗାମୀ ମାର୍ଚ୍ଚ ୯ ତାରିଖରେ ହେବାକୁ ଥିବା ଏହି ଦୋଳ ଯାତ୍ରାକୁ କିପରି ଅଧିକ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ଏବଂ ଠାକୁରଙ୍କ ଦୋଳ ବିମାନ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ କିଭଳି ସୁବ୍ୟବସ୍ଥିତ କରାଯିବ, ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।ଗଁଡିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଥାନାର ସବ୍ ?-ଇନ୍ସପେକ୍ଟର ହୃଦାନନ୍ଦ ମହନନ୍ଦଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏଥିସହ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନପ୍ରତିନିଧି ଯୋଗଦେଇଥିଲେ, ସେମାନଙ୍କ ମଧ୍ୟରେ ଗଁଡିଆ ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ବ୍ଲକ ପୂର୍ବତନ ଅଧକ୍ଷ ମଳୟ



କୁମାର ସିଂ, ସମିତି ସଭ୍ୟ ବଳରାମ ପରିଡ଼ା, ସରପଞ୍ଚ ପ୍ରଦୀପ କୁମାର ରାଉତ, ସମାଜସେବୀ ତାପସ ରାଉତ, ବିରେନ୍ଦ୍ର ଜେନା, ସୀତାକାନ୍ତ ସାହୁ, ତାପସ ଧୀରସାମନ୍ତ, ଡମ୍ବୁରୁ ସେଠି, ଭୋଲେଶ୍ୱର ରାଉତ ପ୍ରମୁଖ ଓ ବହୁ ବରିଷ୍ଠ ନାଗରିକ ସାମିଲ ଥିଲେ । ପର୍ବଟିକୁ ସମସ୍ତଙ୍କ ସହଯୋଗରେ ସାମ୍ପ୍ରଦାୟିକ ସଦ୍ଭାବ ଓ ଭକ୍ତିପୂର୍ଣ୍ଣ ପରିବେଶରେ ପାଳନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି ।

## କାମାକ୍ଷାନଗର ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା




କାମାକ୍ଷାନଗର-୧/୩(ସୁମନ୍ତ ଜେନା) : କାମାକ୍ଷାନଗର ମହାବିଦ୍ୟାଳୟ ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଅଛି । ପଦାର୍ଥ ବିଜ୍ଞାନର ମୁଖ୍ୟ ତଥା ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ପ୍ରାଧ୍ୟାପକ ରଞ୍ଜନ କୁମାର ପୃଷ୍ଟିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ଜଗନ୍ନାଥ ପରିଡା,ଗ୍ରନ୍ଥାଗାରିକ ଉଦୟନାଥ ବେହେରା ଏବଂ ବିଜ୍ଞାନାଗାର ପରିଚାରକ ଗୋଲକ ବିହାରୀ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଅଧକ୍ଷ ଶ୍ରୀଯୁକ୍ତ ପରିଡାତାଙ୍କର ନଅ ମାସ କାର୍ଯ୍ୟକାଳ ମଧ୍ୟରେ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀଙ୍କ ସହଯୋଗ ଏବଂ ଭଲପାଇବାରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିବାରୁ ନିଜକୁ ଗୌରବାନ୍ୱିତ ମନେକରିଥିବା ପ୍ରକାଶ କରିଥିଲେ । ଗ୍ରନ୍ଥାଗାରିକ ଶ୍ରୀ ବେହେରା ଏବଂ ବିଜ୍ଞାନାଗାର ପରିଚାରକ ଶ୍ରୀ ପାତ୍ର ତାଙ୍କର କର୍ମମୟ ଜୀବନର ବିଭିନ୍ନ ଅନୁଭୂତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପ୍ରାଧ୍ୟାପକ ଶ୍ରୀକାନ୍ତ କୁମାର ପ୍ରଧାନ, ପ୍ରାଧ୍ୟାପିକା ସୁବାସିନୀ ସାଠୁଆ ମହାପାତ୍ର, ଅଧ୍ୟାପକ ସତ୍ୟନାରାୟଣ ମିଶ୍ର, ଅଧ୍ୟାପକ ଜ୍ଞାନରଞ୍ଜନ ମିଶ୍ର, ଅଧ୍ୟାପକ ରଶ୍ମିରଞ୍ଜନ ସେନାପତି, ଅଧ୍ୟାପକ ଚିନ୍ମୟ କୁମାର ମିଶ୍ର, ଅଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ, ପ୍ରତିପାଦକ ପ୍ରଶାନ୍ତ କୁମାର ପଣ୍ଡା, ମୁଖ୍ୟ କିରାଣୀ ପଞ୍ଚାନନ ଜେନା ପ୍ରମୁଖ ଅଧକ୍ଷ ଶ୍ରୀଯୁକ୍ତ ପରିଡା ନଅ ମାସ ମଧ୍ୟରେ ନିଷ୍ଠାର ସହ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରି ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଥିବା ପ୍ରକାଶ କରିଥିଲେ । ସେହିପରି ଗ୍ରନ୍ଥାଗାରିକ ଶ୍ରୀ ବେହେରା ୧୯୯୬ ମସିହାରୁ ଏବଂ ବିଜ୍ଞାନାଗାର ପରିଚାରକ ଶ୍ରୀ ପାତ୍ର ୧୯୮୫ ମସିହାରୁ କାର୍ଯ୍ୟରେ ଯୋଗଦାନକରି ସଚ୍ଚୋଟ ଓ ନିର୍ଭୀକତାର ସହ କାର୍ଯ୍ୟ ସମ୍ପାଦନ କରି କର୍ମଚାରୀ ଓ ଛାତ୍ରଛାତ୍ରୀ ମାନଙ୍କର ଅତି ଆପଣାର ହୋଇପାରିଥିବା ପ୍ରକାଶ କରିଥିଲେ । ବିଦାୟୀ ଅଧକ୍ଷ ଏବଂ କର୍ମଚାରୀ ମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉତ୍ତରୀୟ ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପିକା ଲିପ୍ସା ପ୍ରଧାନ, ଅଧ୍ୟାପିକା ସସ୍ମିତା ଦାସ, ଅଧ୍ୟାପିକା ଭାଗ୍ୟଶ୍ରୀ ସାହୁ ମାନପତ୍ର ପାଠ କରିଥିବାବେଳେ ଅଧ୍ୟାପକ ଡ଼ ଶ୍ରୀବତ୍ସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ,ଅଧ୍ୟାପିକା ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ପାଇପ କାମ ସରିଲା ପରେ ରାସ୍ତାରେ ମାଟି ଉଠିଲାନି



କାମାକ୍ଷାନଗର-୧/୩( ସୁମନ୍ତ ଜେନା) କାମାକ୍ଷାନଗର ସହର ନିକଟବର୍ତ୍ତୀ ଜିରିଡାମାଳି ମୁଖ୍ୟ ରାସ୍ତାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପାଇପ ମରାମତି କରିବା ପରେ ରାସ୍ତା ରେ ମାଟି ନଉଠେଇ ବାରୁ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କ୍ଷ ଗ୍ରାମ୍ୟ ଜଳାଯୋଗାଣ ବିଭାଗ ପକ୍ଷରୁ ଜଳ ଲହଡି ମାରୁଥିବା ରାସ୍ତାରେ ଗାତ ଖୋଳି ପାଇପ ସଜାଡି ଥିଲେ କ୍ଷ ସଜାଡ଼ିବା ପରେ ରାସ୍ତା ଉପରେ ମାଟି ଗଦା ଛାଡି ଦେଇଛନ୍ତି କ୍ଷ ରାସ୍ତା ଉପରେ ମାଟି ଗଦା ଦିନ ଦିନ ଧରି ପଡି ରହିଥିବାରୁ ସାଧାରଣରେ ଚଳ ପ୍ରଚଳ କରିବା ସମ୍ଭବ ହେଉନାହିଁ କ୍ଷ ରାତିରେ ବାଇକ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଇ ପଡ଼ିଥିବାର ଅଭିଯୋଗ ହେଉଛି କ୍ଷ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ମାଟି ଗଦା କୁ ଉଠାଇବା ସକାଶେ ସାଧାରଣରେ ଦାବି ହେଉଛି ।

## ପଞ୍ଚାୟତ କ୍ୟାମ୍ପସରୁ ବିବାହିତ ପ୍ରେମୀ ଯୁଗଳ ଧରାପଡ଼ିଲେ : ମୋ ବସ୍ କଣ୍ଡକ୍ଟର ଅଟକ

ଭୁବନ ୦୧/୦୩ (ନନ୍ଦ କିଶୋର ନାଏକ) : ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅଞ୍ଚଳର ଓଡ଼ିଶ ପଞ୍ଚାୟତ ନିର୍ମାଣଧୀନ କାର୍ଯ୍ୟାଳୟ କ୍ୟାମ୍ପସରୁ ଏକ ବିବାହିତ ପ୍ରେମୀ ଯୁଗଳଙ୍କୁ ଭୁବନ ପୋଲିସ ଧରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଧରାପଡ଼ିଥିବା ପୁରୁଷ ଜଣକ ମୋ ବସରେ କଣ୍ଡକ୍ଟର ଭାବେ କାମ କରୁଥିବା ଜଣାପଡ଼ିଛି । ସୂଚନାନୁସାରେ, କିଛିଦିନ ପୂର୍ବରୁ ନିଜ ଅସୁସ୍ଥ ଶିଶୁକୁ ସୁକିନ୍ଦା ଡାକ୍ତରଖାନାକୁ ନେବା ସମୟରେ ଏହି ବିବାହିତା ମହିଳାଙ୍କ ସହ କଣ୍ଡକ୍ଟରଙ୍କ ପରିଚୟ ହୋଇଥିଲା । ପରେ ଏହି ପରିଚୟ ଘନିଷ୍ଠତାରେ ପରିଣତ ହୋଇଥିବା ଅଭିଯୋଗ ହେଉଛି । ପାରିବାରିକ କଳହ ପରେ ମହିଳା ନିଜ ବାପଘରକୁ ଯାଇଥିବା ବେଳେ, ମୋବାଇଲ ନଥିଲେ ମଧ ପଡ଼ୋଶୀଙ୍କ ଫୋନ୍ ?ରୁ କଣ୍ଡକ୍ଟରଙ୍କ ସହ ସମ୍ପର୍କ ରଖିଥିବା ଜଣାଯାଇଛି । ଘଟଣାଦିନେ କଣ୍ଡକ୍ଟର ମୋ ବସ ଗାଡ଼ି ଛାଡ଼ି ଓଡ଼ିଶ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ମୋ ବସ ଷ୍ଟପରେ ଅପେକ୍ଷା କରୁଥିଲେ । ପରେ ମହିଳା ନିଜ ୭ ମାସର ଶିଶୁକୁ ନେଇ ସେଠାକୁ ପହଞ୍ଚିଥିଲେ । ଉଭୟ ନିର୍ମାଣଧୀନ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ । ସେତେବେଳେ କାର୍ଯ୍ୟାଳୟରେ ଅଫିସର ଓ ପିଅନ ଘରକୁ ନଥିଲେ । ପରେ ସେ ପିଅନ ଯେତେବେଳେ କାର୍ଯ୍ୟାଳୟକୁ ଆସିଲେ ଶିଶୁର କାନ୍ଦ ଶୁଣି ସନ୍ଦେହ ପ୍ରକାଶ କରିଥିଲେ । କେହି ଶିଶୁକୁ ଛାଡ଼ି ଯାଇଥିବେ କି ନାହିଁ ବୋଲି ଭାବି, ସେ ଦୁଇ ଜଣ ଗାଁଲୋକଙ୍କୁ ଡାକିଥିଲେ । ଗ୍ରାମବାସୀମାନେ ଏକତ୍ରିତ ହୋଇ ଉଭୟଙ୍କୁ ଧରି ରଖିଥିଲେ ଏବଂ ୧୧୨ ନମ୍ବରକୁ ଫୋନ୍ ? କରି ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ଭୁବନ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୋ ବସ୍ କଣ୍ଡକ୍ଟରକୁ ଥାନାକୁ ଆଣିଥିଲେ । କଣ୍ଡକ୍ଟର ଜଣକୁ ଥାନାରେ ଅଟକ ରଖାଯାଇଥିବା ବେଳେ, ଗ୍ରାମବାସୀ ଓ ମହିଳାଙ୍କ ସ୍ୱାମୀ ସହ ପରିବାରଲୋକମାନେ ମଧ ଥାନାକୁ ପହଞ୍ଚିଥିଲେ । ଏନେଇ ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବା ଜଣାପଡ଼ିଛି । ଘଟଣାଟି ଅଞ୍ଚଳରେ ନାନା ପ୍ରତିକ୍ରିୟା ସୃଷ୍ଟି କରିଛି ।

## ଜଙ୍ଗଲୀ ବାରହା ଆକ୍ରମଣରେ ଦୁଇ ଗୁରୁତର

ଭୁବନ ୦୧/୦୩ (ନନ୍ଦ କିଶୋର ନାଏକ) : ଢେଙ୍କାନାଳ ଜିଲ୍ଲା ଭୁବନ ବନାଞ୍ଚଳ ଅନ୍ତର୍ଗତ ଯମୁନାକୋଟ ପଞ୍ଚାୟତର କୃଷ୍ଣପୁର ଗ୍ରାମରେ ଜଙ୍ଗଲୀ ବାରହା ଆକ୍ରମଣରେ ଦୁଇଜଣ ଗୁରୁତର ଆହତ ହୋଇ ଭୁବନ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଶୁକ୍ରବାର ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଚାଲିଥିବାବେଳେ ଶନିବାର ସକାଳେ ଏହି ଅପ୍ରୀତିକର ଘଟଣା ଘଟିଥିଲା । ସୂଚନା ଅନୁସାରେ, ଅଷ୍ଟପ୍ରହରୀ କାର୍ଯ୍ୟକ୍ରମ ସମାପ୍ତ ପରେ ଗ୍ରାମର ନନ୍ଦ ରାଉତଙ୍କ ପୁଅ ବଳରାମ ରାଉତ (୩୮) ଓ ଉତ୍କଳ ପାଣିଙ୍କ ଦିବାକର ପାଣି (୫୫) ଶୌଚ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ହଠାତ୍ ଏକ ଜଙ୍ଗଲୀ ବାରହା ତାଙ୍କୁ ଆକ୍ରମଣ କରିଥିଲା । ଅଚାନକ ଆକ୍ରମଣରେ ଉଭୟେ ଗୁରୁତର ଆହତ ହୋଇଥିଲେ । ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ିଆସି ଆହତଦ୍ୱୟଙ୍କୁ ଉଦ୍ଧାର କରିଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଭୁବନ



ମେଡିକାଲକୁ ପଠାଯାଇଥିଲା । ସେଠାରେ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି । ଘଟଣା ସମ୍ପର୍କରେ ଖବର ପାଇ ବନାଞ୍ଚଳ ଅଧିକାରୀ ରାକେଶ ଦଳେଇ ଓ ପୂର୍ବତନ ବ୍ଲକ ଅଧକ୍ଷ ଧାର୍ମାନନ୍ଦ ବରାଳ ମେଡିକାଲକୁ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ । ଏହି ଘଟଣା ପରେ ଗ୍ରାମରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକେ ବନ ବିଭାଗଙ୍କୁ ଜଙ୍ଗଲୀ ପ୍ରାଣୀ ଚଳଚଳା ଉପରେ କଠୋର ନଜରଦାରି ଓ ପ୍ରତିରୋଧାତ୍ମକ ପଦକ୍ଷେପ ଗ୍ରହଣ ପାଇଁ ଦାବି କରିଛନ୍ତି ।

## ବିଜ୍ଞାନ କେନ୍ଦ୍ରରେ ଜାତୀୟ ବିଜ୍ଞାନ ଦିବସ-୨୦୨୬ ପାଳିତ

ଢେଙ୍କାନାଳ ୦୧/୦୩(ଅକ୍ଷର ଓଡ଼ିଶା) : ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦର ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ଫେବୃଆରୀ ୨୮, ୨୦୨୬ ତାରିଖରେ "ବିଜ୍ଞାନରେ ନାରୀ: ବିକଶିତ ଭାରତର ପ୍ରେରକ ଶକ୍ତି" ବିଷୟବସ୍ତୁ ଆଧାରିତ ଜାତୀୟ ବିଜ୍ଞାନ ଦିବସ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ପାଳିତ ହୋଇଯାଇଅଛି । ଫେବୃଆରୀ ୨୨ ତାରିଖ ରୁ ୨୮ରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଓପନ୍ ହାଉସ୍ କ୍ୱିଜ୍, ବିଶେଷ ବିଜ୍ଞାନ ଶୋ, ଓରିଗାମି କର୍ମଶାଳା, ଜଳ ରକେଟ୍ ପ୍ରଦର୍ଶନ, ସାର୍ ସି.ଭି. ରମଣ ସ୍ମୃତି ବ୍ୟାଖ୍ୟାନ ଏବଂ ଜିଲ୍ଲାର କିଛି ବିଶେଷ ଶିଶୁମାନଙ୍କ ପାଇଁ ଭ୍ରମଣ ଓ 'ବିଜ୍ଞାନ ବନାମ ଚମତ୍କାର' ବିଶେଷ ଶୋ ଆଦି ଆୟୋଜିତ ହୋଇଥିଲା । ଏହି ଅବସରରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ୍.ଏମ୍.ରାଉତ ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ ଏବଂ ଜାତୀୟ ବିଜ୍ଞାନ ଦିବସର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ସେ ମଧ କହିଥିଲେ ଯେ "ଜାତୀୟ ବିଜ୍ଞାନ ଦିବସ କେବଳ ସଓର୍ ସି.ଭି. ରମଣଙ୍କ ଐତିହ୍ୟକୁ ସ୍ମରଣ କରିବା ମାତ୍ର ନୁହେଁ, ବରଂ ବୈଜ୍ଞାନିକ ଚିନ୍ତାଧାରା ଏକ ପ୍ରଗତିଶୀଳ ଜାତିର ଭିତି ବୋଲି ସ୍ମରଣ କରାଇଥାଏ । ଏହି ବର୍ଷର ବିଷୟବସ୍ତୁ, ବିଜ୍ଞାନରେ ମହିଳା: ବିକଶିତ ଭାରତର ପ୍ରେରକ ଶକ୍ତି ମାଧ୍ୟମରେ, ଆମେ ଯୁବ ମାନଙ୍କୁ, ବିଶେଷକରି କନ୍ୟାମାନଙ୍କୁ ଭାରତର ନବସୃଜନ ଏବଂ ଉତ୍କର୍ଷ ଯାତ୍ରାରେ ଅର୍ଥପୂର୍ଣ୍ଣ ଯୋଗଦାନ ଓ ସଶକ୍ତ କରିବା ପାଇଁ ପ୍ରେରିତ କରୁଛୁ ।" କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର କେ.ଏସ.କେ. ଭରଦ୍ୱାଜ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ ଗୁରୁତ୍ୱାରୋପ କରିଥିଲେ ଯେ ବିଜ୍ଞାନ ଉଚ୍ଚ ନୈତିକତା ଏବଂ ମାନବତା ସହିତ ଆସେ । ବିଜ୍ଞାନ ହେଉଛି ଏକ ଆଧୁନିକ ଚିନ୍ତାଧାରା, ଯେଉଁଠାରେ ଜଣେ ଆଧୁନିକ ମଣିଷ ସ୍ଥାୟୀ ବିକାଶ କରିବ ଯାହା ଦ୍ୱାରା ଆମର ନିଜସ୍ୱ ସମାଜକୁ ଉଚ୍ଚତର ସ୍ତରରେ ନିର୍ମାଣ କରିବାରେ ସହାୟକ ହେବ ।

## ପଲ୍ଲିଶ୍ରୀ ଶ୍ରୀକ୍ଷେତ୍ରର ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ

ଭୁବନ ୦୧/୦୩ (ନନ୍ଦ କିଶୋର ନାଏକ) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବାଲିବୋ ସ୍ଥିତ ପଲ୍ଲିଶ୍ରୀ ଶ୍ରୀକ୍ଷେତ୍ରର ତୃତୀୟ ବାର୍ଷିକ ଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ତିନିଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ ଅନୁଷ୍ଠାନରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପ୍ରଥମ ଦିନ ଅଙ୍କୁରାରୋପଣ ଓ କଳସଯାତ୍ରା ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା । ଦ୍ୱିତୀୟ ଦିନ ଅଗ୍ନିଧାନ ଓ ଚଣ୍ଡୀଯଜ୍ଞ ଆୟୋଜିତ ହୋଇଥିବାବେଳେ ତୃତୀୟ ଦିନ ଗୀତାଯଜ୍ଞ ଓ ପୂର୍ଣ୍ଣାହୁତି ପ୍ରକ୍ରିୟା ସମ୍ପାଦିତ ହୋଇଥିଲା । ପୂଜକ ମୁରାରି ମୋହନ ଦାସ ଓ ତାଙ୍କ ସହଯୋଗୀମାନେ ସମସ୍ତ ଯଜ୍ଞ କାର୍ଯ୍ୟ ସୁଚାରୁ ଭାବେ ସମ୍ପନ୍ନ କରାଇଥିଲେ । ଉତ୍ସବର ପ୍ରଥମ ଦିନ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଦ୍ୱାରା ଭଜନ ପ୍ରସ୍ତୁତି ହୋଇଥିବାବେଳେ, ଦ୍ୱିତୀୟ ଦିନ ବିନୟ ଶତପଥୀଙ୍କ ଦ୍ୱାରା ଜଗନ୍ନାଥ ସଂସ୍କୃତି ବିଷୟରେ ପ୍ରବଚନ ଦିଆଯାଇଥିଲା । ତୃତୀୟ ଦିନ ବ୍ରହ୍ମକୁମାରୀ ଭୁବନ କେନ୍ଦ୍ର ପକ୍ଷରୁ ଆକର୍ଷଣୀୟ ଝାଙ୍କି ପ୍ରଦର୍ଶନ ହୋଇଥିଲା । ବିଭିନ୍ନ କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନରେ ପରିବେଶ ଭକ୍ତିମୟ ହୋଇଯାଇଥିଲା । ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ଅର୍ଣ୍ଣଯଜ୍ଞର ବ୍ୟବସ୍ଥା ମଧ କରାଯାଇଥିଲା । ପରିଚାଳନା କମିଟି ସଭାପତି ଶିଶିର କୁମାର ଦାସଙ୍କ ନେତୃତ୍ୱରେ ସଂଯୋଜକ ରିତାଞ୍ଜଳି ତ୍ରିପାଠୀ, ମଳୟ ତ୍ରିପାଠୀ ଓ କର୍ତ୍ତା ସୁସ୍ମିତା ମିଶ୍ର ଉତ୍ସବକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ମୁରବି ପ୍ରକାଶ ବରାଳ, ସୁଶାନ୍ତ କୁମାର ନାୟକ, ଗୋକୁଳାନନ୍ଦ ବାରିକ, ଗଣେଶ୍ୱର ସାମଲଙ୍କ ସମେତ ଗ୍ରାମବାସୀମାନଙ୍କ ସକ୍ରିୟ ସହଯୋଗ ଉଲ୍ଲେଖନୀୟ ଥିଲା । ଏହି ଅବସରରେ ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ଓ ବାଲିବୋ ସରପଞ୍ଚ ଶୁଭସ୍ମିତା ବାରିକ ଅତିଥି ଭାବେ ଯୋଗଦେଇ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଉତ୍ସବଟି ଗ୍ରାମାଞ୍ଚଳରେ ଧାର୍ମିକ ଓ ସାମାଜିକ ସମନ୍ୱୟର ଏକ ସୁନ୍ଦର ଦୃଷ୍ଟାନ୍ତ ସୃଷ୍ଟି କରିଛି ।

## ରାଜେନ୍ଦ୍ର ମହାରଣା ଭିଏଫ୍ଏକ୍ସ ଆୱାର୍ଡ ପାଇ ଢେଙ୍କାନାଳ ପାଇଁ ଗୌରବ ଆଣିଲେ



ଢେଙ୍କାନାଳ ୦୧/୦୩(ଅକ୍ଷର ଓଡ଼ିଶା): ଜି ସିନେ ଆୱାର୍ଡ଼ ତରଫରୁ ମୁମ୍ବାଇ ଠାରେ ଧୁରନ୍ଧର ସିନେମା ପାଇଁ ବେଷ୍ଟ ଭିଏଫ୍ଏକ୍ସ ଆୱାର୍ଡ଼ ସହିତ ଯୋଗ୍ୟ ବିବେଚିତ ହୋଇ ଢେଙ୍କାନାଳ ଜିଲ୍ଲା ତଥା ଓଡିଶା ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି ରାଜେନ୍ଦ୍ର ମହାରଣା (ଭିଏଫ୍ଏକ୍ସ ସୁପର୍ଭାଇଜର )। ସେ ଭୁବନ ବ୍ଲକ ଅନ୍ତର୍ଗତ ମୁରୁଗା ଗ୍ରାମର ଶ୍ରୀଧର ମହାରଣାଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ଏବେ ମୁମ୍ବାଇ ରେ ଦୀର୍ଘ ୨୦ ବର୍ଷ ରହି ହଲିଉଡ୍, ବଲିଉଡ୍ ସିନେମା (୮୦ ରୁ ଊର୍ଦ୍ଧ) ଏବଂ ୱେବ୍ ସିରିଜ୍ (ଅମାଜନ, ନେଟଫ୍ଲିକ୍ସ) ରେ ଆଗରୁ ବହୁତ୍ କାମ କରି ପ୍ରଶଂସାର କେନ୍ଦ୍ରବିନ୍ଦୁ ହୋଇଛନ୍ତି । ତାଙ୍କ ଦ୍ୱାରା ଭିଏଫ୍ଏକ୍ସ କାମ ମଧ୍ୟରୁ ରାୱାନ, କନ୍ତରା, ସ୍କ୍ୱିଡ ଗେମ୍, ମନି ହେଇଏଷ୍ଟ, ରେଶିଡେଂଟ୍ ଏଭିଲ, ଚେନ୍ନାଇ ଏକ୍ସପ୍ରେସ, ଗ୍ରାଭିଟୀ ଅନ୍ୟତମ । ତାଙ୍କର ଏଭଳି ଉଚ୍ଚକୋଟୀର କାମରେ ନିଜ ଗ୍ରାମରେ ତଥା କାର୍ଯ୍ୟସ୍ଥଳ ରେ ପ୍ରଶଂସାର ପାତ୍ର ଏବଂ ସମସ୍ତଙ୍କ ପାଇଁ ଏକ ଉଦାହରଣ ହୋଇଛନ୍ତି ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ଭାରତର ଏଆଇ ମୁହୂର୍ତ୍ତ

ଭାରତ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦିନକୁ ଦିନ ଶକ୍ତିଶାଳୀ ଓ ଆତ୍ମବିଶ୍ୱାସୀ ହେବାରେ ଲାଗିଛି। ଆସନ୍ତା କିଛି ସପ୍ତାହରେ ଏହା ଅତିରିକ୍ତ ୨୦ ହଜାର ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ ବା ଜିପିୟୁ ଯୋଡ଼ିବାକୁ ଯାଉଛି। ଏବେ ୩୮ ହଜାର ଜିପିୟୁ ଭାରତରେ କାର୍ଯ୍ୟକ୍ଷମ ରହିଛି। ଏହି କ୍ଷମତା ସମ୍ପ୍ରସାରଣ ଭାରତରେ କମ୍ପ୍ୟୁଟ କ୍ଷମତାକୁ ବିକଶିତ କରିବ। ଖାଲି ସେତିକି ନୁହେଁ, ଏହି ପଦକ୍ଷେପ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତର କ୍ଷମତାକୁ ଆହୁରି ବିକଶିତ କରିବ ବୋଲି କହିଛନ୍ତି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ନୂଆଦିଲ୍ଲୀଠାରେ ନିକଟରେ ଅନୁଷ୍ଠିତ ହେଉଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ଅବସରରେ ସେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀଙ୍କ ଏଭଳି ଘୋଷଣା କେବଳ ବୈଷୟିକ ତା' ନୁହେଁ ଏହା ଏକ ରଣନୈତିକ ପଦକ୍ଷେପ। ଏହା ସଙ୍କେତ ଦେଇଛି ଯେ ଭାରତ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ନିଜର ପରିସର ବଢ଼ାଉଛି ଏବଂ ବିଶ୍ୱର ଅଗ୍ରଣୀ ଏଆଇ ଶକ୍ତିମାନଙ୍କ ମଧ୍ୟରେ ନିଜକୁ ଦୃଢ଼ ଭାବରେ ସ୍ଥାପନ କରୁଛି। 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ସୁଖ) ବିଷୟବସ୍ତୁ ଉପରେ ଆଧାରିତ ସମ୍ମିଳନୀର ଦ୍ୱିତୀୟ ଦିନରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, କମ୍ପ୍ୟୁଟ୍ ଭିତ୍ତିଭୂମିର ସମ୍ପ୍ରସାରଣ ଭାରତର ଏଆଇ ରଣନୀତିର ପରବର୍ତ୍ତୀ ପର୍ଯ୍ୟାୟକୁ ଚିହ୍ନିତ କରୁଛି, ଯାହା ଗଭୀର କ୍ଷମତା ସହିତ ଦାୟିତ୍ୱପୂର୍ଣ୍ଣ ନିବେଶକୁ ସଂଯୋଗ କରୁଛି।

ଭାରତର ଆଭିମୁଖ୍ୟ ବିଶ୍ୱସ୍ତରରେ ସ୍ୱତନ୍ତ୍ର। କାରଣ ଅନେକ ଦେଶରେ, ଉନ୍ନତ ଏଆଇ ଭିତ୍ତିଭୂମି କିଛି ମାତ୍ର କର୍ପୋରେଟ୍ ସଂସ୍ଥାଙ୍କ ହାତରେ ସୀମିତ ରହିଥାଏ, ହେଲେ ଭାରତ ଏକ ଭିନ୍ନ ମଡେଲ୍ ତିଆରି କରୁଛି, ଯାହା ୧୦,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର 'ଇଣ୍ଡିଆ ଏଆଇ ମିଶନ୍' ଉପରେ ଆଧାରିତ, ଯାହା ସାଧାରଣ ହିତ ପାଇଁ ଏଆଇର ସୁବିଧାକୁ ସହଜଲଭ୍ୟ କରୁଛି। ଏହି ମିଶନ୍ ଅଧୀନରେ, ବର୍ତ୍ତମାନର ୩୮,୦୦୦ ରୁ ଅଧିକ ହାଇ-ଏଣ୍ଡ୍ ଜିପିୟୁ ଗୁଡ଼ିକୁ ଘଣ୍ଟା ପ୍ରତି ମାତ୍ର ୬୫ ଟଙ୍କାରେ ଉପଲବ୍ଧ କରାଯାଇଛି, ଯାହା ଷ୍ଟାର୍ଟଅପ୍, ଗବେଷକ, ଛାତ୍ର ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ କମ୍ପ୍ୟୁଟ୍ ବାଧାକୁ ହ୍ରାସ କରୁଛି। ଏହାର ମୂଳରେ ଏକ ଶକ୍ତିଶାଳୀ ବିଶ୍ୱାସ ରହିଛି, ତାହା ହେଲା ପ୍ରଯୁକ୍ତିବିଦ୍ୟାର ଗଣତାନ୍ତ୍ରିକରଣ। ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ଅନୁସାରେ, ଏଆଇ ପଞ୍ଚମ ଶିଳ୍ପ ବିପ୍ଳବକୁ ପରିଚାଳିତ କରୁଛି। ଏହାର ପ୍ରଭାବ କୃଷି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଉତ୍ପାଦନ, ଶାସନ ଏବଂ ଜଳବାୟୁ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ପଡୁଛି। ଭାରତ ଏହି ବିପ୍ଳବକୁ କେବଳ ଦେଖୁନାହିଁ, ବରଂ ଏହାକୁ ସକ୍ରିୟ ଭାବରେ ରୂପ ଦେଉଛି।

ଏହି ସମ୍ମିଳନୀ ୧୬ ଫେବୃଆରୀ ୨୦୨୬ରେ ଆରମ୍ଭ ହୋଇଥିଲା। ସେଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ'ର ଉଦ୍ଘାଟନ କରିଥିଲେ। ଏହି ସମ୍ମିଳନୀର ସଙ୍କେତ ଅତ୍ୟନ୍ତ ଶକ୍ତିଶାଳୀ - ଏକ ପ୍ରମୁଖ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ଆଲୋଚନା ଭାରତର ନେତୃତ୍ୱରେ 'ଗ୍ଲୋବାଲ ସାଉଥ୍'ରେ ଅନୁଷ୍ଠିତ ହେଉଛି। ଏହାର ବାର୍ତ୍ତା ସୁସ୍ପଷ୍ଟ- ଏଆଇ କ୍ଷେତ୍ରରେ ନେତୃତ୍ୱ ଆଉ କେବଳ ପାରମ୍ପରିକ ଶକ୍ତି କେନ୍ଦ୍ରଗୁଡ଼ିକରେ ସୀମିତ ନୁହେଁ।

ଏହି ସମ୍ମିଳନୀରେ ୨୦ରୁ ଅଧିକ ରାଷ୍ଟ୍ରମୁଖ୍ୟ, ୬୦ ଜଣ ମନ୍ତ୍ରୀ ଏବଂ ୫୦୦ ବିଶ୍ୱସ୍ତରୀୟ ଏଆଇ ନେତାଙ୍କ ଅଭୂତପୂର୍ବ ଅଂଶଗ୍ରହଣ ଦେଖିବାକୁ ମିଳୁଛି। ପ୍ରଥମ ଦିନରେ ହିଁ ଭାରତର ୨.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଦାୟିତ୍ୱପୂର୍ଣ୍ଣ ଭାବେ ଏଆଇ ବ୍ୟବହାର ପାଇଁ ଶପଥ ନେଇଛନ୍ତି, ଯାହାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ଆବେଦନ କରାଯାଇଛି। ନିବେଶ କ୍ଷେତ୍ରରେ ମଧ୍ୟ ବଡ଼ ସଫଳତା ମିଳିଛି। ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଶା ପ୍ରକାଶ କରିଛନ୍ତି ଯେ ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତର ଏଆଇ ଇକୋସିଷ୍ଟମରେ ୨୦୦ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ପୁଞ୍ଜି ନିବେଶ ହେବାର ସମ୍ଭାବନା ରହିଛି। ଭାରତର ନିଜସ୍ୱ ଏଆଇ ମଡେଲଗୁଡ଼ିକ ଅନେକ ବିଶ୍ୱସ୍ତରୀୟ ମାନଦଣ୍ଡରେ ଉନ୍ନତ ବୋଲି ପ୍ରମାଣିତ ହୋଇଛନ୍ତି। ଷ୍ଟାନଫୋର୍ଡ ୟୁନିଭରସିଟି ଭାରତକୁ ବିଶ୍ୱର ଶ୍ରେଷ୍ଠ ତିନୋଟି ଏଆଇ ଦେଶ ମଧ୍ୟରେ ସ୍ଥାନ ଦେଇଛି।

# ନିର୍ବାଚନ ପରେ ବାଂଲାଦେଶ




**ଡା. ରାଜ କିଶୋର ପଣ୍ଡା**
ଓଡ଼ିଶା ସାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୦୪୨୯୯୭


ଏ ନିବନ୍ଧଟି ଲେଖିବା ବେଳକୁ ତାରିକ ଜିଆ ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇ ସାରିଲେଣି। ଦୀର୍ଘ ପଇଁତିରିଶି ବର୍ଷ ପରେ ଦେଶ ଜଣେ ପୁରୁଷଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ପାଇଛି ଓ ଏହା ସହିତ ଏହାର ବହୁ ଚର୍ଚ୍ଚିତ ଓ ବହୁ ପ୍ରତୀକ୍ଷିତ ସାଧାରଣ ନିର୍ବାଚନ ପ୍ରକ୍ରିୟାର ମଧ୍ୟ ଏକ ପ୍ରକାରର ପରିସମାପ୍ତି ଘଟିଛି। ବାଂଲାଦେଶ ପକ୍ଷରେ ଏକ ନୂତନ ସୂର୍ଯ୍ୟୋଦୟ ଘଟିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ଦେଶର ଜନତା ମଧ୍ୟ ଏହି ନିର୍ବାଚନରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଛନ୍ତି। ଏ ବିଷୟରେ ନିଜର ମତବ୍ୟକ୍ତ କରି ଆମେରିକା ଭିତ୍ତିକ ଗବେଷଣା ସଂସ୍ଥା ଆଟଲାଣ୍ଟିକ କାଉନ୍‌ସିଲର ଫେଲୋ ମାଇକେଲ କଗେଲମ୍ୟାନ ନିର୍ବାଚନଟିକୁ ପ୍ରାୟତଃ ଶାନ୍ତିପୂର୍ଣ୍ଣ ବୋଲି କହିଛନ୍ତି। ସରକାରୀ ଭାବରେ ମତଦାନ ହାର ଷାଠିଏ ପ୍ରତିଶତ କୁହାଗଲେ ମଧ୍ୟ ବିଭିନ୍ନ ବେସରକାରୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଏହାକୁ ପଚାଶ ପ୍ରତିଶତରୁ ତଳକୁ ଇଙ୍ଗିତ କରୁଛି। ଶେଖ୍ ହାସିନାଙ୍କର ନିର୍ବାଚନ ବୟକଟ୍ ଡାକରା, ଜନସାଧାରଣଙ୍କ ଉପରେ ନିଶ୍ଚିତ ଭାବେ କିଛି ପ୍ରଭାବ ପକାଇଛି, ଏହା କୁହାଯାଇପାରେ। ବର୍ତ୍ତମାନ ଆମେ ଜାଣିବା କେଉଁଦଳ, କେତେ ଆସନ ପାଇଛନ୍ତି ସେ ବିଷୟରେ ବାଙ୍ଗଲାଦେଶ ନ୍ୟାସ୍ନାଲିଷ୍ଟ ପାର୍ଟି (ବି.ଏନ୍.ପି) ସମୁଦାୟ ତିନିଶହ ଆସନ ମଧ୍ୟରୁ ଦୁଇଶହ ବାର ଆସନ ହାସଲ କରିଛି। ଏହା ଦୁଇ ତୃତୀୟାଂଶରୁ ଅଧିକ। ଜମାତ-ଇ-ଇସ୍ଲାମୀ ଦ୍ୱାରା ଗଠିତ ହୋଇଥିବା ଇସ୍ଲାମିକ ମେଣ୍ଟର ଅଂଶସ୍ତରୀଟି ଆସନରେ ସୀମିତ ରହିଛି ଯଦିଓ ଏହା ଏପର୍ଯ୍ୟନ୍ତ ଏହାର ସବୁଠାରୁ ଭଲ ନିର୍ବାଚନ ପ୍ରଦର୍ଶନ। ସେହିଭଳି ଇସ୍ଲାମିକ ମେଣ୍ଟର ନ୍ୟାସ୍ନାଲ୍ ସିଟିଜେନ୍ ପାର୍ଟି ଯାହାର ଯୁବନେତା ମାନେ ଏକଦା ୨୦୨୪ ରେ ସଂଘଟିତ ହୋଇଥିବା ଜୁଲାଇ ବିଦ୍ରୋହର ମୁଖ୍ୟ କାର୍ପଟ୍‌ଦାର ଥିଲେ ମାତ୍ର ଛଅଟି ଆସନ ପାଇଛି। ନିର୍ବାଚନରେ ଅସାଧୁ ଉପାୟ ଅବଲମ୍ବନ କରାଯାଇଛି ବୋଲି ମଧ୍ୟ ଜମାତ ଅଭିଯୋଗ ଆଣି ସାରିଲାଣି। ନିର୍ବାଚନଟିକୁ ମଧ୍ୟ ଏକଦମ ଠିକ୍ ଓ ନିରପେକ୍ଷ ବୋଲି କୁହାଯାଇପାରିବ ନାହିଁ କାରଣ ଏଥିରେ ଦେଶର ସବୁଠାରୁ ବଡ଼ ଦଳ ଆୱାମି ଲିଗ୍‌କୁ ଭାଗ ନେବାରୁ ବଞ୍ଚିତ କରାଯାଇଛି। ଯଦିଓ ଏହାର ସର୍ବୋଚ୍ଚ ନେତା ଶେଖ୍ ହାସିନା ଓ ଅନ୍ୟାନ୍ୟ ନେତୃବୃନ୍ଦ ମାନଙ୍କର ଅନେକ ଜଘନ୍ୟ ଭୁଲ ରହିଛି, ତଥାପି ନିର୍ବାଚନରୁ ବାସନ୍ଦ କରିବା ସାମ୍ବିଧାନିକ ନୁହେଁ। ଏହି ବାସନ୍ଦାଦେଶଟିକୁ ମହମ୍ମଦ ୟୁନୁସ୍‌ଙ୍କର ନେତୃତ୍ୱାଧିନ ଅନ୍ତରୀଣ ସରକାର ଲାଗୁ କରିଥିଲେ। ସେହିପରି ଭାବରେ ୟୁନୁସ୍‌ଙ୍କର ସରକାର ତାରିକ ଜିଆଙ୍କ ଉପରେ ଲାଗିଥିବା ସମସ୍ତ ଅଭିଯୋଗରୁ ତାଙ୍କୁ ନ୍ୟାୟାଳୟରୁ କ୍ଲିନ୍‌ଚିଟ୍ ଦେବାପରେ ହିଁ ସେ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି କି ଏହି ନିର୍ବାଚନରେ ବିଜୟ ଲାଭ କରିଥିବା ତିନିଜଣ ସାଂସଦ, ଯେଉଁମାନେ କି ବି.ଏନ୍.ପି ର, ଭାରତ ବିରୋଧୀ ଆତଙ୍କବାଦ କାର୍ଯ୍ୟରେ ଲିପ୍ତ ଥିବା ଯୋଗୁଁ ମୃତ୍ୟୁ ଦଣ୍ଡାଦେଶ ପାଇଥିଲେ। ଭାରତ ବିରୋଧି ମହମ୍ମଦ ୟୁନୁସ୍ ନ୍ୟାୟାଳୟ ସହିତ ସାଲିସ୍ କରି ସେମାନଙ୍କୁ ଦୋଷମୁକ୍ତ କରିବାରୁ ହିଁ ସେମାନେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ପାଇଲେ। ଶେଖ୍ ହାସିନାଙ୍କର ପଳାୟନ ପରେ ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ କରାଯାଇଥିଲା। ଆଶା କରାଯାଉଥିଲା ୟୁନୁସ୍ ଦେଶକୁ ଶାନ୍ତି ଓ ସ୍ଥିରତା ପଥରେ ଆଗେଇ ନେବେ, ମାତ୍ର ସେ ପାଲଟିଗଲେ ଦାନବ। ବାରମ୍ବାର ଭାରତ ବିରୋଧି ମନ୍ତବ୍ୟ ଓ କାର୍ଯ୍ୟକରିବା ସହ ୟୁନୁସ୍‌ଙ୍କର ପ୍ରରୋଚନାରେ ହିଁ ବାଂଲାଦେଶରେ ହିନ୍ଦୁ ଭାଇଭଉଣୀଙ୍କ ଉପରେ ହେଲା ପାଶବିକ ଅତ୍ୟାଚାର। ବିପ୍ଳବୀ ଯୁବନେତା ସରିଫ୍ ଓସ୍ମନ ହାଦିଙ୍କ ସନ୍ଦିଗ୍ଧ ହତ୍ୟା ପରେ ଏଥିପାଇଁ ଭାରତକୁ ଦାୟୀ କରି ହୋଇଥିବା ହିନ୍ଦୁ ବିରୋଧୀ ଦଙ୍ଗାରେ ସର୍ବପ୍ରଥମେ ଦୀପୁ ଚନ୍ଦ୍ର ଦାସଙ୍କୁ ନିର୍ମମ ହତ୍ୟା କରାଗଲା। ଏପର୍ଯ୍ୟନ୍ତ ପାଖାପାଖି କୋଡ଼ିଏରୁ ଉକାଡ଼ ହିନ୍ଦୁ ମୃତ୍ୟୁବରଣ କରିସାରିଲେଣି।

ବର୍ତ୍ତମାନ ୟୁନୁସ୍‌ଙ୍କ ଯିବାର ସମୟ ଆସିଛି, କିନ୍ତୁ ଯିବା ପୂର୍ବରୁ ସେ ବାଂଲାଦେଶର ଏକ ପୁରୁଣା ଆନ୍ଦୋଳନର ଦାବିକୁ ପୂରଣ କରିଛନ୍ତି। ଏହା ହେଉଛି ''ମାଇନସ୍ ଟୁ'' ପ୍ରସଙ୍ଗ। ଏହି ବିଷୟରେ ଜାଣିବା ପାଇଁ ଆମକୁ ଯିବାକୁ ପଡ଼ିବ ୨୦୦୭ ମସିହାକୁ। ୨୦୦୭-୦୮ ମସିହାରେ ବାଂଲାଦେଶରେ ସେନା ନେତୃତ୍ୱରେ ଶାସନ ଚାଲିଥିଲା ଓ ଦେଶର ରାଜନୀତିରୁ ଦୁଇ ବେଗମ୍ ଖାଲେଦା ଜୀଆ ଓ ଶେଖ୍ ହାସିନାଙ୍କୁ ବିତାଡ଼ିତ କରିବା ପାଇଁ ହୋଇଥିଲା ଏହି ମାଇନସ୍ ଟୁ ଆନ୍ଦୋଳନ। କିନ୍ତୁ ଏହା ବିଫଳ ହେଲା। ଏହାର କାରଣ ଆନ୍ତର୍ଜାତିକ ଚାପ ଫଳରେ ୨୦୦୮ ଡିସେମ୍ବରରେ ଦେଶରେ ନିର୍ବାଚନ ହେଲା ଓ ସେ ଶେଖ ହାସିନା ବିପୁଳ ବିଜୟ ଲାଭ କରି ରାଜନୀତିକୁ ପ୍ରତ୍ୟାବର୍ତ୍ତନ କଲେ। ଏବେ କିନ୍ତୁ ଖାଲେଦା ଜିଆ ପରଲୋକଗତା ଓ ଶେଖ୍ ହାସିନା ଭାରତରେ ଶରଣାର୍ଥୀ। ତେଣୁ ଏହି ''ମାଇନସ୍ ଟୁ'' ସଫଳ ହୋଇଛି ବୋଲି ମତବ୍ୟକ୍ତ କରାଯାଇପାରେ। ଏବେ ଆମେ ଜମାତ୍ ଉପରେ ଟିକିଏ ଆଖି ପକାଇ ଏହାର ପରାଜୟର କାରଣ ଗୁଡ଼ିକ ଆଲୋଚନା କରିବା। ଯଦିଓ ଜମାତ ଓ ଏହାର ସହଯୋଗୀ ଦଳ ଏନ୍.ସି.ପି ର ଏହା ସବୁଠାରୁ ଭଲ ନିର୍ବାଚନ ପ୍ରଦର୍ଶନ, ଏହା ସତ୍ୱେ କିନ୍ତୁ ଦୁଇଦଳ ଦେଖାଉଥିବା ଦମ୍ଭ ଅନୁସାରେ, ଆସନ ଜିତିବାରେ ଅସମର୍ଥ ରହିଛନ୍ତି ଓ ମାଟି କାମୁଡ଼ି ପଡ଼ିଛନ୍ତି। ଏହାର ପ୍ରମୁଖ କାରଣ ହେଉଛି ସେମାନଙ୍କର ହିନ୍ଦୁ ବିରୋଧି ଓ ନାରୀ ବିରୋଧି ମନୋଭାବ। ଜମାତ କୌଣସି ନାରୀ ପ୍ରାର୍ଥୀ ନିର୍ବାଚନରେ ଛିଡ଼ା କରି ନଥିଲା ଏବଂ ଏହାର ନେତୃବୃନ୍ଦ ତଥା ଏନ.ସି.ପିର ଛାତ୍ର ନେତାମାନେ ମଧ୍ୟ ନିର୍ବାଚନରେ ବିଜୟ ଲାଭ କରିବା ପରେ ଶାରିଆ ନିୟମ ପ୍ରଣୟନ କରି ବାଂଲାଦେଶକୁ ଏକ ମୌଳବାଦୀ ଦେଶରେ ପରିଣତ କରିବା ପାଇଁ ଘୋଷଣା କରିଥିଲେ। ଏଥିପାଇଁ ବାଂଲାଦେଶର ମୁସଲମାନ ଭୋଟର ଏମାନଙ୍କୁ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟ ଭାବରେ ଜଣାଇଦେଲେ ଯେ ଏହା ସେମାନେ କୌଣସି ପରିସ୍ଥିତିରେ ସାରିଆ ନିୟମ ଚାହାଁନ୍ତି ନାହିଁ। ଅନ୍ୟ ଗୋଟିଏ କାରଣ ହେଉଛି ବାଂଲାଦେଶୀ ଜନତା, ଜମାତ ଓ ଏହାର ସହଯୋଗୀ ଦଳକୁ ପାକିସ୍ଥାନର ବିଶ୍ୱସ୍ତ ପ୍ରତିନିଧି ଭାବି ଭୋଟ ଦେବାରୁ ବିରତ ରହିଲେ।

୧୯୭୧ ମସିହାରେ ହୋଇଥିବା ବାଂଲାଦେଶ ମୁକ୍ତି ସଂଗ୍ରାମରେ ଜମାତ୍ କରିଥିବା ହିନ୍ଦୁ ଗଣହତ୍ୟା, ହିନ୍ଦୁ ଭୋଟରମାନଙ୍କ ହୃଦୟରେ ଏପର୍ଯ୍ୟନ୍ତ ଗଭୀର ଦାଗ ଭାବେ ରହିଛି। ତେଣୁ ହିନ୍ଦୁ ମାନେ ଯଦିଓ ଆୱାମୀ ଲିଗ୍ର ଦୃଢ଼ ସମର୍ଥକ ଥିଲେ, ଏହାକୁ ବାସନ୍ଦ କରାଯାଇଥିବାରୁ ଅପେକ୍ଷାକୃତ ଧର୍ମ ନିରପେକ୍ଷ ଦଳ ବି.ଏନ.ପି କୁ ଭୋଟ ଦେଇଛନ୍ତି। କିନ୍ତୁ ଆମକୁ ଏହା ମନେ ରଖିବାକୁ ହେବ ଯେ ଜମାତ ପାଖରେ ସତୁରୀ ଜଣ ସାଂସଦ ଅଛନ୍ତି ଓ ଖାଲେଦା ଜିଆଙ୍କ ସମୟରୁ ଜମାତ ଓ ଏନ୍.ସି.ପି ମଧ୍ୟରେ ମେଣ୍ଟ ସମ୍ପର୍କ ରହି ଆସିଛି। ତାରିକ ଜିଆଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଦୁଇଦଳ ମଧ୍ୟରେ ସମ୍ପର୍କ କିପରି ହେବ ତାହା ଆଗାମୀ ଭବିଷ୍ୟତରେ ଜଣା ପଡ଼ିବ। ଏହା ସର୍ବଜନବିଦିତ ଯେ ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଭାବେ ଶାସନ ଗାଦିରେ ବସାଇବା ପଛରେ ଆମେରିକା, ପାକିସ୍ତାନ ଓ ଜମାତର ହିଁ ହାତ ଥିଲା। ୟୁନୁସ୍‌ଙ୍କ କାର୍ଯ୍ୟକାଳରେ ହିଁ ଜମାତ ଦେଶରେ ସବୁଠାରୁ ଶକ୍ତିଶାଳୀ ଦଳ ପାଲଟି ଯାଇ ସଂଖ୍ୟାଲଘୁମାନଙ୍କ ଉପରେ ନାରକୀୟ ଅତ୍ୟାଚାର କରିଥିଲା ଓ ବର୍ତ୍ତମାନ ସମୟରେ ଏହାର କାର୍ଯ୍ୟକଳାପରେ ଅଙ୍କୁଶ ଲାଗିବା ଆଶା କରାଯାଏ। ଆଉ ଗୋଟିଏ କଥା ମଧ୍ୟ ଶୁଣାଯାଉଛି କି ୟୁନୁସ୍, ତାରିକଙ୍କ ଉପରେ ଲାଗିଥିବା ସମସ୍ତ ଅଭିଯୋଗରୁ ତାଙ୍କୁ ଦୋଷମୁକ୍ତ କରିଛନ୍ତି ଓ ପ୍ରତିବଦଳରେ ତାରିକ ମଧ୍ୟ ୟୁନୁସ୍‌ଙ୍କୁ ରାଷ୍ଟ୍ରପତି କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ପଛରେ ଆମେରିକାର ହାତ ଥିବା କଥାକୁ ଆମେ ଏଡ଼ାଇ ପାରିବା ନାହିଁ। ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ତାରିକ ରେହେମାନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ଆଗରୁ ସ୍ଥିରୀକୃତ ହୋଇଥିବା କାର୍ଯ୍ୟ ସୂଚୀ ଯୋଗୁଁ ପ୍ରଧାନମନ୍ତ୍ରୀ ଏଥିରେ ଯୋଗ ଦେଇ ପାରି ନାହାନ୍ତି। ଭାରତ ତରଫରୁ ବାଚସ୍ପତି ଓମ୍ ବିର୍ଲା ଏହି ଉତ୍ସବରେ ପ୍ରତିନିଧିତ୍ୱ କରିଛନ୍ତି। ବର୍ତ୍ତମାନ ସମୟ ଆସିଛି ଉଭୟ ଦେଶ ପକ୍ଷରେ ନିଜ ନିଜର ପୁରାତନ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପୁନଃସ୍ଥାପିତ କରିବା ପାଇଁ ଆଗଭର ହେବା। ଅର୍ଥନୈତିକ ସ୍ଥିରତା ବାଂଲାଦେଶର ନୂତନ ନିର୍ବାଚିତ ସରକାରର ପ୍ରାଥମିକ ଲକ୍ଷ୍ୟ ହେବା ଉଚିତ୍। ଛାତ୍ର ଆନ୍ଦୋଳନ ଓ ଅନ୍ତରୀଣ ସରକାରର ବିଫଳତା ଦେଶର ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ କରି ଦେଇଛି। ଦେଶର ଯୁବପୀଢ଼ି ବେକାରୀ ସମସ୍ୟାର ସହ ସଂଘର୍ଷ କରୁଛନ୍ତି। କଳକାରଖାନା, କୃଷି ଓ ପୁଞ୍ଜିନିବେଶର ଅବସ୍ଥା ସଙ୍ଗୀନ୍। ତେଣୁ ଏଗୁଡ଼ିକରୁ ଦେଶକୁ ଉଦ୍ଧାର କରି ପ୍ରଗତି ପଥରେ ଆଗେଇବା ପାଇଁ ବାଂଲାଦେଶକୁ ଭାରତ ସହ ଦୃଢ଼ ଅର୍ଥ ନୈତିକ ସମ୍ପର୍କ ସ୍ଥାପନ କରିବା ପାଇଁ ପଡ଼ିବ। ଏକଥା କହିବା ବାହୁଲ୍ୟ ଭାରତ ସଦା ସର୍ବଦା ଅର୍ଥନୀତି କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ହିଁ ବାଂଲାଦେଶକୁ ସାହାଯ୍ୟ କରି ଆସିଛି। ମାତ୍ର ୟୁନୁସ୍ ସରକାରର ଭାରତ ବିରୋଧି ମନୋଭାବ ଓ କାର୍ଯ୍ୟକଳାପ ହେତୁ ଭାରତ ନିକଟ ଅତୀତରେ ଆଗତ ହୋଇଥିବା ଏହାର ବଜେଟରେ ବାଂଲାଦେଶକୁ ଦିଆଯାଇଥିବା ଆର୍ଥିକ ସାହାଯ୍ୟକୁ ହ୍ରାସ କରିଛି।

ଶେଖ୍ ହାସିନା ବର୍ତ୍ତମାନ ଭାରତର ଶରଣାଗତ। ୟୁନୁସ୍ ସରକାର ହାସିନାଙ୍କର ବାଂଲାଦେଶକୁ ପ୍ରତ୍ୟାର୍ପଣ ଦାବି ବାରମ୍ବାର ଭାରତ ଆଗରେ କରି ଆସୁଥିଲା ଏବଂ ନୂତନ ସରକାର ମଧ୍ୟ ବର୍ତ୍ତମାନ ଏହା କରିବ। ଯଦିଓ ଭାରତ କେବେବି ଏକଥାରେ ରାଜିହେବ ନାହିଁ କିନ୍ତୁ ବାଂଲାଦେଶର ନୂତନ ସରକାର ସହିତ ଆମ ଦେଶର ସମ୍ପର୍କରେ ମଧ୍ୟ ହାସିନା ବାଧା ସୃଷ୍ଟି କରିବା ଭାରତ ଚାହୁଁନି। ଗୋଟିଏ କଥାରୁ ଏହା ସ୍ପଷ୍ଟ ଯେ, ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ନୂତନ ସରକାରକୁ ପ୍ରଧାନମନ୍ତ୍ରୀ ମୋଦି ଅଭିବାଦନ ଜଣାଇଲେ ଯେବେକି ଶେଖ୍ ହାସିନା ଏହି ନିର୍ବାଚନ ଫଳାଫଳକୁ ''ଭୋଟର ବିହୀନ ଫାର୍ସ୍'' ବୋଲି କହିଥିଲେ।

ବାଂଲାଦେଶ ସହିତ ଭାରତର ଏକ ଦୃଢ଼ କୂଟନୈତିକ ସମ୍ପର୍କ ଏଇଥିପାଇଁ ମଧ୍ୟ ରହିବା ଦରକାର କି ଏହାଦ୍ୱାରା ଭାରତ ଏହାର ସୀମାରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଶକ୍ତି ଯେପରିକି ଚାଇନା, ପାକିସ୍ତାନ, ମିଆଁମାର ଓ ତୁର୍କୀକୁ ମଧ୍ୟ ନିୟନ୍ତ୍ରଣ କରି ପାରିବ। ବାଂଲାଦେଶର ରାଜନୀତିରେ ଜମାତର ଅଭ୍ୟୁଦୟ ଓ ଏହାର ପାକିସ୍ତାନ ପ୍ରୀତି କାହାରିକୁ ଅଛପା ନାହିଁ। ଏହି ଦଳ ଯୋଗୁଁ ହିଁ ବାଂଲାଦେଶର ରାସ୍ତାରେ ଭାରତ ବିରୋଧି ସ୍ଲୋଗାନ ଶୁଭୁଛି। ଏପରିକି ଦେଶର ପିତା ଶେଖ ମୁଜିବୁର୍ ରେହେମାନଙ୍କର ପ୍ରତିମୂର୍ତ୍ତି ଭଙ୍ଗାରୁଜାରେ ମଧ୍ୟ ଏହି ଜମାତ ର ହିଁ ପ୍ରଚ୍ଛନ୍ନ ହାତ ରହିଛି। ପୁନଶ୍ଚ ଏହା ଯୋଗୁଁ ବାଂଲାଦେଶର ରାଜନୀତିରେ ଏକ ଗଠନାତ୍ମକ ଓ ଆଦର୍ଶାତ୍ମକ ପରିବର୍ତ୍ତନ ମଧ୍ୟ ଘଟିଛି। ତେଣୁ ଉଭୟ ଭାରତ ଓ ବାଂଲାଦେଶର ନବ ନିର୍ବାଚିତ ସରକାରକୁ ଜମାତ ଉପରେ ସତର୍କମୂଳକ ଦୃଷ୍ଟି ରଖିବା ନିତାନ୍ତ ଆବଶ୍ୟକ।

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେପରିକି ଯୋଗାଯୋଗ, ବାଣିଜ୍ୟ, ସୀମା ପରିଚାଳନା ଓ ଭାରତ-ବାଂଲାଦେଶ ମଧ୍ୟରେ ୧୯୯୬ ମସିହାରେ ୩୦ ବର୍ଷ ପାଇଁ ସ୍ୱାକ୍ଷରିତ ହୋଇଥିବା ଐତିହାସିକ ଗଙ୍ଗାଜଳ ଚୁକ୍ତିର ପୁନଃ ନବୀକରଣ ପାଇଁ ତାରିକ ରେହେମାନଙ୍କୁ ଭାରତର ସାହଚର୍ଯ୍ୟ ନିହାତି ଦରକାର। ଏହି ବିଷୟ ଗୁଡ଼ିକ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ହିଁ ସମାହିତ ହୋଇ ପାରିବ।

# ବାରମାସୀ ରାକ୍ଷସ

ଗୋଟିଏ ଜଙ୍ଗଲରେ ମାୟାବୀ ରାକ୍ଷସଟିଏ ରହୁଥିଲା। ନାଁ ତାର ବାରମାସୀ। ଏମିତି ନାଁ ହେବାର କାରଣ ହେଉଛି ବର୍ଷକ ବାରମାସ ଯାକ ଯେ ବେଶ ବଦଳାଇ ଆସୁଥିଲା ଏବଂ ମନଇଚ୍ଛା ହରିଣ , ଠେକୁଆ, ଘୁଷୁରୀ, ମଇଁଷି ଆଦି ଟେକିନେଇ ଖାଉଥିଲା। ତାର ବିକଟାଳ ରୂପ ଦେଖି ସମସ୍ତେ ଭୟରେ ଥରୁଥିଲେ ଏବଂ ପାଖକୁ ଆସି ଶରଣ ପଶୁଥିଲେ। ଏମିତିକି ଜଙ୍ଗଲର ରାଜା ସିଂହ ବି ବାରମାସୀ ରାକ୍ଷସର ରଡ଼ିରେ ଗୁମ୍ଫା ଭିତରେ ଲୁଚି ରହୁଥିଲା। ଦିନକର କଥା , ସେଦିନ ଚାରିଆଡ଼େ ହୋଲି ପର୍ବ ପାଳନ କରାଯାଉଥାଏ। ବାରମାସୀ ଜଙ୍ଗଲ ପାଖରେ ଥିବା ବସ୍ତିକୁ ଯାଇ ଦେଖିଲା ଲୋକମାନେ ଆନନ୍ଦରେ ରଙ୍ଗ ଖେଳୁଛନ୍ତି ଓ ପରସ୍ପରକୁ ରଙ୍ଗ ଲଗାଇ ଅଭିବାଦନ ଜଣାଉଛନ୍ତି।

ଅନୁଚିନ୍ତା

ଏ ସବୁ ଦେଖି ସେ ଭାବିଲା ମୁଁ ବି ରଙ୍ଗ ଖେଳିବି ଓ ଜଙ୍ଗଲର ସବୁ ଜୀବ ମାନଙ୍କୁ ରଙ୍ଗ ଲଗେଇବି। ଏହାଦ୍ୱାରା ସମସ୍ତେ ମତେ ଭଲ ବୋଲି କହିବେ ଏବଂ ମୋର ସବୁକଥା ମାନିବେ। ତା ପରେ ସେ ବେଶ ବଦଳାଇ ଜଣେ ସାଧାରଣ ମଣିଷର ରୂପ ଧରିଲା । ବସ୍ତିକୁ ଯାଇ ଲୋକମାନଙ୍କ ସହ ମିଶି ରଙ୍ଗ ଖେଳିଲା ଏବଂ ହାତରେ ରଙ୍ଗ ପୁଡ଼ିଆଟେ ଧରି ହସି ହସି ଜଙ୍ଗଲକୁ ଆସିଲା। ସବୁ ଜୀବମାନେ ବାରମାସୀକୁ ଏତେ ଖୁସି ହେବାର କେବେ ଦେଖି ନଥିଲେ। ପାଖରେ ଥିବା ଗୋଟିଏ ଠେକୁଆକୁ ବାରମାସୀ ପଚାରିଲା ' କିରେ , ସତ କହିଲୁ ମତେ ଜଙ୍ଗଲରେ କେହି ଡରନ୍ତି ନା ନାହିଁ ?'। ଠେକୁଆ ଥରି ଥରି ଉତ୍ତର ଦେଲା ' ଆଜ୍ଞା ହଜୁର୍, ଆପଣ ତ ଆମର ସ୍ୱାମୀ। ଆପଣଙ୍କୁ ପୁଣି କିଏ ନ ଡରିବ ଯେ'। ଏଥର ବାରମାସୀ କହିଲା 'ହଉ ଠିକ୍ ଅଛି, ଏବେ ସମସ୍ତଙ୍କୁ ଯାଇ ଡାକିଦିଅ, ମୁଁ ଆଜି ବହୁତ୍ ଖୁସି ଅଛି , ଆମେ ସାଙ୍ଗହୋଇ ସମସ୍ତେ ରଙ୍ଗ ଖେଳିବା, ଆଜି ମୁଁ କାହାକୁ ଖାଇବିନି। ଏକଥା ଶୁଣି ଠେକୁଆ ଭୟରେ ଯାଇ ସବୁ ଜୀବ ମାନଙ୍କୁ ବାରମାସୀର ଆଦେଶ କଥା ଜଣାଇଲା। ଇଚ୍ଛା ନଥିଲେ ବି ଜୀବନ ବିକଳରେ ସମସ୍ତେ ଆସି ପହଞ୍ଚିଲେ। ବାରମାସୀ ହାତରେ ଧରିଥିବା ରାସାୟନିକ ରଙ୍ଗକୁ ସମସ୍ତଙ୍କ ଦେହରେ ବୋଳିଲା ଏବଂ ନିଜେ ମଧ୍ୟ ରଙ୍ଗ ବୋଳିହୋଇ ଖୁସିରେ ଗୀତ ଗାଇ ନାଚିଲା । ରଙ୍ଗ ଲାଗିବା ପରେ ଜୀବ ମାନଙ୍କ ଦେହ ଯନ୍ତ୍ରଣାରେ ଜଳୁଥାଏ କିନ୍ତୁ ଭୟରେ କେହି କିଛି କହିପାରୁ ନଥାନ୍ତି। ହୋଲି ସରିବା ପରେ ସମସ୍ତେ ନିଜ ନିଜ ଘରକୁ ଚାଲିଗଲେ। କିଛିଦିନ ପରେ ବାରମାସୀ ଆସି ଠେକୁଆକୁ କହିଲା ଆଜି ମୁଁ ହରିଣ ଖାଇବି , ଜଲଦି ମୋ ପାଖକୁ ଆଣ। ଠେକୁଆ କିନ୍ତୁ କିଛି ନକହି ନୀରବରେ ଗୋଟିଏ ଜାଗାରେ ଛିଡ଼ା ହୋଇଥାଏ। ବାରମାସୀ ରାଗି ଯାଇ ହୁଁ କିନା ରଡ଼ି ଛାଡ଼ିଲା , ' କିରେ ମୋ କଥାକୁ ଅବମାନନା କରୁଛ ! ସମସ୍ତଙ୍କୁ ଖାଇଯିବି। ଠେକୁଆ ଭୟରେ ହାତ ଯୋଡ଼ି କହିଲା 'ହଜୁର, ଆଉ କେହି ଜଙ୍ଗଲରେ ଥିଲେ ସିନା ଆପଣ ଖାଇବେ ! ଏମିତି ତ ଆପଣଙ୍କ ଭୟରେ ଅନେକ ଜୀବ ଧୀରେ ଧୀରେ ଜଙ୍ଗଲ ଛାଡ଼ି ଦେଇଛନ୍ତି କିନ୍ତୁ ସେଦିନ ଆପଣଙ୍କୁ ବହୁ ମନା କରିବା ପରେ ବି ଆପଣ ସମସ୍ତଙ୍କ ଦେହରେ ରଙ୍ଗ ବୋଳିଲେ। ଜୀବ ମାନଙ୍କ ଦେହରେ ରାସାୟନିକ ରଙ୍ଗ ଲାଗିବା ଯୋଗୁ ସେମାନଙ୍କ ଚର୍ମ ଘା ହୋଇ ଫାଟିଗଲା। ତେଣୁ କିଛି ଜୀବ ଯନ୍ତ୍ରଣାରେ ଛଟ ପଟ ହୋଇ ମରିଗଲେ ଏବଂ ଆଉ କିଛି ଭୟରେ ଜଙ୍ଗଲ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଲୋକମାନେ ସିନା ପାଣିରେ ଗାଧେଇ ନିଜ ଦେହର ରଙ୍ଗକୁ ଛଡ଼ାଇ ଦେବେ ହେଲେ ଆମେ ଜୀବମାନେ କଣ କରିବୁ ? ତେଣୁ ଏହି ରାସାୟନିକ ରଙ୍ଗକୁ ହୋଲିରେ ବ୍ୟବହାର କରିବା ଠିକ୍ ନୁହେଁ। ଏକଥା କହି ଠେକୁଆଟି ବାରମାସୀ ସାମ୍ନାରେ ଛଟପଟ ହୋଇ ମରିଗଲା। ସବୁଦେଖି ବାରମାସୀ ଏକଦମ୍ କାଠ ହୋଇ ଛିଡ଼ା ହୋଇଥାଏ ଆଉ ଭାବୁଥାଏ ମୁଁ ଏ କଣ କରିଦେଲି !

# ମହାନଦୀ ପଠାରେ ଦୁଃସାହସିକ ଜଳକ୍ରୀଡ଼ା




**ଡ଼. ମନୋଜ କୁମାର ମହାନ୍ତି**
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ ମହାବିଦ୍ୟାଳୟ
ଭଦ୍ରକ, ୮୮୯୫୩୪୧୦୩୩


ରାଷ୍ଟ୍ରୀୟ ସେବା ଯୋଜନା ମାଧ୍ୟମରେ ଭାରତର ଅବସ୍ଥିତ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜାତୀୟ ସେବା ଯୋଜନାରେ କାର୍ଯ୍ୟରତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ବର୍ଷର ଭିନ୍ନଭିନ୍ନ ସମୟରେ ଭାରତ ତଥା ରାଜ୍ୟରେ ବିଭିନ୍ନପ୍ରାନ୍ତରେ ସାମାଜିକ ତଥା ସଚେତନମୂଳକ କାର୍ଯ୍ୟକ୍ରମ ଶିବିରର ଆୟୋଜନ କରାଯାଇ ସେବାର ମୂଲ୍ୟବୋଧକୁ ସମାଜରେ ବାଣ୍ଟିବା ସହ ମାନବିକ ମହତ୍ୱକୁ ପ୍ରତିପାଦନ କରିବା ଜାତୀୟ ସେବା ଯୋଜନାର ମୂଳଲକ୍ଷ୍ୟ।ଯେବେ କର୍ମ ନିଜପାଇଁ କରାଯାଏ ତାହାକୁ ଶ୍ରମ କୁହାଯାଏ କିନ୍ତୁ ସେଇ କର୍ମ ଯେବେ ସାମୁହିକ ଉଦ୍ଦେଶ୍ୟରେ ସମ୍ପାଦନା କରାଯାଇଥାଏ ତାହା ସେବାରେ ରୂପାନ୍ତରିତ ସହ ସେବାର ସ୍ୱୀକୃତି ଲାଭ କରେ। ସେବା ହିଁ ସଚେତନତା, ସେବା ହିଁ ସାଧନା ଓ ସମାଜକୁ ଯୋଡ଼ିବାରେ, ସେତୁବାନ୍ଧିବାରେ ଏକ ବିକଳ୍ପ। ପ୍ରତ୍ୟେକ ମଣିଷ ନିଜର ମହନୀୟ କର୍ମ ତଥା ସମାଜପାଇଁ ଦେଇଥିବା ଯୋଗଦାନ ଯାହା ସାମାଜିକ ଉନ୍ନତି ସହ ଏକ ପରିବର୍ତ୍ତନର ବାର୍ତ୍ତା ମଣିଷ ମଧ୍ୟରେ ଆଣିଥାଏ।

ଭାରତ ବର୍ଷ ତାର ନିର୍ଦ୍ଦିଷ୍ଟ ମୂଲ୍ୟବୋଧପାଇଁ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମ ପରମ୍ପରା ଓ ସଂସ୍କୃତି ଆମ ପରିଚୟ। ଦେଶର ସମସ୍ତ କ୍ଷେତ୍ରରେ ଛାତ୍ରରୂପକ ଯୁବକମାନଙ୍କର ଭୂମିକା ଯୁଗେଯୁଗେ। ଯୌବନ ପ୍ରତ୍ୟେକ ଜୀବନପାଇଁ ଶକ୍ତି ଓ ସାମର୍ଥ୍ୟର ଏକ ତେଜୀୟାନ ଦ୍ ?ୀପଶିଖା। ଭାରତର ସ୍ ?ାଧୀନତା ସଂଗ୍ରାମରୁ ଏପର୍ଯ୍ୟନ୍ତ ଭିନ୍ନଭିନ୍ନ କ୍ଷେତ୍ରରେ ବହୁମାତ୍ରାରେ ଯୁବଗୋଷ୍ଠୀ ଓ ଛାତ୍ର ସମାଜର ଯୋଗଦାନ ସହ ଅଂଶଗ୍ରହଣ ଯୁବଶକ୍ତିର ଏକ ଆନ୍ତରିକ ସ୍ପୃହା। ଯୁବଶକ୍ତି ହିଁ ଅସମ୍ଭବକୁ ସମ୍ଭବ କରିବାରେ ଦକ୍ଷ। ବିଶେଷକରି ଛାତ୍ରସମାଜ ଯେଉଁମାନେ ଆଗମୀ ଭବିଷ୍ୟତ, ଯାହାକୁ ନେଇ ଦେଶ ଓ ସମାଜ ଦେଖେ ଅନେକ ସ୍ୱପ୍ନ। ଛାତ୍ରମାନଙ୍କୁ ଚାରିତ୍ରିକ ଶୃଙ୍ଖଳା ସହ ସାମାଜିକ ଦାୟିତ୍ ?ବୋଧକୁ ଶିକ୍ଷା ମାଧ୍ୟମରେ ଦିଆଗଲେ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ଘଟିବ। ଗାଁଗହଳିରେ ସାଧାରଣଜନତାଙ୍କ ମଧ୍ୟରେ ସଚେତନ କରିବାର ପ୍ରୟାସରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା ବିଭିନ୍ନ ଶିବିର ମାଧ୍ୟମରେ ଗ୍ରାମରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବନୀକରଣ, ନିଶା ନିବାରଣ, ନାରୀଶିକ୍ଷା, ସ୍ୱାକ୍ଷରତା, ଯୋଗାଭ୍ୟାସ, ନାରୀ ସଶକ୍ତକରଣ, ରକ୍ତଦାନ, ଦୁର୍ନୀତି ତଥା ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାନୁଷ୍ଠାନର ସ୍ୱେଚ୍ଛାସେବୀମାନେ କେଉଁଠି ସାତ ଦିନର ରହଣୀ, ତ କେଉଁଠି ପାଞ୍ଚ ଦିନ, ଚାରିଦିନିଆ ପୁଣି ତିନିଦିନିଆ ଶିବିର ମାଧ୍ୟମରେ ସମ୍ପାଦନ କରୁଛନ୍ତି। ଶିବିରର ପ୍ରତିଟି ସକାଳ ଓ ରାତି ଏକ ଅଭୂଲା ସ୍ମୃତି। ସ୍ୱେଚ୍ଛାସେବୀମାନଙ୍କର ଉତ୍କଣ୍ଠା ଓ ଆନ୍ତରିକତା ମୋତେ ଅନେକ ସମୟରେ ଉତ୍ସାହିତ କରେ। ସାମାଜିକ ସେବାର ମହତ୍ତ୍ୱକୁ ପ୍ରତିପାଦନ କରିବାରେ ଜାତୀୟ ସେବା ଯୋଜନା ଯେଉଁ ବୃହତ୍ ସଂକଳ୍ପ ନେଇଛି ତାହା ସତରେ ପ୍ରଶଂସାର ଯୋଗ୍ୟ। କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଭାରତର ବିଭିନ୍ନ ରାଜ୍ୟରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରତିବର୍ଷ ଜାତୀୟ ଏକତା ଶିବିର, ରାଜ୍ୟ ଜାତୀୟ ସେବା ଶିବିର, ଜିଲ୍ଲା ସ୍ତରୀୟ ଯୁବନେତୃତ୍ୱ ଶିବିରମାନ ଆୟୋଜନ ଦ୍ୱାରା ଯୁବକମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତାକୁ ଅକ୍ଷୁର୍ଣ୍ଣ ରଖିବା ସହିତ ସେମାନଙ୍କ ମଧ୍ୟରେ ସମ୍ପର୍କର ସେତୁ ନିର୍ମାଣ କରିବାରେ ଏକ ସୁନ୍ଦର ପ୍ରୟାସ। ଚଳିତ ବର୍ଷ ଫେବୃଆରୀ ମାସରେ ଆମ ରାଜ୍ୟରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ବିଳାସୀ ନୌକା ଭ୍ରମଣ କ୍ରୀଡ଼ା ସଂଘଠନ ଆନୁକୁଲ୍ୟରେ ଆୟୋଜିତ ଦୁଶାହାସିକ ଜଳକ୍ରୀଡ଼ା ଶିବିରରେ ଭଦ୍ରକ ଜିଲ୍ଲାର ଜାତୀୟ ସ୍ୱେଚ୍ଛାସେବୀଙ୍କ ସହ ଶିବିରରେ ଉପସ୍ଥିତି ମୋର ଏକ ଅନ୍ୟତମ ଅନୁଭୂତି। କଟକର ହରିଣ ଉଦ୍ୟାନ ନିକଟସ୍ଥ ଚିଦାନନ୍ଦ ଆଶ୍ରମ ଘାଟରୁ ଛଅଶହ ମିଟର ଜଳ ମଧ୍ୟରେ ଅବସ୍ଥିତ ବାଲିପଠାରେ ଏହି ଦୁଃସାସିକ ଜଳକ୍ରୀଡ଼ା ଶିବିରର ଆୟୋଜନ ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସୁନ୍ଦର ପରିକଳ୍ପନା। ଯେଉଁଠି ସନ୍ତରଣ, ନୌକାଚାଳନା, ଗଭୀର ଜଳରେ ପ୍ରବେଶ ତଥା ବନ୍ୟାଭଳି ପ୍ରାକୃତିକ ବିପର୍ଯ୍ୟସ୍ତ ସମୟରେ କିପରି ଜଳରୁ ନିଜକୁ ଉଦ୍ଧାର କରିବା ସହ ଅନ୍ୟକୁ ରକ୍ଷାକରିବାର ସମସ୍ତ କୌଶଳକୁ ଜଳରେ ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ ନିଶ୍ଚିତଭାବେ ଓଡ଼ିଶାର ଛାତ୍ରତଥା ଯୁବଗୋଷ୍ଠୀଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ଜଳକ୍ରୀଡ଼ା କ୍ଷେତ୍ରରେ ପ୍ରେରଣା ସହ ସେମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଦୁସାହାସିକ ଜଳକ୍ରୀଡ଼ା ଶିବିର ଓଡ଼ିଶା ଭଳି ରାଜ୍ୟପାଇଁ ଏକ ସୁନ୍ଦର ପଦକ୍ଷେପ। ନଦନଦୀର ପରିଚିତ ରାଜ୍ୟ ଓଡ଼ିଶା ଆଗମୀ ଦିନରେ ଜଳକ୍ରୀଡ଼ା ପ୍ରତିଯୋଗିତାର ଯୁବଗୋଷ୍ଠୀ ଅଂଶଗ୍ରହଣ କରି ରାଜ୍ୟପାଇଁ ନିଶ୍ଚିତ ସୁନାମ ଆଣିବେ। ଦକ୍ଷ ପ୍ରଶିକ୍ଷଙ୍କ ଉପସ୍ଥିତି ତଥା ମାର୍ଗଦର୍ଶନରେ ରାଜ୍ୟରୁ ଅନେକ ପ୍ରତିଭାର ଆବିଷ୍କାର ହେବା ସୁନିଶ୍ଚିତ।କଟକ, ହରିଣ ଉଦ୍ୟାନ, ବାଲିଯାତ୍ରା ପଡ଼ିଆ ଓ ମହାନଦୀ କୂଳ ସହ ମୋର ଅନେକ ଦୁର୍ବଳତା। ମୋ ଯୌବନର ସବୁଠୁ ଅଧିକ ସମୟ କଟକରେ ଅତିବାହିତ କରିଛି। ଉଚ୍ଚ ମାଧ୍ୟମିକରୁ ସ୍ନାତକୋତ୍ତର ଶିକ୍ଷା କଟକରେ ଅଧ୍ୟୟନ ସମୟରେ କେବେ କିଛି ପ୍ରିୟ ବନ୍ଧୁଙ୍କ ସହ ପୁଣି କେବେ ଏକାଏକା କଟକର ବାଉନ ବଜାର ତେପନ ଗଳି ମୁଁ ସାଇକେଲରେ ବୁଲିଛି। ମହାନଦୀରେ ଖରାଦିନେ ହୋଲି ସମୟରେ ଗାଧୋଇଛି। କିନ୍ତୁ ସେ ପଠାକୁ ଯିବାକୁ ସୁଯୋଗ ପାଇନଥିଲି।

ଓଡ଼ିଶା ନୌକାଭ୍ରମଣ ସଂଘଠନ ତତ୍ତ୍ୱାବଧାନରେ ଚାରିଦିନିଆ ଜଳକ୍ରୀଡ଼ା ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିବା ମହାନଦୀ ବାଲିପଠା ଏକ ଛୋଟ ଦ୍ୱୀପ ସଦୃଶ। ସେଇ ପଠାରେ ତିରିଶ ବର୍ଷରୁ ଅଧିକ ସମୟ ବସତିସ୍ଥାପନ କରୁଥିବା ଜଣେ ବୃଦ୍ଧାଙ୍କ କହିବା ଅନୁସାରେ ପଠାଟି ଗଡ଼ଗଡ଼ିଆ ପଠାଭାବେ ପରିଚିତ। ତା ଆଗକୁ ନନ୍ଦକିଶୋର ପଠା ଅବସ୍ଥିତ। ୨୦ ଏକରରୁ ଅଧିକ ପରିଧି ବିଶିଷ୍ଟ ବାଲିପଠାର ସ୍ଥଳଭାଗଟି ଯଦିଓ କୌଣସି ପର୍ଯ୍ୟଟନସ୍ଥଳୀର ଅନ୍ତର୍ଭୁକ୍ତ ନୁହେଁ ତଥାପି ଏହାର ଅବସ୍ଥିତି ବାସ୍ତବରେ ଚମତ୍କାର। ସାହାଡ଼ା ସୁନ୍ଦରୀ ଓ ଜଦାଖାଇ ଗଛରେ ପରିପୂର୍ଣ୍ଣ ମହାନଦୀ ପଠାର ପ୍ରାକୃତିକ ପରିବେଶ ସୌନ୍ଦର୍ଯ୍ୟ ସାନ୍ଧ୍ୟ ଓ ପ୍ରାତ ସମୟରେ ଅତ୍ୟନ୍ତ ମନୋରମ। କବି ମାୟାଧର ମାନସିଂହଙ୍କ ମହାନଦୀରେ ଜ୍ୟୋତ୍ସ୍ନା ବିହାର କବିତା ମାଧ୍ୟମରେ ମହାନଦୀର ମନୋରମ ପ୍ରକୃତିକୁ ବର୍ଣ୍ଣନା କରାଯାଇଛି। ସକାଳ ସମୟରେ ଏକ ପ୍ରଜାତିର ପକ୍ଷୀମାନଙ୍କର ଦଳବଦ୍ଧ କ୍ରୀଡ଼ା ଅତ୍ୟନ୍ତ ଚିତ୍ତାକର୍ଷକ। ଯେକୌଣସି ଶିବିର, ଜଳକ୍ରୀଡ଼ା ପ୍ରଶିକ୍ଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବଣଭୋଜିପାଇଁ ସ୍ଥାନଟି ଅତି ଉତ୍ତମ। ସରକାର ପ୍ରୟାସରେ ଆରମ୍ଭ କରାଯାଇଥିବା ଦୁଃସାହସିକ ଜଳକ୍ରୀଡ଼ା ଶିବିର ସହ ଆଗାମୀ ଦିନରେ ଏକ ସୁନ୍ଦର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ପରିଚୟ ସୃଷ୍ଟି କରି କଟକର ଅନେକ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଏହାକୁ ଅନ୍ତର୍ଭୁକ୍ତ କରାଗଲେ ସାଧାରଣ ଜନତାଙ୍କ ଅବସର ବିନୋଦନ ସହ ଯୁବକମାନଙ୍କୁ ଆତ୍ମନିଯୁକ୍ତିର ଏକ ଅବସର ମିଳିପାରନ୍ତା।

## ରସୁଲଗଡ଼ରେ ଚାଞ୍ଚଲ୍ୟ

# ୟୁଟ୍ୟୁବ ବ୍ଲଗରଙ୍କୁ ଜିଜିପି କଲୋନୀରେ ହତ୍ୟା



## ଜଣେ ଯବାନଙ୍କ ସହ ୩ ଗିରଫ

ଭୁବନେଶ୍ୱର, ୧ ।୩: ରାଜଧାନୀରେ ୟୁଟ୍ୟୁବର ରାହୁଲ୍ ମହାରଣା ହତ୍ୟା ମାମଲାରେ ଜଣେ ଯବାନଙ୍କ ସହ ୩ ଗିରଫ ହୋଇଛନ୍ତି । ଜଣେ ଯବାନ ଓ ତାଙ୍କର ୨ ପୁତୁରାଙ୍କୁ କମିଶନରେଟ ପୋଲିସ ଗିରଫ କରିଛି । ମଦ୍ୟପାନ ଓ ପରେ ଯୁକ୍ତିତର୍କକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ରସୁଲଗଡ଼ ନିକଟ ଜିଜିପି କଲୋନୀରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଥିଲା । ମୃତ ଯୁବକ ଜଣଙ୍କ ରାହୁଲ ମହାରଣା ଜଣେ ୟୁଟ୍ୟୁବ ବ୍ଲଗର ଥିଲେ । ରାତିରେ ୪ରୁ ୫ ଜଣ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରିଥିଲେ ।ରାହୁଲଙ୍କୁ ରକ୍ତ ଜଡୁଳୁଡୁ ଅବସ୍ଥାରେ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ନିଆ ଯାଇଥିଲା । ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ଘଟଣା ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ରାହୁଲ ଅକ୍ସିଜେନ ସିଲିଣ୍ଡ କାରବାର କରନ୍ତି । ଏହା ସହ ସେ ଜଣେ ୟୁଟୁବ ବ୍ଲର୍ଗ ଭାବେ ପରିଚିତ ଥିଲା ।



ଭୁବନେଶ୍ୱର, ୧ ।୩: ରାଜଧାନୀରେ ପୁଣି ଗଡିଲା ମୁଣ୍ଡ । ରସୁଲଗଡ଼ ନିକଟ ଜିଜିପି କଲୋନୀରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକ ଜଣଙ୍କ ରାହୁଲ ମହାରଣା । ସେ ଜଣେ ୟୁଟ୍ୟୁବ ବ୍ଲଗର । ରାତିରେ ୪ରୁ ୫ ଜଣ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରିଥିବା ଜଣାପଡ଼ିଛି ।ରାହୁଲଙ୍କୁ ରକ୍ତ ଜଡୁଳୁଡୁ ଅବସ୍ଥାରେ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ନିଆ ଯାଇଥିଲା । ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏ ଘଟଣା ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ରାହୁଲ ଅକ୍ସିଜେନ ସିଲିଣ୍ଡ କାରବାର କରନ୍ତି । ଏହା ସହ ସେ ଜଣେ ୟୁଟୁବ ବ୍ଲର୍ଗ ଭାବେ ପରିଚିତ ।ସୂଚନାଯୋଗ୍ୟ, ଗତ ପ୍ରାୟ ଦୁଇମାସ ପୂର୍ବରୁ ରାହୁଲଙ୍କର ଏକ ଏକ ଗୋଷ୍ଠୀ ସହ କେଣସି କାରଣରୁ ବିବାଦ ହୋଇଥିଲା । ଉଭୟ ପକ୍ଷ ଥାନାକୁ ଯାଇଥିଲେ । ଥାନାରେ ଆପୋସ ସମାଧାନ ହୋଇଥିଲା ।

# କଟକ ଜିଲ୍ଲାସ୍ତରୀୟ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

କଟକ ୦୧/୦୩(ଅକ୍ଷର ଓଡ଼ିଶା): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସିଟି ହସ୍ପିଟାଲ ଠାରେ, ଆଜି (ହ୍ୟୁମାନ ପାପିଲୋମା ଭାଇରସ) ଜିଲ୍ଲାସ୍ତରୀୟ ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ,ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା କରାଯାଇଅଛି । ଏହି କାର୍ଯ୍ୟକ୍ରମ ଗର୍ଭାଶୟ କ୍ୟାନ୍ସର ପ୍ରତିରୋଧ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ୧୪ ବର୍ଷ ବୟସ୍କା କନ୍ୟାଶିଶୁମାନଙ୍କୁ ପ୍ରତୀକାତ୍ମକ ଭାବେ ଐଚଠ ଟିକା ପ୍ରଦାନ କରାଯାଇଥିଲା । ଏହି ଟୀକାକରଣ ମାଧ୍ୟମରେ ଭବିଷ୍ୟରେ ଗର୍ଭାଶୟ କ୍ୟାନ୍ସର ରୋକାଯିବାରେ ଏକ ଦୃଢ଼ ପଦକ୍ଷେପ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ ।ଏହି ଟୀକାକରଣ ଅଭିଯାନ ଆଗାମୀ ତିନି ମାସ ପର୍ଯ୍ୟନ୍ତ ଚାଲିବ ଏବଂ ନିର୍ଦ୍ଧାରିତ ସରକାରୀ ଚିକିତ୍ସାଳୟମାନଙ୍କରେ ଟୀକାପ୍ରଦାନ କରାଯିବ । ଯାହାକି ସମସ୍ତ ବ୍ଲକମାନଙ୍କର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ କଟକ ସହରରେ ସିଟି ହସ୍ପିଟାଲ ଓ ଉଭୟ ଚାଉଳିଆଗଞ୍ଜ ଓ ସିଡିଏ ସେକ୍ଟର-୭ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ବାଙ୍କୀ ଓ ଆଠଗଡ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟମାନଙ୍କରେ ଏହି ଟୀକା ପ୍ରଦାନ କରାଯିବ ।୧୪ ବର୍ଷରୁ ୧୫ ବର୍ଷ ବୟସ୍କା ମଧ୍ୟରେ କନ୍ୟାସନ୍ତାନମାନଙ୍କୁ ନିଶୁଳ୍କ ଭାବେ ରାଜ୍ୟସରକାରଙ୍କ ପକ୍ଷରୁ ଏହି ଟୀକା ପ୍ରଦାନ କରାଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯିବା ସହ ଅଭିଭାବକମାନଙ୍କୁ ନିବେଦନ କରାଯାଇଛି ଯେ, ସେମାନେ ନିଜ କନ୍ୟାସନ୍ତାନଙ୍କୁ ନିକଟସ୍ଥ ନିର୍ଦ୍ଧାରିତ ସରକାରୀ ଚିକିତ୍ସାଳୟକୁ ନେଇ ଟୀକାକରଣ କରାଇ ସୁସ୍ଥ ଭବିଷ୍ୟତ ନିଶ୍ଚିତ କରାନ୍ତୁ । ଏଠାରେ ସୂଚନାଯୋଗ୍ୟେ ଯେ ଭାରତ ସରକାରଙ୍କ ଟ-ଡଓଘ ପୋର୍ଟାଲ ରେ ଘରେ ବସି ମଧ୍ୟ ପଞ୍ଜିକରଣ କରିବାର ସୁବିଧା ଉପଲବ୍ଧ ଅଛି ।ଏହି ପୋର୍ଟାଲରେ ପଞ୍ଜୀକରଣ କରାଇ ନିକଟସ୍ଥ ନିର୍ଦ୍ଧାରିତ ଚିକିତ୍ସାଳୟ ମାନଙ୍କରେ ଟୀକା ଗ୍ରହଣ କରିପାରିବେ ।ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ପ୍ରଶାନ୍ତ କୁମାର ହୋତା ଉପସ୍ଥିତ ଥିବାବେଳେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ (ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ)ଡ଼ା ଚିନ୍ତାମଣି ମିଶ୍ର , ଅତିରିକ୍ତ ଚିକିତ୍ସା ଅଧିକାରୀ (ମେଡିକାଲ) ଡ଼ା ଚନ୍ଦନ ଗଡ଼ ନାୟକ ଏବଂ ଏନଏଚଏମ (ଘଐଗ) ଷ୍ଟାଫ ଓ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ସମସ୍ତ ଆୟୋଜନ ଓ ସହଯୋଗ କରିଥିଲେ ।

# ମାନୁନାହାନ୍ତି ରଙ୍ଗ୍‌ରୁଟ୍ ନିୟମ

ଭୁବନେଶ୍ୱର ୦୧/୦୩ : ରାଜଧାନୀରେ ଅମାନିଆ ଗାଡ଼ିଚାଳକଙ୍କ ଯୋଗୁ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢ଼ିବାରେ ଲାଗିଛି । ସହରର ବଡ଼ବଡ଼ ଛକ ଓ ଅଣ୍ଡରପାସ୍ ନିକଟରେ ରଙ୍ଗରୁଟ୍ ଗାଡ଼ିଚାଳନା ବର୍ତ୍ତମାନ ସମୟରେ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି । ସିଧାସଳଖ ରାସ୍ତାରେ ସୁରୁଖୁରୁରେ ଯାଉଥିବା ସମୟରେ ବିପରୀତ ଦିଗରୁ ହଠାତ୍ ଗାଡ଼ି ମାଡ଼ିଆସି ଲୋକଙ୍କୁ ଅକଳରେ ପକାଉଛି । ବଡ଼ବଡ଼ ଛକ ନିକଟରେ ଟ୍ରାଫିକ୍ ପୁଲିସ ନିୟୋଜିତ ଥିଲେ ମଧ ଲୋକେ ଏହାକୁ ଖାତିର କରୁନାହାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜଧାନୀର ବିଭିନ୍ନ ଫ୍ଲାଏଓଭ୍ର ତଳେ ଥିବା ଅଣ୍ଡରପାସ୍ ନିକଟରେ ଏହି ସମସ୍ୟା ଯୋଗୁ ରାସ୍ତା ସଙ୍କୁଚିତ ଗାଡ଼ିଚାଳନା ଦେଖିବାକୁ ମିଳୁଛି । ସେହିଭଳି ଆଭ୍ୟନ୍ତରୀଣ ସହରରେ ରଘୁନାଥପୁର, ପଟିଆ, ଡମଣା, ଚନ୍ଦ୍ରଶେଖରପୁର, ଜୟଦେବବିହାର, ଜନପଥ, ରାଜମହଲ ଛକ, ମାଉସୀ ମା' ଛକ, ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ । ରଙ୍ଗ୍‌ରୁଟ୍ ଗାଡ଼ିଚାଳନା ପାଇଁ ଟ୍ରାଫିକ୍ ବିଭାଗ ପକ୍ଷରୁ ଜରିମାନା ବ୍ୟବସ୍ଥା ହୋଇଛି । ପ୍ରଥମ ଥର ଆଇନ ଉଲ୍ଲଂଘନ କଲେ ୫ହଜାର ଟଙ୍କା ଓ ତା' ପରେ ପ୍ରତିଥର ପାଇଁ



## ଜରିମାନା ଆଦାୟ କୋହଳ

ପୁରୀ-କଟକ ରୋଡ୍ ଅଞ୍ଚଳରେ ଏହି ସମସ୍ୟା ଚିନ୍ତାଜନକ । ଡାଇଭର୍ସନ୍ ଓ ଅର୍ଣ୍ଡପାସ୍ ନିକଟରେ ହଠାତ୍ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ବ୍ୟବସ୍ଥା ହୋଇଛି । ଏତେ ବଡ଼ ପରିମାଣର ଜରିମାନା ସତ୍ତ୍ୱେ ଯାଞ୍ଚ କୋହଳ ଯୋଗୁ ଅମାନିଆଙ୍କୁ ସାବାଡ଼ ହେଉନାହିଁ । ହୋଇ ଯାତାୟାତରେ ବାଧା ଉପୁଜୁଛି । କାଁ ଭାଁ ଟ୍ରାଫିକ୍ ପୁଲିସ ଓ ଓ୍ୱାର୍ଡେନ୍ ନିୟୋଜିତ ଥିଲେ ମଧ ସଂଘବଦ୍ଧ ରଙ୍ଗରୁଟ୍ ଗାଡ଼ି ଚାଳନା ଆଗରେ ସେମାନେ କାଗଜ ବାଘ ପାଲଟୁଛନ୍ତି ।ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋଠାରୁ ଆରମ୍ଭ କରି ପଳାଶୁଣୀ ପର୍ଯ୍ୟନ୍ତ ଏନ୍‌ଏଚ୍- ୧୬ର ସର୍ଭିସ୍ ରୋଡ୍‌ଗୁଡ଼ିକରେ ରଙ୍ଗରୁଟ୍ ଗାଡ଼ିଗୁଡ଼ିକ ବିପରୀତ ଦିଗରୁ ଚାଲି ଆସୁଛନ୍ତି । ପ୍ରତିବାଦ କଲେ ନାଲିଆଖି ଦେଖାଉଛନ୍ତି । ବିଭିନ୍ନ ସମୟରେ ଏଥିଲାଗି ଯୁକ୍ତିତର୍କ ଓ ହାତାହାତି ପର୍ଯ୍ୟନ୍ତ କଥା ଯାଉଛି । ସେହିଭଳି ଆଉକିଛି ଅଞ୍ଚଳରେ ରଙ୍ଗରୁଟ୍ ଗାଡ଼ିଚାଳନାଦେହସୁହା ହୋଇଗଲାଣି । ତେବେ ଏହାକୁ ବନ୍ଦ ହେବ କେମିତି ସେ ନେଇ ଟ୍ରାଫିକ୍ ବଡ଼ବଡ଼ ଛକ ନିକଟରେ ଏଆଇ କ୍ୟାମେରା, ଟ୍ରାଫିକ୍ ଉଲ୍ଲଂଘନ ଚିହ୍ନଟ ବ୍ୟବସ୍ଥା(ଟିଭିଡିଏସ୍) ଓ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟକାରୀ ବ୍ୟବସ୍ଥା(ଏଏନ୍‌ପିଆର୍) ରହିଛି । ଇ-ଚାଲାଣରେ କଟୁଥିବା ନେଇ ଟ୍ରାଫିକ୍ ବିଭାଗ ଡିଣ୍ଡିମ ପିଟୁଥିବା ବେଳେ ନିୟମ ଉଲ୍ଲଂଘନ ତା' ବାଟରେ ଚାଲିଛି ।

# ଓଡ଼ିଶା ପାଳିଲା ବିଶ୍ୱ ଦହିବରା ଆଳୁଦମ ଦିବସ



କଟକ ୦୧/୦୩ : ଓଡିଆଙ୍କ ଭାରି ପ୍ରିୟ ଦହିବରା ଆଳୁଦମ । ଦହିବରା ମାନେ ସବୁବେଳେ ମନକୁ ଆସେ କଟକ ଦହିବରା ଆଳୁଦମ । କାରଣ ଦହିବରା ପାଇଁ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଛି କଟକ । ଏହା ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେବା ସହିତ

## ଓଡିଆଙ୍କ ଭାରି ପ୍ରିୟ

କଟକର ଏହି ଦହିବରା ଆଳୁଦମ ଖାଇବା ପାଇଁ ଦେଶ ବିଦେଶରୁ ଲୋକେ ଆସନ୍ତି । ସକାଳ ହେଉ କି ସନ୍ଧ୍ୟା ଦହିବରା ଟିକେ ନହେଲେ ମନ ମାନେନା । ତେଣୁ ଦହିବରାର ମହତ୍ୱକୁ ଆଉ ଟିକେ ଅଧିକ ପ୍ରତିପାଦିତ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୧କୁ ବିଶ୍ୱ ଦହିବରା ଆଳୁଦମ ଦିବସ ରୂପେ ପାଳନ କରାଯାଏ । ଏହି ଦିବସକୁ ବେଶ ଧୂମଧାମରେ ପାଳନ କରିଥାନ୍ତି ଓଡ଼ିଶାବାସୀ । ନରମ ନରମ ଦହିରେ ଭିଜା ବରା, ଆଳୁ କଷା ସାଙ୍ଗକୁ ଗରମ ଗରମ ଘୁଘୁନି । ଦହିବରା ଖାଇସାରିଲା ପରେ ଦହିପାଣି ଆଉ ସେଓ ଖାଇବାର ମଜା ହିଁ କିଛି ଅଲଗା । ସେଥିପାଇଁ ଦଶହରା ହେଉ କି ବାଲିଯାତ୍ରା ସବୁ କଟକିଆ ସକାଳୁ ଉଠି ଚାଲି ଆସନ୍ତି ଦହିବରା ଖାଇବାକୁ । କେବଳ ପର୍ବ ନୁହେଁ ସକାଳ ଜଳଖିଆ, ସନ୍ଧ୍ୟା ଜଳିଖିଆରେ ବି ଦହିବରା କଟକିଆଙ୍କ ମୁଖ୍ୟ ଖାଦ୍ୟ । ପେଟେ ଖାଇଦେଲେ ଦିନ ଯାକ ଭାତ ବି ଖାଇବାକୁ ଇଚ୍ଛା ହୁଏନି । ସତୁରି ଅଶୀ ଦଶକରେ ବିଡ଼ାନାସୀ ଅଞ୍ଚଳର କିଛି ବେପାରୀ ସାଇକେଲରେ ଦହିବରା ହାଣ୍ଡି ଧରି ଏଠାରେ ବ୍ୟବସାୟ କରୁଥିଲେ । ସେଥିମଧ୍ୟରୁ ରଘୁ ଦହିବରାର ବହୁତ ଚାହିଦା ଥିଲା । ୧୯୯୦ ମସିହା ପରଠାରୁ ଏଠାରେ ଠେଲାଗାଡ଼ିରେ ଦହିବରା ବିକ୍ରି ଆରମ୍ଭ ହୋଇଥିଲା । ସେହିଦିନ ଠାରୁ ସମସ୍ତଙ୍କ ମଧ୍ୟରେ ଦହିବରାର ଚାହିଦା ବଢ଼ିବା ସହିତ ସମସ୍ତେ ଦହିବରା ଖାଇବାକୁ ଖୁବ ପସନ୍ଦ କରୁଥିଲେ । କେବଳ କଟକ ନୁହେଁ ଆଜିକାଲି ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ଦହିବରା । କିନ୍ତୁ ଆଜିବି ଲୋକଙ୍କର ପ୍ରଥମ ପସନ୍ଦ କଟକ ଦହିବରା ।

# ପୁଣି ବନ୍ଧା ହେଲେ ଚର୍ଚ୍ଚିତ ପ୍ରେମିକ ଟୁଙ୍ଗୁରୁ ଭୋଳ

ଭୁବନେଶ୍ୱର, ୧।୩ : ପୁଣି ବନ୍ଧା ହୋଇଛନ୍ତି ବହୁ ଚର୍ଚ୍ଚିତ ପ୍ରେମିକ ତଥା ଆଲୋକ ଭୋଳ ଓରଫ ଟୁଙ୍ଗୁରୁ । ପୂର୍ବରୁ ଅନେକ ଥର ଚୋରି କରି ଜେଲ୍ ଯାଇଥିବା ଟୁଙ୍ଗୁରୁ ଏଥର ଏକ ପାଣି ପମ୍ପ ଚୋରି କରି ଗିରଫ ହୋଇଛନ୍ତି ।ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ



ଲିଖିତ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଅଭିଯୋଗକାରୀ ପ୍ରତାପ ଲିଙ୍ଗରାଜ ଥାନା ଅନ୍ତର୍ଗତ ରାଧିକା ନଗରରେ ରହୁଥିବା ବେଳେ ତମାଣ୍ଡୋ ଥାନା କଳିଙ୍ଗ ନଗର ପ୍ଲଟ୍ ନଂ. କେ-୪/ ୧୦୩୨ରେ ତାଙ୍କର ଏକ କୋଠାଘର କାମ ଚାଲିଛି । ଉକ୍ତ କୋଠାର ତଳ ମହଲାରେ ଲାଗିଥିବା ଏକ ପାଣି ମୋଟର ପମ୍ପକୁ ଗତ ୨୭ ତାରିଖରେ କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ । ଅଭିଯୋଗ ପରେ ପୋଲିସ ତଦନ୍ତ କରି ତାଙ୍କୁ ଧରିଥିଲା । ପଚରାଉଚରା କରିବା ପରେ ସେ ପମ୍ପ ଚୋରି କରିଥିବା ମାନିଥିଲେ । ଏହାପରେ ଉକ୍ତ ମୋଟର ପମ୍ପକୁ ଜବତ କରାଯାଇଥିଲା । ସୂଚନାଯୋଗ୍ୟ, ଅଭିଯୁକ୍ତ ଟୁଙ୍ଗୁରୁଙ୍କ ନାମରେ ପୂର୍ବରୁ ମଧ୍ୟ ଭରତପୁର ଥାନାରେ ଗୋଟିଏ ଏବଂ ତମାଣ୍ଡୋ ଥାନାରେ ୨ଟି ଆପରାଧିକ ମାମଲା ରହିଛି । ସେ ଦୁଇଟି ମାମଲାରେ ଗିରଫ ହୋଇ ଜେଲ୍ ମଧ ଯାଇଛନ୍ତି । ଜେଲରୁ ଫେରିବା ପରେ ପୁଣି ଚୋରିକୁ ଆପରାଇଛନ୍ତି ।ସୂଚନା ଥାଉକି, ଟୁଙ୍ଗୁରୁ ତାଙ୍କ ପ୍ରେମ ପାଇଁ ଅନେକ ଚର୍ଚ୍ଚିତ । ବର୍ଷା ଭୋଳଙ୍କୁ ପ୍ରେମ ବିବାହ କରି ସେ ଚର୍ଚ୍ଚାକୁ ଆସିଥିଲେ ।

# ଷ୍ଟେସନରୁ ଯୁବକ ଅପହୃତ

ଭୁବନେଶ୍ୱର ୦୧/୦୩ : ଭୁବନେଶ୍ୱର ରେଳଷ୍ଟେସନରୁ କେନ୍ଦୁଝରଜିଲ୍ଲା ଘଟଗାଁ ବ୍ଲକ୍‌ର ଆଦିବାସୀ ଯୁବକ କହ୍ନେଇ ମୁଣ୍ଡାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ କହ୍ନେଇଙ୍କ ବାପା ଲକ୍ଷ୍ମଣ ଘଟଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଘଟଗାଁ ବ୍ଲକ୍ ପଇଦାପାଟଣା ପଞ୍ଚାୟତ ନୁସୁରିପଶି ମୁଣ୍ଡାବସ୍ତିର କହ୍ନେଇ(୧୮) ସେହି ଗ୍ରାମର ୪/୫ଜଣ ଯୁବକଙ୍କ ସହ କାମ କରିବାକୁ ବେଙ୍ଗାଲୁରୁ ଯାଇଥିଲେ । କହ୍ନେଇ ଗତକାଲି ବେଙ୍ଗାଲୁରୁରୁ ଫେରିଥିଲେ । ଭୁବନେଶ୍ୱର ଷ୍ଟେସନରେ ଆଜି ଭୋରରେ ଓହ୍ଲାଇଥିଲେ । କେନ୍ଦୁଝରକୁ ଟ୍ରେନ୍ କେତେବେଳେ ଅଛି ବୋଲି ବାପାଙ୍କୁ ଫୋନ୍ କରି ପଚାରିଥିଲେ ।

# ପ୍ରଶାସନ ଡାଳେ ଡାଳେ ଗଲେ ବଙ୍ଗଳାଦେଶୀ ପତ୍ରେ ପତ୍ରେ

ଭୁବନେଶ୍ୱର ୦୧/୦୩: ପ୍ରଶାସନ ଡାଳେ ଡାଳେ ଯାଉଥିବାବେଳେ ବଙ୍ଗଳାଦେଶୀମାନେ ଏବେ ପତ୍ରେ ପତ୍ରେ ଯାଉଛନ୍ତି । ସେମାନଙ୍କୁ ତଡିବାପାଇଁ ସରକାର ଅଣ୍ଟା ଭିଡିଥିବାବେଳେ ବଙ୍ଗଳାଦେଶୀମାନେ ବି ଜାଲିଆ କରି ନିଜର ଆଧାରକାର୍ଡ, ଭୋଟର ପ୍ରମାଣପତ୍ର ଏପରିକି ପାସପୋର୍ଟ ବି ପ୍ରସ୍ତୁତ କରିବାରେ ସଫଳ ହେଉଛନ୍ତି ।ନିକଟରେ ଦେଶାନ୍ତର ନୋଟିସ୍ ପାଇଥିବା ୭୭ଜଣ ବଙ୍ଗଳାଦେଶୀଙ୍କ ମଧ୍ୟରୁ ୨ଜଣ ଅନୁପ୍ରବେଶକାରୀ ଜାଲ୍ କାଗଜପତ୍ର ଦେଇ ନିଜର ଭାରତୀୟ ପାସପୋର୍ଟ ବାହାର କରିଦେଇଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ଗଞ୍ଜାମ ଜିଲ୍ଲାର ହୋଇଥିବାବେଳେ ଆଉଜଣେ କନ୍ଧମାଳ ଜିଲ୍ଲାର । ପାସ୍‌ପୋର୍ଟ ପାଇଁ ଆବଶ୍ୟକ ବ୍ୟାଙ୍କ୍ ଆକାଉଣ୍ଟ, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଶିକ୍ଷାଗତ ପ୍ରମାଣପତ୍ର ଆଦି ଏମାନେ ଅନାୟସରେ ପ୍ରସ୍ତୁତ କରିଛନ୍ତି ।ରାଜ୍ୟରେ ବେଆଇନ୍ ଅନୁପ୍ରବେଶକରୀ ଏମାନେ କାୟା ବିସ୍ତାର କରୁଥିବାବେଳେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଗୁଇନ୍ଦା ବିଭାଗ କିଭଳି ଏହାର ଟେର ପାଉନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏମାନଙ୍କ ଭଳି ରାଜ୍ୟରେ ଆଉ କେତେ ରହିଛନ୍ତି ତାହାର ଯାଞ୍ଚ ପାଇଁ ସାଧାରଣରେ ମତପ୍ରକାଶ ପାଇଲାଣି ।ଉଲ୍ଲେଖନୀୟ ଯେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ତରରେ ଧରପଗଡ କରାଯାଇ ୨୨୬୧ ଜଣଙ୍କୁ ଠାବ କରାଯାଇ ସେମାନଙ୍କର ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା । ତେବେ




ଏମାନଙ୍କ ମଧ୍ୟରୁ ୨୧୮୪ ଜଣ ଭାରତୀୟ ନାଗରିକ ବୋଲି ଜଣାପଡିବାପରେ ସେମାନଙ୍କ ଛାଡି ଦିଆଯାଇଛି ।ଚିହ୍ନଟ ହୋଇଥିବା ୭୭ଜଣ ବଙ୍ଗଳାଦେଶୀଙ୍କ ମଧ୍ୟରୁ ଭୁବନେଶ୍ୱର ସର୍ବାଧିକ ୨୬ଜଣ ଥିବାବେଳେ, ଜଗତ୍‌ସିଂହପୁରରେ ୨୧, କଟକରେ ୧୫, ବ୍ରହ୍ମପୁରରେ ୬, କନ୍ଧମାଳରେ ୪ ଓ କେନ୍ଦ୍ରାପଡାରେ ୩ଜଣ ରହିଛନ୍ତି । ଅଳ୍ପ କେଇ ଦିନର ଧରପଗଡରୁ ଏତେ ସଂଖ୍ୟାରେ ଚିହ୍ନଟ ହୋଇଥିବାବେଳେ ନିୟମିତ ଯାଞ୍ଚ ଜାରି ରହିଲେ ଆହୁରି ଅଧିକ ଅନୁପ୍ରବେଶକାରୀ ପୁଲିସ୍ ହାବୁଡରେ ପଡିବେ ବୋଲି କୁହାଯାଉଛି । କାରଣ ଯେତେବେଳେ ଯାଞ୍ଚ ହେବାର ସୂଚନା ପାଉଛନ୍ତି ସେତେବେଳେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରାଞ୍ଚଳରୁ ହଠାତ୍ କିଛି ବୁଲା ବିକାଳି, ଫେରିବାଲା ହଠାତ୍ ଗାଏବ ହୋଇଯାଉଛନ୍ତି । ମାମଲା ଥଣ୍ଡା ପଡିଲା ପରେ ପୁଣି ସେମାନେ ଫେରୁଛନ୍ତି । ତେବେ ରାଜ୍ୟରେ କିଛିଦିନ ଧରି ଯେଭଳି କିଛି ବୁଲା ବିକାଳିଙ୍କ ଉପରେ ଅସାମାଜିକ ଯୁବକମାନେ ଆକ୍ରମଣ କରି ତାହାକୁ ସୋସିଆଲ ମିଡିଆରେ ଛାଡୁଛନ୍ତି ତାହା ଅନପ୍ରବେଶକାରୀ ଚିହ୍ନଟ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଥିବା ପୁଲିସ୍ ବାବୁମାନେ କହୁଛନ୍ତି । ଏଭଳି ଆକ୍ରମଣ ଯୋଗୁଁ ଅସଲି ଅନୁପ୍ରବେଶକାରୀମାନେ ଆଇନ୍ ଫାସରୁ ବର୍ତ୍ତି ଯାଉଥିବାବେଳେ ସୋମନଙ୍କ ଧରିବାପାଇଁ ଉପକୂଳ ଓଡିଶାରେ ନିୟମିତ ଯାଞ୍ଚ ନିହାତି ଜରୁରୀ ବୋଲି ମତପ୍ରକାଶ ପାଉଛି ।

# ବେଆଇନ୍ ହୋର୍ଡିଂ ପଛରେ ବଡ କେଳେଙ୍କାରୀ

ଭୁବନେଶ୍ୱର ୦୧/୦୩ : ରାଜଧାନୀରେ ବିଶାଳକାୟ ହୋର୍ଡିଂ ଖୁଣ୍ଟ ଉପୁଡି ଦୁଇଜଣଙ୍କ ମୃତ୍ୟୁ ଓ ତିନିଜଣ ଗୁରୁତର ଆହତହେବା ପରେ ଏବେ ହୋର୍ଡିଂ କେଳେଙ୍କାରୀ ସମ୍ପର୍କରେ ଗୁରୁତର ଅଭିଯୋଗମାନ ଆସୁଛି । କେବଳ ଭୁବନେଶ୍ୱର ମହାନଗର ନିଗମ ନୁହେଁ, କଟକ ମହାନଗର ନିଗମ ସମେତ ଅନ୍ୟ ପୌରାଞ୍ଚଳରେ ବି ହୋର୍ଡିଂ ପାଇଁ କର୍ତ୍ତୃପକ୍ଷ କୋଟି କୋଟି ଟଙ୍କା କ୍ଷତି ସହୁଛନ୍ତି ।ସୁଉଚ୍ଚ ହୋର୍ଡିଂ ଖୁଣ୍ଟ ପୋତିବା ପାଇଁ କିଏ ଅନୁମତି ଦେଉଛନ୍ତି ଏବଂ ଏହାର ନିରାପତ୍ତା ଦାୟିତ୍ୱରେ କେଉଁମାନେ ରହୁଛନ୍ତି ସେଥିଘେନି କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି । କେବଳ ସେତିକି ନୁହେଁ, ଛୋଟ ବଡ ହୋର୍ଡିଂ ଲଗାଇବାକୁ ଯାହା ସବୁ କଟକଣା ରହିଛି ତାହାର ଅନୁପାଳନ ନକରି ରାସ୍ତା ମେଡିଆନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ବିପଦଜନକ ଭାବେ ହୋର୍ଡିଂମାନ ଲାଗୁଛି । ଏହି ହୋର୍ଡିଂରେ ଦିଆଯାଉଥିବା ବିଜ୍ଞାପନ ବାବଦରେ ପୌରସଂସ୍ଥାଗୁଡିକ ମାଧ୍ୟମରେ ରାଜକୋଷକୁ ଯେତେ ଅର୍ଥ ଆସିବାକଥା ତାହା ଆଦାୟ ହୋଇପାରୁ ନାହିଁ । ଏହା ପଛରେ ବହୁତ ବଡ ବଡିଆଙ୍କ ହାତ ଥିବା କୁହାଯାଉଛି ।କଟକ ମେୟର ସୁବାସ ସିଂହ ସ୍ୱୀକାର କରିଛନ୍ତି ଯେ କଟକ ମହାନଗର ନିଗମ ଅଞ୍ଚଳରେ ବହୁ ସଂଖ୍ୟକ ବିପଦଜନକ ହୋର୍ଡିଂ ଖୁଣ୍ଟମାନ ରହିଛି । ଏହାର ରକ୍ଷଣା ବେକ୍ଷଣ ସମ୍ପୃକ୍ତ ସଂସ୍ଥା କରୁନାହାନ୍ତି । ଫଳରେ ରଙ୍ଗଛାଡି କେଉଁଠି ହୋର୍ଡିଂ ଖୁଣ୍ଟରେ କଳଙ୍କି ଲାଗୁଛି ତ ଆଉ କେଉଁଠି ଏହା ଉପରେ ଲଟା ମାଡି ଭୟଙ୍କର ଅବସ୍ଥା ସୃଷ୍ଟି




ହେଉଛି । ଏଭଳି ବିପଦଜନକ ହୋର୍ଡିଂ ଖୁଣ୍ଟମାନ ହଟାଇବାପାଇଁ ସେ ବିଏମ୍‌ସିର ଭାରପ୍ରାପ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାସହିତ ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ଏସଓପି ଅଣାଯିବ ବୋଲି ସୂଚନା ଦେଇଛନ୍ତି ।ହୋର୍ଡିଂ ବିଜ୍ଞାପନରେ ଫ୍ଲେକ୍ସ କାଟି କଣାମାନ ରହିଲେ ସେ ବାଟେ ପବନ ଯାଇପାରିବ । କିନ୍ତୁ କଣା ଥିବା ଫ୍ଲେକ୍ସ ବିଜ୍ଞାପନ ଲଗାଇବାକୁ ସଂସ୍ଥାମାନେ ନାକ ଟେକୁଛନ୍ତି । ଏଥିଯୋଗୁଁ ବହୁ ସ୍ଥାନରେ ଦୁର୍ଘଟଣାମାନ ଘଟୁଛି । ରାଜଧାନୀର ମୁଖ୍ୟ ରାସ୍ତାଗୁଡିକର ମେଡିଆନ ଏବଂ ରାସ୍ତାକଡ ଫୁଟପାଥକୁ ଲାଗିଥିବା ଲୁହା ଓ ଷ୍ଟିଲ୍ ବାଡରେ ବି ମାଳ ମାଳ ହୋର୍ଡିଂ ଲାଗୁଛି । ଏହା ଲଗାଇବାକୁ କିଏ ଅନୁମତି ଦେଉଛି ଏବଂ ଏ ବାବଦରେ ବିଏମସି କେତେ ଅର୍ଥ ପାଉଛି ସେଥିଘେନି ପ୍ରଶ୍ନ ଉଠିଲାଣି । ବିଶେଷକରି ଯେଉଁମାନଙ୍କ ଆକର୍ଷଣୀୟ ଫଟୋମାନ ଏହି ହୋର୍ଡିଂଗୁଡିକରେ ଶୋଭା ପାଉଛି ସେମାନେ ଏଥିଲାଗି ଅର୍ଥ ପଇଠ କରୁଛନ୍ତି କି ନାହିଁ ସେ ସଂକ୍ରାନ୍ତରେ କେହି କିଛି କହୁନାହାନ୍ତି । ତେବେ ବିଏମସି ସମେତ ବହୁ ପୌରସଂସ୍ଥାର ଅଧିକାରୀମାନେ ସ୍ୱୀକାର କରୁଛନ୍ତି ଯେ ବିଜ୍ଞାପନ ବ୍ୟବସାୟରେ ପଶିଥିବା ପଞ୍ଜିକୃତ ସଂସ୍ଥାମାନେ ଆଇନାନୁଯାୟୀ ହୋର୍ଡିଂଖୁଣ୍ଟ ବସାଇବା ପୂର୍ବରୁ ଅନୁମତି ନେବାକଥା । ଏମିତିକି ଘରୋଇ କୋଠାବାଡି ଉପରେ ହୋର୍ଡିଂ ବିଜ୍ଞାପନ ପାଇଁ ବି ଅନୁମତି ଆବଶ୍ୟକ । କେବଳ ସେତିକି ନୁହେଁ, ଯେଉଁମାନେ ହୋର୍ଡିଂ ବିଜ୍ଞାପନ ପ୍ରଦର୍ଶନ ପାଇଁ ଦାୟିତ୍ୱ ନେଉଛନ୍ତି ଏ ବାବଦରେ ସେମାନେ ନିର୍ଦ୍ଦିଷ୍ଟ ଫି ମଧ ବିଏମସି ସମେତ ପୌରସଂସ୍ଥାଗୁଡିକୁ ପଇଠ କରିବାକଥା । ଏ ବାବଦରେ କୋଟି କୋଟି ଟଙ୍କା ବାକି ପଡିଥିଲେ ବି ବିଜ୍ଞାପନପାଇଁ ଠିକା ନେଇଥିବା ସଂସ୍ଥାମାନେ ପୌରସଂସ୍ଥାଗୁଡିକୁ ସମ୍ପୂର୍ଣ୍ଣ ଅର୍ଥ ପଇଠ କରୁନାହାନ୍ତି । ଯେଉଁ କ୍ଷେତ୍ରରେ ହୋର୍ଡିଂ ଷ୍ଟାଣ୍ଡଗୁଡିକୁ ପୌର କର୍ତ୍ତୃପକ୍ଷ ବିପଦସଙ୍କୁଳ ଘୋଷଣା କରୁଛନ୍ତି ତାହାକୁ ତୁରନ୍ତ ହଟାଯାଉ ନାହିଁ । ଆଇଗିଣିଆ ଅଞ୍ଚଳରେ ଯେଉଁ ହୋର୍ଡିଂ ଦୁର୍ଘଟଣା ପାଇଁ ଦୁଇଟି ଜୀବନ ଚାଲିଗଲା ତାହାକୁ ବି ବିପଦସଙ୍କୁଳ ଘୋଷଣା କରାଯାଇଥିବା କୁହାଯାଉଛି । ତେବେ ଏହାକୁ ବିଏମସି କର୍ତ୍ତୃପକ୍ଷ ଓ ସମ୍ପୃକ୍ତସଂସ୍ଥା କାହିଁକି ହଟାଇଲେ ନାହିଁ ସେଥିଘେନି ପ୍ରଶ୍ନ ଉଠିବାରେ ଲାଗିଛି । ଏ ସଂକ୍ରାନ୍ତରେ ରାଜ୍ୟ ସରକାର ନିରପେକ୍ଷ ତଦନ୍ତ କଲେ ହୋର୍ଡିଂ କେଳେଙ୍କାରୀର ଅନେକ ଗୁମର ପଦାକୁ ଆସିବ ବୋଲି କୁହାଯାଉଛି ।

# ବିଶିଷ୍ଟ କୃଷକ ନେତା ଗୋଲକ ନାୟକଙ୍କ ପରଲୋକ

ଭୁବନେଶ୍ୱର, ୧.୩ : ବିଶିଷ୍ଟ କୃଷକ ନେତା, ବିଜୁ କୃଷକ ଜନତା ଦଳ ତଥା ରାଜ୍ୟ ବିହନ ନିଗମର ପ୍ରାକ୍ତନ ସଭାପତି ଗୋଲକ ବିହାରୀ ନାୟକଙ୍କର ଭୀମଟାଙ୍ଗୀସ୍ଥିତ ବାସଭବନରେ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି ।ଗତ କିଛିମାସ ଧରି ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କୁ ଚିକିତ୍ସିତ କରାଯାଉଥିଲା । ରବିବାର ସକାଳ ୮ ଘଟିକା ସମୟରେ ତାଙ୍କର ପରଲୋକ ହୋଇଯାଇଛି । ଜଣେ ସୁସଂଗଠକ, ପରୋପକାରୀ, ସ୍ତମ୍ଭଲେଖକ, ମେଳାପୀ ଓ ଆମାୟିକ ମଣିଷ ଭାବରେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ଭୀମଟାଙ୍ଗୀ ବାସଭବନ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର ମାନସ ରଞ୍ଜନ ନାୟକ ଏବଂ ସନତ ରଞ୍ଜନ ନାୟକ, ବୋହୂ, ନାତି, ନାତୁଣୀ ସପରିବାର ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ବିଧାୟକ ଅନନ୍ତ ନାରାୟଣ ଜେନା, ବାବୁ ସିଂ, ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମିଳିତ ଓଡ଼ିଶା ନିଶା ନିବାରଣ ଆନ୍ଦୋଳନର ଆବାହକ ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ଝିଆରୀ ତଥା ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ରାଜ୍ୟ ବିହନ ନିଗମର ପୂର୍ବତନ ଅଧକ୍ଷ ବିଜୟ ନାୟକ, କର୍ପୋରେଟର ଶିବନାରାୟଣ,



ପୂର୍ବତନ ଆୟକର କମିଶନର ଶୋଭନ କର, ପୂର୍ବତନ ଡିଜିପି ସିଆରପିଏଫ୍ କେ.ସି.ଏସ୍ ରାୟ, ପୂର୍ବତନ ରେଲୱେ ମହାପ୍ରବନ୍ଧକ ଏମ୍.ଏନ୍.ଏସ୍ ରାୟ, ଭୀମଟାଙ୍ଗୀ ବରିଷ୍ଠ ନାଗରିକ ମ□ର ବହୁ ସଦସ୍ୟ, ପୂର୍ବତନ ବିଧାୟକ, ବରିଷ୍ଠ ପଦାଧିକାରୀ, ଭୀମଟାଙ୍ଗୀ ବିକାଶ ପରିଷଦର ବହୁ ସଦସ୍ୟ, ସ୍ଥାନୀୟ ବାସିନ୍ଦା, ବରିଷ୍ଠ ସାମ୍ବାଦିକ ଚି□ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ତୃତୀୟ ସୁକତେଲ ମହୋତ୍ସବ ଉଦ୍‌ଘାଟିତ



ବଲାଙ୍ଗୀର, ୧/୩ (ଦେବେନ୍ଦ୍ର ): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମ ଠାରେ ତୃତୀୟ ସୁକତେଲ ମହୋତ୍ସବ ଉଦଘାଟିତ ହୋଇ ଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେସନାଲ ସର୍ଭିସ ଫାଉଣ୍ଡେସନ, ବଲାଙ୍ଗୀର, ସୁକତେଲ ମହୋତ୍ସବ କମିଟି ଓ ଓଡିଶା ସରକାରଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବ ୨୮ ଫେବୃୟାରୀ ରୁ ୩ ମାର୍ଚ୍ଚ ପର୍ଯ୍ୟନ୍ତ ଚାରି ଦିନ ବ୍ୟାପି ଅନୁଷ୍ଠିତ ହେବ। ଲୁପ୍ତ ପ୍ରାୟ ଲୋକନୃତ୍ୟ, ଗୀତ ସହିତ କଳାକାର ସମାବେଶ,ସଂସ୍କୃତି ଚର୍ଚ୍ଚା ଓ ସମ୍ବର୍ଦ୍ଧନା ଉତ୍ସବ ପ୍ରତ୍ୟେକ ଦିନ ଅପରାହ୍ନ ୨ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୂଆପଡା ଜିଲ୍ଲାରୁ ଦଣ୍ଡ କଳାକାର ଓ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ ।ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ମଧ୍ୟ ପ୍ରଦାନ କରାଯିବ। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବ୍ୟାଙ୍କ ଅଫ ବରୋଦାର ମ୍ୟାନେଜର ସୁବ୍ରତ ନାୟକ ମୁଖ୍ୟ ଅତିଥି ଓ ଅନ୍ୟତମ ଅତିଥି ଭାବରେ ସଙ୍ଗୀତ ସାଧନା ଅନୁଷ୍ଠାନର ମୁଖ୍ୟ ଶଙ୍କର ବେହେରା ଯୋଗ ଦେଇ ଥିଲେ। ବରିଷ୍ଠ ଶିକ୍ଷାବିତ ଓ ସଂସ୍କୃତି ଗବେଷକ ଟଙ୍କଧର ଛତ୍ରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।ସଭାରେ ସଭାପତିତ୍ୱ କରିଥିଲେ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ।ଉପଦେଷ୍ଟା ମଳୟ ଆନନ୍ଦ କୁମାର ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସଂଯୋଜନା କରିଥିଲେ ଦେବାଶିଷ ପାଣ୍ଡିଆ ।ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବିଶ୍ୱଜିତ କୁମାର ନାଥ ।ପ୍ରଥମ ଥର କଂସ ଦରବାର ସହିତ ଲୋକଙ୍କର ମନୋରଞ୍ଜନ ପାଇଁ ମୀନାବଜାରର ବ୍ୟବସ୍ଥା କରାଯାଇଛି ।ବିଭିନ୍ନ ଦିବସରେ ମାନ୍ୟବର ମନ୍ତ୍ରୀ,ବିଧାୟକ ତଥା ପ୍ରଶାସନିକ ଅଧିକାରୀମାନେ ଯୋଗଦେବେ ବୋଲି ଆୟୋଜକମାନେ ସୂଚନା ପ୍ରଦାନ କରିଛନ୍ତି ।ଏହି ମହୋତ୍ସବରେ ଆଖପାଖ ଦଶଟି ପଂଚାୟତ ତଥା ସୁକତେଲ ବିସ୍ଥାପିତ କଲୋନୀର ହଜାର ହଜାର ଜନସାଧାରଣ ଯୋଗ ଦେଇ ନିଜର ସାଂସ୍କୃତିକ ଭାବର ଆଦାନ ପ୍ରଦାନ କରିବେ। ସଂଗୀତ ସାଧନା ଲୋଇସିଂହା ଓ ତାପ ପଏଁରୀ କଳା ପରିଷଦ ଟିଟିଲାଗଡ ର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କଟକରେ ଦହିବରା ଆଳୁଦମ ଦିବସ ପାଳିତ



କଟକ, ୧/୩ (ଅକ୍ଷର ଓଡ଼ିଶା)- କଟକ ଭାଇଚାରା ପରମ୍ପରାରର ସ୍ୱତନ୍ତ୍ରତା ଭଳି କଟକ ଦହିବରା ଆଳୁଦମର ମଧ୍ୟ ଏକ ନିଆରା ସ୍ୱାଦ ରହିଛି । ସମଗ୍ର ରାଜ୍ୟ ତଥା ଦେଶ ବିଦେଶରେ ଏହି ଖାଦ୍ୟର ବିଶେଷ ପ୍ରଚାର ପ୍ରସାର ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଓ ଜିଲ୍ଲା ସଂସ୍କୃତି ପରିଷଦର ସହଯୋଗରେ ମାର୍ଚ୍ଚ ୧ ତାରିଖରେ କଟକ ଦହିବରା ଆଳୁଦମ ଦିବସ ପାଳନ କରାଯାଉଛି। ଏହି ଅବସରରେ ଆଜି ବାଲିଯାତ୍ରା ତଳ ପଡିଆ ସ୍ଥିତ କଟକ ଇନ କଟକ ଠାରେ କଟକ ଦହିବରା ଆଳୁଦମ ଦିବସ ପାଳନ କରାଯାଇଛି । କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ଯୋଗ ଦେଇ ଦହିବରା ଆଳୁଦମ ପ୍ରତ୍ୟେକ କଟକିଆଙ୍କ ପ୍ରିୟ ଖାଦ୍ୟ ବୋଲି କହିଥିଲେ । ଯିଏ ଯେଉଁଠି ଥାଉ ନା କାହିଁକି କଟକକୁ ଆସିଲେ ପ୍ରଥମେ ଦହିବରା ଆଳୁଦମ ହିଁ ଖୋଜିଥାଏ ଦହିବରା ଏବେ କେବଳ କଟକରେ ସିମୀତ ହୋଇ ରହିନାହିଁ ଏହା ଦେଶ ବିଦେଶରେ ମଧ୍ୟ ନାଁ କରିସାରିଲାଣି । ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଦହିବରାକୁ କଟକର ଅନ୍ୟତମ ପରିଚୟ ବୋଲି ଅଭିହିତ କରି ଏହି ଖାଦ୍ୟକୁ ଲୋକପ୍ରିୟ କରାଇବାରେ ହଦିବରା ବ୍ୟବସାୟୀମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ, ରୌପ୍ୟ ନଗରି କଟକ ସହରର ଅନ୍ୟତମ ପରିଚୟ ହେଉଛି ଦହିବରା ଆଳୁଦମ। ଏଠାକାର ବାଣିଜ୍ୟ କାରବାର ସହ ବିଭିନ୍ନ ପରମ୍ପରା ତଥା ପର୍ବପର୍ବାଣୀ ପାଳନ ହୋଇଆସୁଥିବା ବେଳେ ଗତବର୍ଷ ଠାରୁ ମାର୍ଚ୍ଚ ୧ତାରିଖକୁ ଦହିବରା ଆଳୁଦମ୍ ଦିବସ ଭାବେ ପାଳିତ ହୋଇ ନୂତନ ପରମ୍ପରା ସୃଷ୍ଟି କରିପାରିଛି ବୋଲି ଜିଲ୍ଲାପାଳ ଏହି ଅବସରରେ କହିଛନ୍ତି । କାର୍ଯ୍ୟକ୍ରମ ଅବସରରେ ବରିଷ୍ଠ ଅଭିନେତା ଶ୍ରୀତମ ଦାସ, ଅରିନ୍ଦମ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଅନୁଷ୍ଠିତ ହହିବରା ଉତ୍ସବରେ କଟର ବିଭିନ୍ନ ଦହିବରା ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇ ଷ୍ଟଲମାନ ଖୋଲିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅଂଶଗ୍ରହକାରୀ ଦହିବରା ବ୍ୟବସାୟୀ ଓ ଫୁଡ୍ ବ୍ଲଗରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରୋତ୍ସାହନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଦହିବରା ଦିବସର ନୋଡାଲ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ କାର୍ଯ୍ୟ କରିଥିଲେ।

**କଟକ ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ମାର୍ଚ୍ଚ ୧ ତାରିଖରେ କଟକ ଦହିବରା ଆଳୁଦମ ଦିବସ ପାଳନ କରାଯାଇଛି**

### ଆକାଂକ୍ଷା ବ୍ଲକରେ ପିଇଓ ମରୁଡି

## ୧୨ ପଞ୍ଚାୟତକୁ ୬ ପିଇଓ, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଡାବୁଗାଁ, ୧/୩ (ଅକ୍ଷର ଓଡିଶା)- ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କୁ ଆକାଂକ୍ଷା ବ୍ଲକ ଭାବେ ଚିହ୍ନଟ କରାଯାଇଛି। ସହରାଞ୍ଚଳ ରେ ଯେପରି ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ସେହି ପରିମାଣରେ ଗ୍ରାମାଞ୍ଚଳ ର ଦୃତ ବିକାଶ ସହ ତାରତମ୍ୟ ହ୍ରାସ ପାଇଁ ଡାବୁଗାଁ ବ୍ଲକ କୁ ଆକାଂକ୍ଷା ବ୍ଲକ ଭାବେ ଚିହ୍ନଟ କରାଯାଇଛି। ଏଠାରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ସହ ଦୃତ ଗତିରେ କାର୍ଯ୍ୟ କରିବାକୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛି। ତେବେ ତୃଣମୂଳ ସ୍ତରରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ର ସାମୁହିକ ବିକାଶ ପାଇଁ ପିଇଓ ଙ୍କ ଆବଶ୍ୟକତା ରହିଥିବା ବେଳେ ଡାବୁଗାଁ ରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଆକାଂକ୍ଷା ବ୍ଲକ ଭାବେ କାର୍ଯ୍ୟ କରୁଥିବା ଡାବୁଗାଁ ବ୍ଲକ ରେ ୧୨ ଗୋଟି ଗ୍ରାମ ପଞ୍ଚାୟତ ଥିବା ବେଳେ ଏଥି ନିମନ୍ତେ ମାତ୍ର ୬ ଗୋଟି ପିଇଓ ନିଯୁକ୍ତ ହୋଇଛନ୍ତି। ଘୋଡାଖୁନ୍ଟା ଓ ଜବାଗୁଡା ଗ୍ରାମ ପଞ୍ଚାୟତ ପାଇଁ ଜଣେ, ବୋରିଗାଁ ଓ ନନ୍ଦପୁରା ପଞ୍ଚାୟତ ପାଇଁ ଜଣେ, ଜୁନାପାଣି ଓ ଡଙ୍ଗରିଗୁଡ଼ା ପଞ୍ଚାୟତ ପାଇଁ ଜଣେ, ବଡ ଓଲମା ଓ କୋଇଲାରୀ ପଞ୍ଚାୟତ ପାଇଁ ଜଣେ, ଡାବୁଗାଁ ଓ ଚଚରାଗୁଡ଼ା ପଞ୍ଚାୟତ ପାଇଁ ଜଣେ ତଥା ଅଞ୍ଚଳା ଓ ମେଦନା ପଞ୍ଚାୟତ ପାଇଁ ଜଣେ ଲେଖାଏ ପିଇଓ ନିଯୁକ୍ତ ହୋଇଛନ୍ତି। ସେଥି ମଧ୍ୟରୁ ଦୁଇଟି ମହିଳା ପିଇଓ ଦୁଇଟି ଲେଖାଏ ପଞ୍ଚାୟତ ର କାର୍ଯ୍ୟ କରୁଛନ୍ତି। ଗ୍ରାମୀଣ ଆବାସ ଯୋଜନାରେ ଗୃହ ନିର୍ମାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଗ୍ରାମ ପରିମଳ,ପ୍ରତ୍ୟେକ ଘର କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ରୋଡ ରାସ୍ତା ସହ ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି। ତେବେ ଦୁଇଟି ପଞ୍ଚାୟତ ର କାର୍ଯ୍ୟ କରିବା ସମୟରେ ଅତ୍ୟଧିକ ମାନସିକ ଚାପ ପଡିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସଠିକ୍ ସମୟରେ କାର୍ଯ୍ୟ ସମ୍ପାଦନା କରିବା ଚାପ ରହୁଛି। ଛୁଟି ଦିନ ମାନଙ୍କରେ ମଧ୍ୟ ରାତ୍ର ପର୍ଯ୍ୟନ୍ତ ପିଇଓ ମାନେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ରହୁଛନ୍ତି। ବର୍ତମାନ ଡାବୁଗାଁ କୁ ଆକାଂକ୍ଷା ବ୍ଲକ ଭାବେ ଚିହ୍ନଟ ପରେ ସମ୍ପୂର୍ଣତା ଅଭିଯାନ ୨.୦ ରେ ସୁଚକାଙ୍କ ପୂର୍ଣ୍ଣ ପାଇଁ ୨୮ ଜାନୁଆରୀ ରୁ ୧୪ ଏପ୍ରିଲ ୨୦୨୬ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପ୍ରଶାସନ ତରଫରୁ ଲକ୍ଷ୍ୟ ଦିଆ ଯାଇଛି। ଯୋ ଦ୍ୱାରା ଡାବୁଗାଁ ବ୍ଲକ ର ପିଇଓ ମାନେ ଅତ୍ୟଧିକ କାର୍ଯ୍ୟଭାର ସହ ମାନସିକ ଚାପ ରେ ରହୁଛନ୍ତି। ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପ୍ରତ୍ୟେକ ପଞ୍ଚାୟତ ପାଇଁ ପିଇଓ ପଦ ନିଯୁକ୍ତ କରିବାକୁ ସାଧାରଣରେ ଦାବୀ ହୋଇଛି।

## ପାରଳାର ଦୋଳ ଉତ୍ସବରେ ଭକ୍ତଙ୍କ ପ୍ରବଳ ସାମଗମ



ପାରଳାଖେମୁଣ୍ଡି, ୧/୩ (ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲାର ଲୋକପ୍ରିୟ ଦୋଳ ଉତ୍ସବ ପାରଳାଖେମୁଣ୍ଡି ଦୋଳ ବନ୍ଧ ନିକଟରେ ମହାସମାରୋହରେ ଆରମ୍ଭ ହୋଇଯାଇଛି। ଏହି ପ୍ରସିଦ୍ଧ ଦୋଳ ଯାତ୍ରାର ଗତକାଲି ଦ୍ୱିତୀୟ ଦିନରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ମାଁ ମାଣିକେଶ୍ୱରୀ ଓ ରସିକରାଜର ମଠର ପ୍ରଭୁ ରାଧାକୃଷ୍ଣଙ୍କ ସହିତ ଦୋଳ ଗୋବିନ୍ଦ ଓ ରାମସ୍ୱାମୀ ମହାପ୍ରଭୁ ଏକାଥରରେ ବିଜେ ହୋଇ ଶ୍ରଦ୍ଧାଳୁଙ୍କୁ ଦିବ୍ୟ ଦର୍ଶନ ଦେଇଥିଲେ। ବୁଦ୍ଧିଜିବୀ ଏବଂ ଯୁବ ବର୍ଗ କମିଟି ଗଠନ କରି ଏହି ପରମ୍ପରା ଆରମ୍ଭ କରିବା ପାଇଁ ୨୨ ବର୍ଷ ହେଲା ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳି ନଗର ପରିକ୍ରମାରେ ଭଜନ ଜଣାଣ କରି ଆସୁଛନ୍ତି। ଶନିବାର ପାରଳାଖେମୁଣ୍ଡି ଦୋଳଯାତ୍ରାର ଦ୍ୱିତୀୟ ଦିନରେ ପାରଳା ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ଗତକାଲିର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୋଳ ଉତ୍ସବ ପାଳନର ମହତ୍ତ୍ୱକୁ ପ୍ରକାଶ କରିବା ସହ ପାରଳାର କଳା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଆୟୋଜିତ ହୋଇଥିଲା।

## ଅନ୍ନଦାତା ସୁଖୀ ଭବ଼

**ରାଜ୍ୟରେ ଜାରି ରହିଥିବା ଖରିଫ ୨୦୨୫-୨୬ ଧାନ ସଂଗ୍ରହ କିଣା ପ୍ରକ୍ରିୟାରେ ୦୧.୦୩.୨୦୨୬ (ରବିବାର) ପର୍ଯ୍ୟନ୍ତ ସାରା ଓଡିଶାରେ ଜିଲ୍ଲାୱାରୀ ଚାଷୀଙ୍କଠାରୁ ଧାନ କ୍ରୟ ଏବଂ ପ୍ରାପ୍ୟ ପ୍ରଦାନର ସବିଶେଷ ତଥ୍ୟ**

| ୧ | ୨ | ୩ | ୪ | ୫ | ୬ | ୭ |
|---|---|---|---|---|---|---|
| କ୍ର.ନଂ. | ଜିଲ୍ଲାର ନାମ | ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା | ମଣ୍ଡିରେ କ୍ରୟ ହୋଇଥିବା ଧାନର ପରିମାଣ (ମେଟ୍ରିକ୍ ଟନ୍‌ରେ) | ମୋଟ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ (କୋଟିରେ) | ଇନ୍‌ପୁଟ୍ ସହାୟତା ରାଶି ଟଙ୍କା (କୋଟିରେ) | ସର୍ବମୋଟ ଧାନର ଦେୟ (୫ ସ୍ତମ୍ଭ + ୬ ସ୍ତମ୍ଭ) (କୋଟିରେ) |
| ୧. | ଅନୁଗୁଳ | ୪୩,୨୬୭ | ୧,୨୬,୦୧୭ | ୨୭୨.୯୬ | ୮୪.୨୩ | ୩୫୭.୧୯ |
| ୨. | ବାଲେଶ୍ୱର | ୭୦,୬୩୮ | ୨,୦୧,୪୬୦ | ୪୩୬.୪୪ | ୧୩୪.୬୭ | ୫୭୧.୧୧ |
| ୩. | ବରଗଡ଼ | ୧,୫୮,୧୪୭ | ୭,୬୦,୫୭୮ | ୧,୬୨୯.୦୧ | ୫୩୩.୫୨ | ୨୨୬୨.୫୩ |
| ୪. | ଭଦ୍ରକ | ୫୩,୩୯୭ | ୨,୦୭,୭୨୬ | ୩୪୭.୦୬ | ୧୦୭.୦୯ | ୪୫୪.୧୫ |
| ୫. | ବଲାଙ୍ଗୀର | ୧,୦୧,୪୯୪ | ୪,୪୬,୯୪୬ | ୧,୦୪୧.୬୦ | ୩୨୧.୪୧ | ୧୩୬୩.୦୧ |
| ୬. | ବୌଦ୍ଧ | ୪୩,୪୯୨ | ୨,୦୦,୩୧୨ | ୪୪୯.୫୯ | ୧୩୮.୭୩ | ୫୮୮.୩୨ |
| ୭. | କଟକ | ୫୨,୧୨୪ | ୧,୬୩,୫୧୫ | ୩୨୮.୭୧ | ୧୦୧.୪୩ | ୪୩୦.୧୪ |
| ୮. | ଦେବଗଡ଼ | ୨୦,୨୦୯ | ୬୪,୩୦୭ | ୧୪୧.୧୧ | ୪୩.୫୪ | ୧୮୪.୬୫ |
| ୯. | ଢେଙ୍କାନାଳ | ୩୪,୮୯୯ | ୧,୧୧,୩୮୬ | ୨୪୫.୪୫ | ୭୫.୭୪ | ୩୨୧.୧୯ |
| ୧୦. | ଗଜପତି | ୧୪,୮୭୫ | ୬୮,୨୧୬ | ୧୪୯.୫୦ | ୪୬.୧୩ | ୧୯୫.୬୩ |
| ୧୧. | ଗଞ୍ଜାମ | ୧,୪୭,୦୬୬ | ୫,୪୨,୧୨୯ | ୧,୨୨୩.୪୭ | ୩୭୭.୫୩ | ୧୬୦୧ |
| ୧୨. | ଜଗତସିଂହପୁର | ୧୮,୫୩୭ | ୭୧,୧୮୫ | ୧୪୦.୬୦ | ୪୩.୩୮ | ୧୮୩.୯୮ |
| ୧୩. | ଯାଜପୁର | ୩୯,୪୧୦ | ୧,୪୩,୯୭୭ | ୨୬୨.୯୨ | ୮୧.୧୩ | ୩୪୪.୦୫ |
| ୧୪. | ଝାରସୁଗୁଡ଼ା | ୨୨,୨୦୯ | ୯୪,୮୪୧ | ୨୦୬.୫୩ | ୬୩.୭୩ | ୨୭୦.୨୬ |
| ୧୫. | କଳାହାଣ୍ଡି | ୧,୧୭,୪୭୯ | ୬,୩୮,୫୯୫ | ୧,୪୯୨.୭୭ | ୪୬୦.୬୨ | ୧୯୫୩.୩୯ |
| ୧୬. | କନ୍ଧମାଳ | ୨,୯୫୧ | ୧୧,୫୪୮ | ୨୩.୪୧ | ୭.୨୨ | ୩୦.୬୩ |
| ୧୭. | କେନ୍ଦ୍ରାପଡ଼ା | ୩୧,୦୯୦ | ୧,୦୮,୧୯୭ | ୨୧୯.୫୦ | ୬୭.୭୩ | ୨୮୭.୨୩ |
| ୧୮. | କେନ୍ଦୁଝର | ୫୫,୦୯୦ | ୧,୯୮,୯୩୦ | ୪୨୧.୪୫ | ୧୩୦.୦୫ | ୫୫୧.୫ |
| ୧୯. | ଖୋର୍ଦ୍ଧା | ୪୫,୫୧୩ | ୧,୫୨,୩୨୨ | ୩୩୨.୦୮ | ୧୦୨.୪୭ | ୪୩୪.୫୫ |
| ୨୦. | କୋରାପୁଟ | ୪୧,୮୨୭ | ୨,୬୭,୦୯୮ | ୬୧୭.୬୧ | ୧୯୦.୫୮ | ୮୦୮.୧୯ |
| ୨୧. | ମାଲକାନଗିରି | ୩୪,୬୯୦ | ୧,୨୬,୪୪୭ | ୨୬୧.୩୦ | ୮୦.୬୩ | ୩୪୧.୯୩ |
| ୨୨. | ମୟୂରଭଞ୍ଜ | ୫୭,୬୬୫ | ୨,୧୬,୨୨୮ | ୪୬୪.୧୫ | ୧୪୩.୨୨ | ୬୦୭.୩୭ |
| ୨୩. | ନବରଙ୍ଗପୁର | ୪୦,୨୬୩ | ୨,୧୯,୭୪୪ | ୪୬୪.୬୬ | ୧୪୩.୩୮ | ୬୦୮.୦୪ |
| ୨୪. | ନୟାଗଡ଼ | ୪୨,୫୩୫ | ୧,୨୮,୯୨୪ | ୨୬୯.୫୦ | ୮୩.୧୬ | ୩୫୨.୬୬ |
| ୨୫. | ନୂଆପଡ଼ା | ୪୯,୨୯୯ | ୨,୫୦,୭୭୫ | ୫୯୧.୯୬ | ୧୮୨.୬୬ | ୭୭୪.୬୨ |
| ୨୬. | ପୁରୀ | ୩୨,୦୪୮ | ୧,୧୭,୮୪୪ | ୨୫୩.୮୮ | ୭୮.୩୪ | ୩୩୨.୨୨ |
| ୨୭. | ରାୟଗଡ଼ା | ୧୮,୯୦୭ | ୧,୦୮,୪୮୨ | ୨୪୫.୩୧ | ୭୫.୭୦ | ୩୨୧.୦୧ |
| ୨୮. | ସମ୍ବଲପୁର | ୬୩,୩୧୬ | ୩,୨୫,୩୮୭ | ୭୬୪.୯୪ | ୨୩୬.୦୪ | ୧୦୦୦.୯୮ |
| ୨୯. | ସୁବର୍ଣ୍ଣପୁର | ୭୦,୫୧୭ | ୩,୭୮,୫୫୬ | ୮୯୨.୦୦ | ୨୭୫.୨୪ | ୧୧୬୭.୨୪ |
| ୩୦. | ସୁନ୍ଦରଗଡ଼ | ୫୩,୨୦୮ | ୨,୪୫,୦୬୯ | ୫୪୭.୬୨ | ୧୬୮.୯୮ | ୭୧୬.୬ |
| ସର୍ବମୋଟ: | | ୧୫,୭୬,୧୬୨ | ୬୬,୯୬,୭୪୦ | ୧୪,୮୩୭.୧୦ | ୪,୫୭୮.୨୭ | ୧୯,୪୧୫.୩୭ |

## ଜିଲ୍ଲା ସ୍ତରୀୟ କୃଷକ ସମ୍ବାଦ ବଜେଟ - ୨୦୨୬



ସୁବର୍ଣ୍ଣପୁର, ୧/୩(ଅକ୍ଷର ଓଡିଶା) ଜିଲ୍ଲା ସ୍ତରୀୟ କୃଷକ ସମ୍ବାଦ ବଜେଟ - ୨୦୨୬ ଉପରେ ସୁବର୍ଣ୍ଣପୁର ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ କହିଥିଲେ ଯେ, ଓଡ଼ିଶା ସରକାରଙ୍କ ୨୦୨୬ - ୨୭ ସମଗ୍ର ରାଜ୍ୟ ବଜେଟ ଚଳିତ ବର୍ଷ ୩.୧୦ ଲକ୍ଷ କୋଟି ଛୁଇଁଛି । ଏଥିରେ କୃଷି ଓ କୃଷକ ସମ୍ପର୍କିତ ବଜେଟ ଏକ ଲକ୍ଷ ୬୩ ହଜାର କୋଟି ରହିଛି। ଏହା ଗ୍ରାମୀଣ କୃଷି ଉତ୍ପାଦନକୁ ଦୀର୍ଘକାଳୀନ ଭିତ୍ତିରେ ଶକ୍ତିଶାଳୀ କରିବ ବୋଲି ସେ କହିଥିଲେ। ରାଜ୍ୟ କୃଷକ ବଜେଟ ସମ୍ପର୍କିତ ବକ୍ତା ସରୋଜ ସାହୁ, ଜିଲ୍ଲା ସଭାପତି ବେଣୁଧର ଦାଶ, କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି, ବରିଷ୍ଠ ନେତା ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ ସମସ୍ତ ସାମ୍ବାଦିକ ସହ ବୁଦ୍ଧିଯିବି ଓ ଅନେକ ଚାଷୀ ନେତା ଯୋଗ ଦେଇଥିଲେ ।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ




ଆଠଗଡ଼, ୧/୩ (ଅକ୍ଷର ଓଡ଼ିଶା) - ଦଳର ବୁଥ ସ୍ତରୀୟ କାର୍ଯ୍ୟକର୍ତ୍ତା ମାନଙ୍କୁ ଦଳୀୟ ବିଚାରଧାରା ଏବଂ ଆଭିମୁଖ୍ୟ ବିଷୟରେ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ। ତୃଣମୂଳ ସ୍ତରରେ ସାଙ୍ଗଠନିକ ଦକ୍ଷତାକୁ ବୃଦ୍ଧି ସହିତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡ଼ିକର ସଫଳ ରୁପାୟନ କରି ପାରିଲେ ଦଳ ଏବଂ ଦଳୀୟ ଚିନ୍ତାଧାରା ଲୋକ ମାନଙ୍କ ପାଖରେ ପହଞ୍ଚି ପାରିବ। ଦଳୀୟ କାର୍ଯ୍ୟକର୍ତ୍ତା ମାନଙ୍କର ସାଧାରଣ ଲୋକଙ୍କ ପ୍ରତି ବ୍ୟବହାର ଏଥିପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକ୍ରମର ଜିଲ୍ଲା ଯୋଜନା ବୈଠକ ରେ ଉପସ୍ଥିତ ବରିଷ୍ଠ ପଦାଧିକାରୀ ମାନେ ମତବ୍ୟକ୍ତ କରିଛନ୍ତି। କଟକ ଜିଲ୍ଲା ବିଜେପି ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଶିକ୍ଷଣ ସହ ସଂଯୋଜକ ଗୋପୀନାଥ ସାହୁ, ରାଜ୍ୟ ସଂପାଦିକା ଡଃ ପ୍ରୀତି ପ୍ରତିଭା ଭୋଳ,ଆଇଟି ସେଲ୍ ସଂଯୋଜକ ଜ୍ୟୋତି ରଞ୍ଜନ ନାୟକ ପୂର୍ବତନ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, କଟକ ଜିଲ୍ଲା ପ୍ରଭାରୀ କିଶୋର ଚନ୍ଦ୍ର ପଣ୍ଡା,ବିରଞ୍ଚି ନାରାୟଣ ଦାସ, ସୂର୍ଯ୍ୟମଣି ଜେନା,ତାପସ କୁମାର ଜେନା, ହିମାଂଶୁ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା ମାନଙ୍କର ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ହରେକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ

ସୋମବାର ୦୨।୦୩।୨୦୨୬



## ଖାମେନେଇଙ୍କ ମୃତ୍ୟୁ: ରକ୍ତମୁଖା ଇରାନ

### ଆମେରିକାର ୨୭ଟି ଏୟାରବେସ୍ ଉପରେ ମିସାଇଲ ମାଡ଼

ଇରାନ ଏବଂ ଆମେରିକା ମଧ୍ୟରେ ଜାରି ରହିଥିବା ମହାସମର ଏବେ ଏକ ଭୟଙ୍କର ରୂପ ନେଇଛି । ଇରାନ ପକ୍ଷରୁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ପ୍ରମୁଖ ଏୟାରବେସ୍‌ଗୁଡ଼ିକ ଉପରେ ଶତାଧିକ ମିସାଇଲ ଏବଂ ଡ୍ରୋନ୍ ମାଡ଼ କରାଯାଇଛି । ଇରାନ ଏବଂ ଆମେରିକା ମଧ୍ୟରେ ଜାରି ରହିଥିବା ମହାସମର ଏବେ ଏକ ଭୟଙ୍କର ରୂପ ନେଇଛି । ଇରାନ ପକ୍ଷରୁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ପ୍ରମୁଖ ଏୟାରବେସ୍‌ଗୁଡ଼ିକ ଉପରେ ଶତାଧିକ ମିସାଇଲ ଏବଂ ଡ୍ରୋନ୍ ମାଡ଼ କରାଯାଇଛି । ଆମେରିକା କହିଛି ଯେ ଏହି ଆକ୍ରମଣରେ ଖୁବ୍ କମ୍ କ୍ଷୟକ୍ଷତି ହୋଇଛି ।

ସୂଚନା ଅନୁସାରେ ଜଣାପଡ଼ିଛି ଯେ ଆମେରିକା ନୌସେନାର ଏକ ସର୍ଭିସ୍ ସେଣ୍ଟର ଉପରେ ମିସାଇଲ୍ ମାଡ଼ ହୋଇଛି । ଏଥିରେ କିଛି ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ଆବୁଧାବିରେ ଥିବା ଏୟାରବେସ୍ ପାଖରେ ମିସାଇଲ୍ ମାଡ଼ ଯୋଗୁଁ କିଛି ଘରର କ୍ଷତି ହୋଇଛି ।ଦୁବାଇ ଏବଂ କୁଏତ ବିମାନବନ୍ଦରରେ ସାମାନ୍ୟ କ୍ଷୟକ୍ଷତି ହୋଇଛି, ଯେଉଁଥିପାଇଁ କିଛି ସମୟ ପାଇଁ ବିମାନ ଚଳାଚଳ ବନ୍ଦ ରହିଥିଲା । ଆମେରିକାର ସାମରିକ ଶକ୍ତି ଉପରେ କୌଣସି ବଡ଼ ପ୍ରଭାବ ପଡ଼ିନାହିଁ, କିନ୍ତୁ କିଛି ବିଲ୍ଡିଂ ଏବଂ ରାଡାର ସିଷ୍ଟମରେ ସାମାନ୍ୟ କ୍ଷତି ହୋଇଥିବା ସ୍ପଷ୍ଟ ହୋଇଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ଆମେରିକୀୟ ସୈନିକ ପ୍ରାଣ ହରାଇ ନାହାନ୍ତି କିମ୍ୱା ଆହତ ହୋଇନାହାନ୍ତି । ସେମାନଙ୍କର ସାମରିକ ଅପରେସନ୍ ପୂର୍ବପରି ଚାଲୁ ରହିଛି । ଇରାନର ସରକାରୀ ଗଣମାଧ୍ୟମ ଦାବି କରିଛି ଯେ ସେମାନେ ଆମେରିକାର ଏୟାରବେସକୁ ବହୁତ କ୍ଷତି ପହଞ୍ଚାଇଛନ୍ତି । ବିଶେଷ କରି କାତାରର ଏକ ବଡ଼ 'ରାଡାର ସିଷ୍ଟମ'କୁ ସେମାନେ ନଷ୍ଟ କରିଦେଇଥିବା ଦାବି କରୁଛନ୍ତି ।

## ଇସ୍ରାଏଲ ଆକ୍ରମଣକୁ ନେଇ ସାଉଦି ଆରବ ଉପରେ ପ୍ରଶ୍ନ

ଇରାନର ସରକାରୀ ଗଣମାଧ୍ୟମ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ନେଇ ନିଶ୍ଚିତ କରିଛି । ରଏଟର୍ସ ଦୁଇଟି ଇରାନୀ ସୂତ୍ରକୁ ଉଦ୍ଧୃତ କରି ରିପୋର୍ଟ କରିଛି ଯେ, ଆକ୍ରମଣର କିଛି ସମୟ ପୂର୍ବରୁ ଖେମିନି ଦୁଇ ବରିଷ୍ଠ ପରାମର୍ଶଦାତା ଅଲି ଲାରିଜାନି ଏବଂ ଅଲି ଶାମଖାନିଙ୍କ ସହ ଏକ ସୁରକ୍ଷିତ ସ୍ଥାନରେ ସାକ୍ଷାତ କରୁଥିଲେ । ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ କହିଛି, ଶନିବାର ସକାଳେ ଆକ୍ରମଣରେ ଅଲି ଖେମିନି ମଧ୍ୟ ପ୍ରାଣ ହରାଇଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ଇରାନର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ନିଶ୍ଚିତ କରିଛନ୍ତି । ଲାରିଜାନି ଶନିବାର ରାତିରେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି ଏବଂ ତାଙ୍କ ଅବସ୍ଥା ବର୍ତ୍ତମାନ ଅଜଣା ଅଛି ।

ଏକ ଆମେରିକୀୟ ସୂତ୍ର ଇସ୍ରାଏଲୀ ଖବରକାଗଜ ୟେନେଟ୍ ନ୍ୟୁଜକୁ କହିଛି ଯେ, ଇସ୍ରାଏଲୀ ଗୁଇନ୍ଦା ସେହି ସନ୍ଧ୍ୟାରେ ତେହେରାନରେ ଖେମିନିଙ୍କ ଯୋଜନାବଦ୍ଧ ବୈଠକ ବିଷୟରେ ଅବଗତ ଥିଲେ । ଗୁଇନ୍ଦା ସଂସ୍ଥା ଏହା ମଧ୍ୟ ଜାଣିବାକୁ ପାଇଥିଲା ଯେ ସର୍ବୋଚ୍ଚ ନେତା ଶନିବାର ସକାଳେ ଏକ ବୈଠକ କରିବାକୁ ସ୍ଥିର କରିଥିଲେ । ତେବେ ତାଙ୍କ ବୈଠକ ସ୍ଥାନ ପ୍ରକାଶ କରାଯାଇ ନଥିଲା, କିନ୍ତୁ ସେ ତେହେରାନର ଏକ ସୁରକ୍ଷିତ ପରିସରରେ ପ୍ରାରମ୍ଭିକ ଆକ୍ରମଣରେ ପ୍ରାଣ ହରାଇଥିଲେ ।ଟ୍ରମ୍ପ କହିଛନ୍ତି, ଖେମିନି ଆମେରିକୀୟ ଗୁପ୍ତଚର ଏବଂ ଉନ୍ନତ ନିରୀକ୍ଷଣ ବ୍ୟବସ୍ଥାରୁ ଖସି ଯାଇପାରିବେ ନାହିଁ ଏବଂ ଇସ୍ରାଏଲ ସହିତ ଘନିଷ୍ଠ ସମନ୍ୱୟ ଯୋଗୁ ସେ କିମ୍ୱା ତାଙ୍କ ସହିତ ନିହତ ଅନ୍ୟ ନେତାମାନେ ଆକ୍ରମଣକୁ ରୋକିପାରି ନ ଥିଲେ । ବର୍ତ୍ତମାନ ଏହା ସ୍ପଷ୍ଟ ନୁହେଁ ଯେ ଖେମିନିଙ୍କ ମୃତ୍ୟୁ ଇରାନର ସରକାର, ନେତୃତ୍ୱ ଏବଂ ଶାସନ ବ୍ୟବସ୍ଥା ଉପରେ କ'ଣ ପ୍ରଭାବ ପକାଇବ ।

ୱାସିଂଟନ ପୋଷ୍ଟ ରିପୋର୍ଟ କରିଛି, ଇସ୍ରାଏଲ ବ୍ୟତୀତ ସାଉଦି ଆରବ ମଧ୍ୟ ଇରାନ ଉପରେ ଆକ୍ରମଣ କରିବାକୁ ଟ୍ରମ୍ପଙ୍କୁ ଚାପ ପକାଇଥିଲା । ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଖୋଲାଖୋଲି ଭାବରେ କୂଟନୈତିକ ସମାଧାନକୁ ସମର୍ଥନ କରିବା ସତ୍ତ୍ୱେ ଇରାନ ଉପରେ ଆକ୍ରମଣକୁ ସମର୍ଥନ କରିଥିଲେ । ରିପୋର୍ଟରେ କୁହାଯାଇଛି, କ୍ରାଉନ ପ୍ରିନ୍ସ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କୁ କହିଥିଲେ, ସାଉଦି ଆରବ ଇରାନ ବିରୋଧରେ ଆକ୍ରମଣ ପାଇଁ ନିଜର ଆକାଶ ସୀମା କିମ୍ୱା କ୍ଷେତ୍ର ବ୍ୟବହାର କରିବାକୁ ଦେବ ନାହିଁ । କିନ୍ତୁ ଆମେରିକୀୟ ଅଧିକାରୀଙ୍କ ସହ ଆଲୋଚନାରେ ସେ ଚେତାବନୀ ଦେଇଥିଲେ, ଯଦି ୱାସିଂଟନ ମଧ୍ୟପ୍ରାଚ୍ୟରେ ନିଜର ବିଶାଳ ସାମରିକ ଶକ୍ତି ବ୍ୟବହାର ନ କରେ, ତେବେ ଇରାନ ଅଧିକ ଶକ୍ତିଶାଳୀ ଏବଂ ଅଧିକ ବିପଜ୍ଜନକ ହୋଇ ଉଭା ହେବ । ପୋଷ୍ଟ ରିପୋର୍ଟ କରିଛି, ସାଉଦି ଯୁବରାଜଙ୍କ ଭାଇ ଖାଲିଦ ବିନ୍ ସଲମାନ ଜାନୁଆରି ମାସରେ ୱାସିଂଟନ ଗସ୍ତ ସମୟରେ ବ୍ୟକ୍ତିଗତ ବୈଠକ ସମୟରେ ଆକ୍ରମଣ କରିବାକୁ ଆମେରିକୀୟ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ରିପୋର୍ଟରେ କୁହାଯାଇଛି, ଟ୍ରମ୍ପ ଶେଷରେ ତାଙ୍କର ପୂର୍ବ ନୀତି ସତ୍ତ୍ୱେ ଇରାନରୁ ଆମେରିକୀୟ ଅଞ୍ଚଳ ପ୍ରତି କୌଣସି ସିଧାସଳଖ ବିପଦ ନଥିଲେ ମଧ୍ୟ ଆକ୍ରମଣ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲେ ।ୱାସିଂଟନ ପୋଷ୍ଟ ଅନୁଯାୟୀ, କ୍ରାଉନ ପ୍ରିନ୍ସଙ୍କ ଦ୍ୱୈତ ମନୋଭାବ ସମ୍ଭବତଃ ସାଉଦି ତୈଳ ଭିତ୍ତିଭୂମି ବିରୋଧରେ ଇରାନର ପ୍ରତିଶୋଧକୁ ଏଡାଇବା ପାଇଁ ତାଙ୍କର ଇଚ୍ଛାକୁ ପ୍ରତିଫଳିତ କରିଥିଲା । ତାଙ୍କ ନିକଟତର ଲୋକମାନଙ୍କ ଅନୁସାରେ ସେ ତେହେରାନକୁ ରିୟାଦର ମୁଖ୍ୟ ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଦେଖନ୍ତି । ସୁନ୍ନି ନେତୃତ୍ୱାଧୀନ ସାଉଦି ଆରବ ଓ ସିଆ ନେତୃତ୍ୱାଧୀନ ଇରାନ ଦୀର୍ଘ ଦିନ ଧରି ପରସ୍ପର ଶତ୍ରୁ ହୋଇ ରହିଆସିଛନ୍ତି ।



## ଇସ୍ରାଏଲର ୩୦ ଶକ୍ତିଶାଳୀ ବୋମା

ତେହରାନ ଧ୍ୱଂସ । ସବୁଠି ବୋମା ବର୍ଷା । ମରିଛନ୍ତି ସର୍ବୋଚ୍ଚ ନେତା ଖାମେନି । ଆହୁରି ଅନେକ ଅଧିକାରୀଙ୍କୁ ଇସ୍ରାଏଲ-ଆମେରିକା ବୋମାମାଡ କରି ହତ୍ୟା କରିଛନ୍ତି । ତେବେ ଇରାନ ଉପରେ ହୋଇଥିବା ଆକ୍ରମଣରେ ଇସ୍ରାଏଲ ଏବଂ ଆମେରିକା ଜିବିୟୁ-୨୮ ଲେଜର୍ ଗାଇଡେଡ୍ ପେନେଟ୍ରେଟର ବୋମାର ବ୍ୟବହାର କରିଥିଲେ ବୋଲି ଜଣାପଡିଛି । ୱାଲ୍ ଷ୍ଟ୍ରିଟ୍ ଅଫ୍ ଜର୍ଣ୍ଣାଲର ରିପୋର୍ଟ ଅନୁସାରେ, ଇସ୍ରାଏଲ୍ ଫାଇଟର ଜେଟ୍ ଖାମେନି ରହୁଥିବା ଘରେ ୩୦ଟି ବୋମା ପକାଇଥିଲା । ଜିବିୟୁ-୨୮ ହେଉଛି ୨୨୬୮ର ବଙ୍କର ବଷ୍ଟର ବୋମା । ଯାହା ମାଟି ତଳ ବଙ୍କର ଏବଂ ଅଣ୍ଡର ଗ୍ରାଉଣ୍ଡ୍ କୋଠରୀକୁ ଧ୍ୱଂସ କରିଥାଏ । ଖାମେନି ସବୁଠୁ ସୁରକ୍ଷିତ ସ୍ଥାନରେ ଥିଲେ । ସେ ବଙ୍କରରେ ଲୁଚିଥିଲେ । ତଥାପି ପ୍ରାଣ ହରାଇଛନ୍ତି । ତେଣୁ ଜିବିୟୁ-୨୮ ଭଳି ବୋମାର ବ୍ୟବହାର କରାଯାଇଥିବା ବିଶେଷଜ୍ଞ ଅନୁମାନ କରୁଛନ୍ତି । ଅନ୍ୟ ଦିଗରେ ଗୋଟିଏ ବିମାନରୁ ଏକା ସଙ୍ଗେ ୩୦ଟି ଜିବିୟୁ-୨୮ ବୋମା ପକାଯାଇ ପାରିବ ନାହିଁ । କାରଣ ଏହା ବହୁତ ଭାରି । ଇସ୍ରାଏଲର ଏଫ-୧୫ଆଇ ଲଢୁଆ ବିମାନ ସାଧାରଣ ଭାବେ ଗୋଟିଏ କିମ୍ୱା ଦୁଇଟି ଜିବିୟୁ-୨୮ ସାମିଲ କରିପାରିବ । ୩୦ଟି ବୋମା ପକାଇବା ପାଇଁ ୧୫ରୁ ଅଧିକ ବିମାନକୁ ବ୍ୟବହାର କରାଯାଇଛି । ଦିନ ସମୟରେ ସଠିକ ଆକ୍ରମଣ ପାଇଁ ଏତେ ସବୁ ବିମାନର ବ୍ୟବହାର ଜରୁରୀ ।

ଜିବିୟୁ-୨୮ କ'ଣ ?

ଜିବିୟୁ-୨୮ ହେଉଛି ବିଶ୍ୱର ସବୁଠୁ ଶକ୍ତିଶାଳୀ ଲେଜର୍ ଗାଇଡେଡ୍ ବଙ୍କର ବଷ୍ଟର ମିଶାଇଲ । ଯାହାର ଓଜନ ୨୨୬୮ କେଜି । ଏହାର ଲମ୍ବ ମଧ୍ୟ ୧୯ ଫୁଟ୍ ଅର୍ଥାତ ୬ ମିଟର । ଏଥିରେ ୨୮୬ କେଜିର ହାଇ ଏକ୍ସପ୍ଲୋସିଭ୍ ରହିଥାଏ । ଏହା ଲେଜର ଗାଇଡେଡ୍ ରେ ପରିଚାଳିତ ହୁଏ ଯେଉଁଥିରେ ପାଇଲଟ ମାଟିରେ ଲେଜର ପଏଣ୍ଟ କରି ବୋମାକୁ ଆକାଶରୁ ପକାଇଥାନ୍ତି । ସବୁଠୁ ବଡ କଥା ହେଲା ଯେ ଏହି ଶକ୍ତିଶାଳୀ ବୋମା ୨୦-୩୦ ଫୁଟର କଙ୍କ୍ରିଟକୁ ଧ୍ୱଂସ କରିପାରେ ।

## ଜୁନିଅର ଖାମେନି ହେଲେ ଇରାନର ସର୍ବୋଚ୍ଚ ନେତା

ମୋଜତବା ୧୯୬୯ ମସିହାରେ ମଶହଦ ସହରରେ ଜନ୍ମ ହୋଇଥିଲେ । ଧାର୍ମିକ ମାହୋଲରେ ତାଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା । ଇରାକ ଯୁଦ୍ଧ ସମୟରେ ସେ ରିଭୋଲ୍ୟୁସନାରୀ ଗାର୍ଡ ଭାବେ କାର୍ଯ୍ୟ କରିଥିଲେ । ଦୀର୍ଘ ଦିନ ହେବ ତାଙ୍କୁ ପିତା ଖାମେନିଙ୍କ ଉତ୍ତରାଧିକାରୀ ଭାବେ ଅନେକ ଦେଖୁଥିଲେ । ସେ କୌଣସି ପଦ ପଦବୀରେ ନଥିଲେ ମଧ୍ୟ ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିଲେ ।

ସବୁ ଜାଣିଛନ୍ତି ଟ୍ରମ୍ପ: ସିଏନଏନ ଖବର ଅନୁଯାୟୀ, ଜଣେ ସିବିଏସ ରିପୋର୍ଟଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ୍ କହିଛନ୍ତି ଯେ କିଛି ଭଲ ନେତା ଇରାନକୁ ନେତୃତ୍ୱ ଦେବାକୁ ଅଛନ୍ତି । ମୁଁ ନିର୍ଦ୍ଦିଷ୍ଟ ଭାବରେ ଜାଣେ କିଏ ଖାମେନୀଙ୍କ ପରେ ଦାୟିତ୍ୱ ନେବ, କିନ୍ତୁ ମୁଁ ତାହା ତୁମକୁ କହିବି ନାହିଁ ବୋଲି କହିଛନ୍ତି ଟ୍ରମ୍ପ୍ । ନ୍ୟୁୟର୍କ ଟାଇମ୍‌ସର ରିପୋର୍ଟ ଅନୁଯାୟୀ, ଜଣେ ବରିଷ୍ଠ ସିହା ଧର୍ମଗୁରୁ ଏବଂ ସିହା ବିଦ୍ୱାନ ନିଶ୍ଚିତ ଭାବେ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତ ହେବେ । ୮୮ ଜଣ ବରିଷ୍ଠ ଧର୍ମଗୁରୁଙ୍କୁ ନେଇ ଗଠିତ ଆସେମ୍ବଲି ଅଫ୍ ଏକ୍ସପର୍ଟ୍ ତାଙ୍କୁ ଚୟନ କରିବ ।

ଆହୁରି ଅନେକ ନେତା: ଆମେରିକାର ଧମକ ଏବଂ ଆଠମାସ ତଳେ ଇସ୍ରାଏଲ-ଆମେରିକା ସହ ଇରାନର ୧୨ ଦିନ ଯୁଦ୍ଧ ସମୟରୁ ଖାମେନୀ ତାଙ୍କ ସୁରକ୍ଷା ଓ ଉତ୍ତରାଧିକାରୀ ନେଇ ସତର୍କତାର ସହ ନିଷ୍ପତ୍ତି ନେଇଥିଲେ । ଇରାନର ୬ ଜଣ ବରିଷ୍ଠ ଅଧିକାରୀ ଏବଂ କର୍ମକର୍ତ୍ତାଙ୍କ ମଧ୍ୟରୁ ୩ ଜଣ ଖାମେନୀଙ୍କ ଅଧିକ ପସନ୍ଦ ଥିଲେ । କିଛିଦିନ ତଳେ ଖାମେନୀ ସେହି ୬ ଜଣ ସମ୍ଭାବ୍ୟ ଶାସକଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଆଲୋଚନା ବି କରିଥିଲେ ।

ସେହି ୬ ଜଣଙ୍କ ମଧ୍ୟରେ ଅଛନ୍ତି ବିଚାର ବିଭାଗୀୟ ମୁଖ୍ୟ ଘୋଲାମ ହାସେନ୍, ମହସେନୀ ଇଜିଆର, ଖାମେନୀଙ୍କ ଚିଫ୍ ଅଫ୍ ଷ୍ଟାଫ୍ ଅଲୀ ଅସଗର ହେଜାଜି ଓ ହାସାନ୍ ଖୋମେନୀ । ଏହି ହାସାନ ହେଉଛନ୍ତି ଆୟୋତଲ୍ଲାହ ଖାମେନୀଙ୍କର ଜଣେ ନାତି ଏବଂ ସେ ଜଣେ ଧର୍ମଗୁରୁ ତଥା ସଂସ୍କାରବାଦୀ ରାଜନେତା । ଏହା ବ୍ୟତୀତ ଖାମେନୀଙ୍କ ଦ୍ୱିତୀୟ ପୁତ୍ର ୫୬ ବର୍ଷୀୟ ମୋଜାଥାବାଙ୍କ ନାମ ବି ଚର୍ଚ୍ଚା ହୁଏ । କିନ୍ତୁ ନିଜେ ମୋଜାଆବା ଶାସନ ପ୍ରତି ଆଗ୍ରହୀ ନଥିବା ଏବଂ ସେ ସେଭଳି ଦକ୍ଷ ଧର୍ମଗୁରୁ ନଥିବା ଜଣାଯାଇଛି ।

## ପାକିସ୍ତାନରେ ହିଂସା: ୮ ମୃତ

ଇସ୍ରାଏଲ ଏବଂ ଆମେରିକାର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଖାମେନି ପ୍ରାଣ ହରାଇଛନ୍ତିଫ । ବଙ୍କରରେ ଲୁଚିଥିଲେ ମଧ୍ୟ ସେ ବର୍ତ୍ତିପାରି ନାହାଁନ୍ତି । କିଛି ସ୍ଥାନରେ ଖାମେନିଙ୍କୁ ହତ୍ୟା ପରେ ଉତ୍ସବ ପାଳନ କରାଯାଉଛି । କିନ୍ତୁ ଆଉ କିଛି ସ୍ଥାନରେ ଆମେରିକା ଏବଂ ଇସ୍ରାଏଲର ଏୟାରଷ୍ଟ୍ରାଇକକୁ ଜୋରଦାର ବିରୋଧ କରାଯାଇଛି । ପାକିସ୍ତାନରେ ଇରାନ ସମର୍ଥନରେ ବାହାରି ଉପଦ୍ରବକାରୀମାନେ ଆମେରିକା ଦୂତାବାସ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି ।

ଇସ୍ରାଏଲ ଏବଂ ଆମେରିକାର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଖାମେନି ପ୍ରାଣ ହରାଇଛନ୍ତି । ବଙ୍କରରେ ଲୁଚିଥିଲେ ମଧ୍ୟ ସେ ବର୍ତ୍ତିପାରି ନାହାଁନ୍ତି । କିଛି ସ୍ଥାନରେ ଖାମେନିଙ୍କୁ ହତ୍ୟା ପରେ ଉତ୍ସବ ପାଳନ କରାଯାଉଛି । କିନ୍ତୁ ଆଉ କିଛି ସ୍ଥାନରେ ଆମେରିକା ଏବଂ ଇସ୍ରାଏଲର ଏୟାରଷ୍ଟ୍ରାଇକକୁ ଜୋରଦାର ବିରୋଧ



କରାଯାଇଛି । ପାକିସ୍ତାନରେ ଇରାନ ସମର୍ଥନରେ ବାହାରି ଉପଦ୍ରବକାରୀମାନେ ଆମେରିକା ଦୂତାବାସ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି । ତେବେ ଉପଦ୍ରବକାରୀଙ୍କୁ ରୋକିବାକୁ ସୁରକ୍ଷାରେ ନିୟୋଜିତ ଆମେରିକା ସେନା ଗୁଳିମାଡ କରିଛି । ଯେଉଁଥିରେ ଜଣ ପ୍ରାଣ ହରାଇଛନ୍ତି ।

ପାକ୍ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ବିରୋଧ ପ୍ରଦର୍ଶନକାରୀମାନେ ଖାମେନିଙ୍କ ସପକ୍ଷରେ ନାରାବାଜି କରୁଛନ୍ତି । ଏହାସହ ସେମାନେ କରାଚୀରେ ଥିବା ଆମେରିକୀୟ ଦୂତାବାସର ମୁଖ୍ୟ ଗେଟ୍ ଭାଙ୍ଗିବାକୁ ଉଦ୍ୟମ କରିଛନ୍ତି । କାର୍ଯ୍ୟାଳୟ ଉପରକୁ ସେମାନେ ପଥର ମାଡ କରି ଟାୟାର ଜାଳିଛନ୍ତି । ପାଚେରୀ ଭିତରେ ନିଆଁ ଲଗାଇ ଦେଇଥିବା ଦେଖିବାକୁ ମିଳିଛି । ଏହି ସମୟରେ ସେମାନେ ଆମେରିକା ମୁର୍ଦାବାଦ ନାରା ଦେଉଥିଲେ । ଏପରିକି ଇରାନ ଏବଂ ଖାମେନି ଜିନ୍ଦାବାଦ ନାରାବାଜି କରିଥିଲେ ।

## ଦୁବାଇ: ବୁର୍ଜ ଖଲିଫା ନିକଟରେ ଡ୍ରୋନ ଆକ୍ରମଣ, ଫସିଛନ୍ତି ଭାରତୀୟ

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚୂଡ଼ାନ୍ତ ସୀମାକୁ ପହଞ୍ଚିଥିବା ବେଳେ ଦୁବାଇରେ ଭୟାଭହ ପରିସ୍ଥିତି ସୃଷ୍ଟି ହୋଇଥିବା ଖବର ମିଳିଛି । ସୂଚନା ଅନୁସାରେ, ଇରାନ ପକ୍ଷରୁ ମିସାଇଲ ଓ ଡ୍ରୋନ ଆକ୍ରମଣ ହୋଇଥିବା ଦାବି ହେଉଛି । ବିଶ୍ୱର ସର୍ବୋଚ୍ଚ ବୁର୍ଜ୍ ଖଲିଫା ଅଟ୍ଟାଳିକା ନିକଟ ଅଞ୍ଚଳରେ ଡ୍ରୋନ ମାଡ଼ ଘଟିଥିବାରୁ ଆଖପାଖରେ ଆତଙ୍କ ସୃଷ୍ଟି ହୋଇଛି ।

ଯୁଦ୍ଧ ଭିତରେ ପ୍ରଭାବିତ ହେଇଛି ବିମାନ ସେବା ୧୧ ଦେଶକୁ ଉଡ଼ାଣ ବନ୍ଦ କରିବାକୁ ଡିଜିସିଏର ନିର୍ଦ୍ଦେଶ ଦେଇଥିଲେ । ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଯାତ୍ରା ନକରିବାକୁ ପରାମର୍ଶ  ଦୁବାଇରେ ଫସିଲେ ଏହା ମଧ୍ୟରେ କିଛି ଭାରତୀୟ ସେଠାରେ ଫସିରହିଛନ୍ତି । ଭାରତୀୟ ପର୍ଯ୍ୟଟକ ପିଭି ସିନ୍ଧୁ ଫସିଥିବା ନେଇ ଟୁଇଟ କରି ସୂଚନା ଦେଇଛନ୍ତି ।



ଏହା ସହ ଦୁବାଇ ବନ୍ଦର ଅଞ୍ଚଳରେ ମିସାଇଲ ଆକ୍ରମଣ ପରେ ବିସ୍ଫୋରଣ ଘଟିଥିବା କୁହାଯାଉଛି । କିଛି ଗୋଦାମ ଓ ଇଂଧନ ସଂରକ୍ଷଣ କେନ୍ଦ୍ରକୁ କ୍ଷତି ପହଞ୍ଚିଥିବା ଅପ୍ରମାଣିତ ସୂଚନା ମିଳିଛି । ସୁରକ୍ଷା ବାହିନୀ ସତର୍କ ହୋଇ ସହରର ମୁଖ୍ୟ ସ୍ଥାନଗୁଡ଼ିକୁ ଘେରାଉ କରିଛି ଏବଂ ବିମାନବନ୍ଦର ସହ କିଛି ସେବା ସମୟିକ ଭାବେ ପ୍ରଭାବିତ ହୋଇଥିବା ଖବର ଆସୁଛି ।

ଇରାନ ସହ ପୂର୍ବରୁ ଚାଲୁଥିବା  ଯୁଦ୍ଧ ଏବେ ଖୋଲା ମୁହାଁମୁହିଁର ଆକାର ନେଇପାରେ ବୋଲି ବିଶ୍ଲେଷକମାନେ ଆଶଙ୍କା କରୁଛନ୍ତି । ଯଦିଓ ଇରାନ ସରକାର ପକ୍ଷରୁ ଆଧିକାରିକ ଭାବେ ଏହି ଆକ୍ରମଣ ସମ୍ପର୍କରେ ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ, ତଥାପି ମଧ୍ୟପୂର୍ବରେ ସୁରକ୍ଷା ପରିସ୍ଥିତି ଅଧିକ ଜଟିଳ ହେବାର ସମ୍ଭାବନା ରହିଛି ।

## କେନ୍ଦୁଝର ଗସ୍ତରେ ମାନ୍ୟବର ରାଜସ୍ୱ ମନ୍ତ୍ରୀ

# ଜମି ଅଧିଗ୍ରହଣ ଓ ରାଜସ୍ୱ ମାମଲାର ସମୀକ୍ଷା

କେନ୍ଦୁଝର:୦୧/୦୨(ଦିଲ୍ଲୀପ କୁମାର ସାହୁ) - ଓଡ଼ିଶାର ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ମନ୍ତ୍ରୀ ଆଜି ସକାଳେ ସମ୍ବଲପୁରରୁ ବାହାରି ଘଟଗାଁରେ ପହଞ୍ଚି ମା' ତାରିଣୀଙ୍କ ଦର୍ଶନ କରିବା ସହ ମଧ୍ୟାହ୍ନରେ ମନ୍ତ୍ରୀ କେନ୍ଦୁଝର ସାର୍କିଟ ହାଉସରେ ପହଞ୍ଚି ଜିଲ୍ଲାସ୍ତରୀୟ ରାଜସ୍ୱ ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରାୟ ୩୧୨.୮୭ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ମୋଟ ୬୨.୬୦ ଏକର ଜମିର ଆବଶ୍ୟକତା ରହିଛି। ଏଥିମଧ୍ୟରୁ ୧୩.୫୦ ଏକର ସରକାରୀ ଜମି ଏବଂ ୧୫.୩୫ ଏକର ବେସରକାରୀ ଜମିର ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ଯାତ୍ରୀ ନିବାସ ଓ ପ୍ରସାଦ ସେବନ ହଲ୍ ପାଇଁ ମାଟି ପରୀକ୍ଷା ସରିଥିବା ବେଳେ ୪୦% ଜମି ନିର୍ମାଣକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ବିଶେଷ କରି 'ପାଟଣା ମେଗା ଷ୍ଟିଲ ପ୍ଲାଣ୍ଟ' ପାଇଁ ଆବଶ୍ୟକ ହେଉଥିବା ୨୪୦୭.୩୬ ଏକର ଜମି



ଅଧିଗ୍ରହଣ ପ୍ରକ୍ରିୟା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ପ୍ରକଳ୍ପରେ ଟେମଣା ଏବଂ ଯମୁନାପୋଷି ପଞ୍ଚାୟତର ୧୨ଟି ଗ୍ରାମ ଅନ୍ତର୍ଭୁକ୍ତ ହେଉଥିବାରୁ ସାମାଜିକ ପ୍ରଭାବ ଆକଳନ ପାଇଁ ପାଣ୍ଠି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ମାନ୍ୟବର ମନ୍ତ୍ରୀ କେବଳ ପୃଥକ ଭାବେ ଯୋଜନା କରିବା ଯଥେଷ୍ଟ ନୁହେଁ, ବରଂ ବିଭିନ୍ନ ସରକାରୀ ଯୋଜନାର ସମନ୍ୱୟ ବା 'ଇଣ୍ଟିଗ୍ରେସନ' ଜରୁରୀ। ଏହାଦ୍ୱାରା ଜଣେ ହିତାଧିକାରୀ ସମସ୍ତ ସୁବିଧା ଏକାସାଙ୍ଗରେ ପାଇପାରିବେ। ଜମିହୀନଙ୍କ ପାଇଁ ସ୍ୱତନ୍ତ୍ର 'ଲେ-ଆଉଟ୍' ବ୍ୟବସ୍ଥା ରେ ଯେଉଁ ଲୋକଙ୍କ ପାଖରେ ନିଜସ୍ୱ ଜମି ନାହିଁ, ସେମାନଙ୍କ ପାଇଁ ସରକାରୀ ସିଙ୍ଗଲ୍ ଜାଗାରେ ଏକ ମାଷ୍ଟର ପ୍ଲାନ୍ ବା 'ଲେ-ଆଉଟ୍' ପ୍ରସ୍ତୁତ କରାଯିବ। ପ୍ରଶାସନ ପକ୍ଷରୁ ସେହି ସ୍ଥାନରେ ଘର ପାଇଁ ପ୍ଲଟ୍ ଚିହ୍ନଟ କରି ସେଥିରେ ଆବଶ୍ୟକୀୟ ରିମାର୍କ ପ୍ରଦାନ କରାଯିବ, ଯାହାଫଳରେ ସେମାନେ ସେଠାରେ ସ୍ଥାୟୀ ଭାବେ ବସବାସ କରିପାରିବେ। ଏହି ବ୍ୟବସ୍ଥାକୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ସହ ଯୋଡ଼ିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ଅତି ଗରିବ ଶ୍ରେଣୀର ଲୋକମାନେ ଜମି ପାଇବା ସହ ସରକାରୀ ସହାୟତାରେ ପକ୍କାଘର ନିର୍ମାଣ କରିପାରିବେ। ଏହି ପଦକ୍ଷେପ ଦ୍ୱାରା ଲୋକଙ୍କ ବହୁଦିନର କଷ୍ଟ ଦୂର କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ବର୍ତ୍ତମାନର ବାଲି ଘାଟ ନିଲାମ ପ୍ରକ୍ରିୟା ପରିବର୍ତ୍ତେ ଏଣିକି 'ଇ-ଲଟେରୀ' ବ୍ୟବସ୍ଥା କରାଯିବ। ଏହି ବ୍ୟବସ୍ଥାରେ ବାଲିର ଏକ ସର୍ବାଧିକ ଦର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯିବ। ଏହାଦ୍ୱାରା ବଜାରରେ ବାଲିର ଦର ନିୟନ୍ତ୍ରଣରେ ରହିବ । ତହସିଲ ସ୍ତରରେ ଇ-ଲଟେରୀ ପ୍ରକ୍ରିୟାକୁ ପରିଚାଳନା କରିବା ଏବଂ ଲିଜ୍ ପ୍ରଦାନ କରିବା ଏହି ବିଭାଗର ଦାୟିତ୍ୱ ବୋଲି ଏହି ବୈଠକ ରେ ମନ୍ତ୍ରୀ କହିଛନ୍ତି । ଏହି ସମୀକ୍ଷା ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଶ୍ରୀଯୁକ୍ତ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାୟକ, ଉପଜିଲ୍ଲାପାଳ କେନ୍ଦୁଝର ଉମାକାନ୍ତ ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା ଙ୍କ ସମେତ ବିଭିନ୍ନ ବ୍ଲକ ରୁ ଆସିଥିବା ତହସିଲଦାର ଓ ବିଭାଗର ଉପରିସ୍ଥ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



କେନ୍ଦୁଝର୦୧/୦୩(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଆମେଚର ଟାଇକୋଣ୍ଡ ଆସୋସିଏସନ ଆନୁକୂଲ୍ୟରେ କେନ୍ଦୁଝର ଷ୍ଟାଡିୟମ ଠାରେ ରବିବାର ଦିନ ଟାଇକୋଣ୍ଡୋ ଟ୍ରେନିଂ ସେଣ୍ଟର ପକ୍ଷରୁ ଓଡିଶାରେ ବଢୁଥିବା ଅପରାଧକୁ ରୋକିବା ପାଇଁ ମହିଳା ଓ ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା କୌଶଳ ଶିବିର ରବିବାର ଉଦଯାପିତ ହୋଇଯାଇଛି। ଶିବିରରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ପୁମ୍ପି ଓ ଆଡଭାନ୍ସ ଫାଇଟିଂ ଟେକନିକ୍ ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ଦିଆଯାଇ ଥିଲା। ଏଥିସହିତ ଓଡ଼ିଶା ଟାଇକୋଣ୍ଡ ଆସୋସିଏସନର ସମ୍ପାଦକ ତଥା ସେଭେନ ଡାନ୍ ଇଣ୍ଟରନ୍ୟାସନାଲ ଗ୍ରାଣ୍ଡମାଷ୍ଟର ଗୋପାଳ ଚନ୍ଦ୍ର ରାୟଙ୍କ ଦ୍ୱାରା କଲର ବେଲ୍ ବଲ୍ଲ ଟେଷ୍ଟ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ କଲର ବେଲ୍ ପ୍ରଦାନ କରାଯାଇଥିଲା। । କଲର ବେଲ୍ ଟେଷ୍ଟରେ ପାସ କରିଥିବା ଛାତ୍ରଛାତ୍ରୀମାନେ ହେଲେ ସ୍ୱର୍ଣ୍ଣ ପୁଷ୍ପଶ୍ରୀ ସାହୁ , ଏଆର୍ ରୁଦ୍ରାଶି , ଶୁଭ୍ରଂଶ ସାହୁ , ଲିପୁନ କୁମାର ନାଏକ , ଅମିତ ନାଏକ , ବିଷ୍ଣୁପ୍ରିୟା ଦତ୍ତ , ଗୁଞ୍ଜନ ପୃଷ୍ଟି , ପ୍ରତ୍ୟୁଷା ପ୍ରିୟଦର୍ଶିନୀ ପ୍ରଧାନ ଓ ଅର୍ପିତା ଅରୁନ୍ଧତୀ ପ୍ରଧାନ ଓ ଏହି କର୍ଯ୍ୟକ୍ରମରେ ଟାଇକୋଣ୍ଡୋ ଟ୍ରେନିଂ ସେଣ୍ଟର ପକ୍ଷରୁ ସିନିୟର ବ୍ଲାକବେଲ୍ଟ ହୋଲଡର ତଥା ଓଟିଏ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷିକ ଟଙ୍କଧର ଟଙ୍କ ନାଏକ , ଦିଗବିଜୟ ବେହେରା ଓ ପାର୍ଥସାରଥୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦୁଝର ଜିଲ୍ଲା ଆମେଚର ଟାଇକୋଣ୍ଡ ଆସୋସିଏସନର ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ, ସିନିୟର ବ୍ଲାକବେଲ୍ଟ ହୋଲଡର ମନୋଜ ପାତ୍ର, ଏମ୍ପି ସାକିଲ, ଜିତେନ୍ଦ୍ର ଓରାମ, ମାନସ ରଞ୍ଜନ ବାରିକ, ଦେବରାଜ ସାହୁ, ରିଧିମା ଲାୟକ, ସ୍ଥିତିପ୍ରଜ୍ଞା ଗିରି , ସ୍ମୃତିଲବ୍ଧ। ନାୟକ , ଆସ୍ଥାମଣି ମଝି ଓ ଅମ୍ବିତ ହାଁସଦା ପ୍ରମୁଖ ତାଲିମ ଶିବିରକୁ ପରିଚାଳନାରେ ସହ ସହଯୋଗ କରିଥିଲେ।

## ୩ଗାଁକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା

ହାଟଡିହି: ୧/୩ (ଅମୀୟ ବରାଳ) - କେନ୍ଦୁଝର ଜିଲ୍ଲାରେ ୧୦୨ ପଡ଼ାକୁ ରାଜସ୍ୱ ଗ୍ରାମ ଭାବେ ଚିହ୍ନଟ କରାଯାଇ ଥିଲା ବେଳେ,ମାତ୍ର ୩୭ଟି ପଡା ସାହିକୁ ରାଜସ୍ୱ ଗ୍ରାମ ର ମାନ୍ୟତା ମିଳିଛି। ସେଥିମଧ୍ୟରୁ ହାଟଡିହି ବ୍ଲକରେ ମାତ୍ର ୩ଟି ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ସରକାରୀ ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ ୨୦୧୯ ରୁ ୨୦୨୪ ମଧ୍ୟରେ ହାଟଡିହି ବ୍ଲକ ଅନ୍ତର୍ଗତ ଅଁରା ପଞ୍ଚାୟତ ଜାମିତିରା, ମଧୁରଗଡିଆ ଓ ବଡରଣ୍ଡାସ ପଞ୍ଚାୟତ ଗୁହାଳଗଡିଆ ଗାଆଁ କୁ ଏଥିରେ ସାମିଲ କରାଯାଇଛି। ଏହି ଗାଁ ଗୁଡ଼ିକ ମୂଳ ରାଜସ୍ୱ ଗ୍ରାମରେ ଥିବା ବେଳେ ବିଭିନ୍ନ ସମୟରେ ଜମିଜମା, ଦେବୋତ୍ତର ସମ୍ପତ୍ତିକୁ ନେଇ ବିବାଦ ଲାଗିରହିଥିଲା। ଏହି ଗାଁ ସମ୍ଭବତଃ ମୂଳ ଗାଁ ଠାରୁ ଦୂରେଇ ରହିବା କାରଣରୁ? ରାଜ୍ୟ ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରି ୨୦୨୪ ମସିହା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଛି।

# କେନ୍ଦୁଝରରେ ବାର୍ଷିକ ଭାଗବତ ସମ୍ମିଳନୀ

କେନ୍ଦୁଝର:୦୧/୦୩(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ସହର ମଣ୍ଡୁଆ ଆରଡେଇ ନଦୀ ସଂଲଗ୍ନ ସଂସ୍କୃତି ଭବନ ପରିସରରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ସମିତି ତରଫରୁ ବାର୍ଷିକ ଭାଗବତ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ରୂପେ କେନ୍ଦୁଝର ପୌରପାଳିକାର ପୌରାଧକ୍ଷା ନିକୁ ସାହୁ, ମୁଖ୍ୟ ବକ୍ତା ରୂପେ ଭଦ୍ରକ ଜିଲ୍ଲାର ଭାଗବତ ପ୍ରବଚନ ଡକ୍ଟର ସଂଗ୍ରାମ ଆଚାର୍ଯ୍ୟ , ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ନାୟକ ଯୋଗଦେଇ ଭାଗବତ ଭଗବାନଙ୍କ ବିଭିନ୍ନ ଗୁଣ କୀର୍ତ୍ତନ କରିବା ସହ ଭାଗବତର ବିଭିନ୍ନ ମୂଲ୍ୟବାନ ବାଣୀ ଉପସ୍ଥାପନା କରି ଆମର ସଂସ୍କୃତି, ପରମ୍ପରା, ଐତିହ୍ୟ ତଥା ସାମାଜିକ ଶୃଙ୍ଖଳା ରକ୍ଷା କରିବା, ପାଶ୍ଚାତ୍ୟ ସଂସ୍କୃତି ଅପେକ୍ଷା ନିଜ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ଓ ପାଳନ କରିବାକୁ ଅତିଥି ବୃନ୍ଦ ଉପସ୍ଥିତ ଭକ୍ତମାନଙ୍କୁ ପରାମର୍ଶ ଦେଇଥିଲେ। ଆମ ମାନସିକତା ବଦଳାଇ ପାରିଲେ ସମାଜକୁ ବଦଳାଇ ପାରିବା ବୋଲି ମତପ୍ରକାଶ ପାଇଥିଲା। ଏଣୁ ନିଜ ପରିବାର ବା ଘରୁ ଶୃଙ୍ଖଳିତ ଜୀବନ ଶୈଳୀ ଆରମ୍ଭ କରିବାକୁ ସଭାପତି ଶ୍ରୀଯୁକ୍ତ ପ୍ରଧାନ ଆହ୍ୱାନ କରିଛନ୍ତି। ପ୍ରାରମ୍ଭରେ ଭାଗବତ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପଟ୍ଟଚିତ୍ରରେ ପୁଷ୍ପମାଲ୍ୟ, ଧୂପ ଦୀପ ପ୍ରଜ୍ୱଳନ କରି ଯଥାବିଧି ପୂଜାର୍ଚ୍ଚନା ପରେ ଅତିଥି ମାନଙ୍କୁ ମଞ୍ଚାସୀନ ଓ ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ଭାଗବତ ଭକ୍ତ ଚିନ୍ତାମଣି ମହାଳିକ। ସମିତିର ସମ୍ପାଦକ ଜଗନ୍ନାଥ ଜେନା ଅନୁଷ୍ଠାନର ସଂପାଦକୀୟ ବିବରଣୀ ପଠନ କରିଥିଲେ। ଏହି ଭକ୍ତ ସମ୍ମିଳନୀରେ କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଓ ପୌରାଞ୍ଚଳର କର୍ମକର୍ତ୍ତାଙ୍କ ସମେତ ପ୍ରାୟ ଏକ ହଜାର ଭାଗବତ ଭକ୍ତ ଓ ପ୍ରେମୀ ଗଣ ଯୋଗ ଦେଇଥିଲେ। ଭକ୍ତମାନଙ୍କ ହୁଳହୁଳି, ହରିବୋଲ, ତାଳିମାଡ ଓ ଶଙ୍ଖନାଦରେ ସଭାସ୍ଥଳ ପ୍ରକମ୍ପିତ ହୋଇ ପଡ଼ିଥିଲା। ଏହି ଅବସରରେ କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ଭାଗବତ ଟୁଙ୍ଗୀକୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଆସନ୍ତା ୨୭ ତାରିଖ ପବିତ୍ର ରାମନବମୀ ଦିବସରୁ ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ କୁଣ୍ଡାପିଠା ଗ୍ରାମରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଭାଗବତ ପାରାୟଣ ମହୋତ୍ସବରେ ଉପସ୍ଥିତ ହେବାପାଇଁ ଭାଗବତ ଟୁଙ୍ଗୀ ତରଫରୁ ବାବୁଲାଲ ପଲେଇ ଓ ଘଟଗାଁ ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତିର ସମ୍ପାଦକ ମାୟାଧର ବାରିକ ଜିଲ୍ଲା ସଭାପତିଙ୍କ ଜରିଆରେ ବିଭିନ୍ନ ବ୍ଲକର କର୍ମକର୍ତ୍ତା ମାନଙ୍କୁ ନିମନ୍ତ୍ରଣ ମାଧ୍ୟମରେ ଜଣାଇଛନ୍ତି। ସମିତିର ଉପସଭାପତି ଖଗେଶ୍ୱର ମହାନ୍ତ ଧନ୍ୟବାଦ୍ ଅର୍ପଣ କରିବା ପରେ ପରେ ସମସ୍ତ ଭକ୍ତ ବୃନ୍ଦ ପ୍ରସାଦ ପାଇଥିଲେ।



# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଚ.ପି.ଭି. ଟୀକାକରଣର ଶୁଭାରମ୍ଭ



କେନ୍ଦୁଝର:୦୧/୦୩(ଦିଲ୍ଲୀପ କୁମାର ସାହୁ) : କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତା୦୧.୦୩.୨୦୨୬ ରିଖ ଦିନ ମୁଖ୍ୟ ଅତିଥି ଭାବେ ମାନ୍ୟବର ପାଟଣା ବିଧାୟକ ଶ୍ରୀଯୁକ୍ତ ଅଖିଳ ଚନ୍ଦ୍ର ନାଏକଙ୍କ କରକମଳରେ ଏଚ.ପି.ଭି. ଟୀକାକରଣର ଶୁଭାରମ୍ଭ ହୋଇଯାଇଛି । ପାଟଣା ବିଧାୟକ ଶ୍ରୀ ନାଏକ ନିଜ ବକ୍ତବ୍ୟରେ କହିଥିଲେ ଯେ ହ୍ୟୁମାନ ପାପିଲୋମା ଭାଇରସ (ଏଚ.ପି.ଭି.) ଟୀକାକରଣ ମହିଳାମାନଙ୍କର ଜରାୟୁ ଗ୍ରୀବା କର୍କଟ ରୋଗର ପ୍ରତିରୋଧ ପାଇଁ ସୁରକ୍ଷା ପ୍ରଦାନ କରିଥାଏ । ଏହି ଟୀକା କେବଳ ୧୪-୧୫ ବର୍ଷ ବୟସର ସୁସ୍ଥ କିଶୋରୀମାନଙ୍କୁ ଦିଆଯିବ । ଏହି ଅଭିଯାନ ତା ୦୧.୦୩.୨୦୨୬ ରୁ ତା ୩୧.୦୫.୨୦୨୬ ରିଖ ପର୍ଯ୍ୟନ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସମେତ ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପ୍ରଦାନ କରାଯିବ । ଏହି ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ଏଚ.ପି.ଭି. ଟୀକାକରଣ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟମାନଙ୍କରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡା ପୁରୁଷୋତ୍ତମ ମହାନ୍ତ, ଏଡିପିଏଚଓ(ପରିବାର କଲ୍ୟାଣ) ଡା ଲକ୍ଷ୍ମୀଧର ମହାନ୍ତ, ଡା ଅଶୋକ କୁମାର ନାଏକ, ରୋଟାରୀ କ୍ଲବର ସଭାପତି ଶ୍ରୀ ହରିହର ମହାନ୍ତ, ସମ୍ପାଦକ ବିଜୟ କୁମାର ବେହେରା, ସଦସ୍ୟ ବିଜୟ ଏନ କାପୁର, ଡିପିଏଚସିଓ ଭରତ କୁମାର ସାହୁ, ଡିଭିଏଲଏମ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଆଇସିଏ ଚିତ୍ତରଞ୍ଜନ ଜେନା, ଏଏମ ସିପି ପ୍ରସନ୍ନ କୁମାର ଦେବତ୍ତା, ଏସ ଏ ବୃନ୍ଦାବନ ସାହୁ, ଏଚ.ଏମ ରଞ୍ଜନା ବେଉରା ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଡି.ପି.ଏମ ଶ୍ରୀ ନିତ୍ୟରଞ୍ଜନ ବରାଳ କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ସଭା କାର୍ଯ୍ୟ ସଂଚାଳନ କରିଥିଲେ ।

## କେନ୍ଦୁଝରଗଡ ତରଫରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ସାକ୍ଷାତ



କେନ୍ଦୁଝର,ତା୧/୩- (ପୂର୍ଣ୍ଣ ଚନ୍ଦ୍ର ଦାସ )କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା ସମିତିର ଉପ-ସଭାପତି ପ୍ରିୟବ୍ରତ ସାମଲ, ସଂପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଓ ଅଭିଭାବକ ତଥା ସମାଜସେବୀ ସୁଧୀର କୁମାର ନନ୍ଦ ପ୍ରମୁଖ ଆଜି ସ୍ଥାନୀୟ ସର୍କିଟ ହାଉସରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀଙ୍କୁ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏଥି ସହିତ ନୂତନ ଭାବରେ ଅନୁମତି ପାଇଥିବା + ୨ ବିଜ୍ଞାନ ଓ ବାଣିଜ୍ୟ କଲେଜର ଭିତ୍ତିଭୂମିର ଉନ୍ନତି ନିମନ୍ତେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ନିବେଦନ କରିଥିଲେ ଏବଂ ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ ବିଦ୍ୟାଳୟକୁ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଠିକାଦାର ଓ ଗ୍ରାମ୍ୟ ନିର୍ମାଣ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

ହରିଚନ୍ଦନପୁର:୦୧/୦୩(ଶୂନ୍ୟରଞ୍ଜନ ଘଣା )ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜୁଙ୍ଗା ଗ୍ରାମ ପଂଚାୟତ ଅଫିସ ଠାରୁ ବଲାଣିପଶି ଏଏନଏମ ସେଣ୍ଟର ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ହେବାର ଆଠଦିନ ମଧ୍ୟରେ ପିଚୁ ଫାଟି ଗଲାଣି ତ କେଉଁଠି ପୂର୍ବ ପିଚୁ ଦେଖା ଗଲାଣି । ଲୋକଙ୍କ ଅଭିଯୋଗ କାମ ହେବାର ଆଠଟା ଦିନ ଯାଇନି ରାସ୍ତା ଉଠି ଗଲାଣି, ଆଗକୁ ରାସ୍ତାର ଅବସ୍ଥା କଣ ହବ ? ରାସ୍ତାର ସ୍ଥାୟୀତ୍ୱ କାମ ସରିବାର ଆଠ ଦିନ ଭିତରେ ଜଣା ପଡ଼ିଗଲାଣି ।ଏହା ସହିତ ରାସ୍ତାର ଦୁଇ ପାର୍ଶ୍ୱରେ ମୋରମ ପଡିବା କଥା। ତାହା ମଧ୍ୟ ହେଲାନାହିଁ। ଏହା ବିଷୟରେ ବିଭାଗୀୟ କନିଷ୍ଟ ଯନ୍ତ୍ରି ରଜତ କୁମାର ସିଂଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ପଚାରିବାରୁ ସେ କହିଲେ, ସରକାର ଯେତିକି ପଇସା ଦେଇଛନ୍ତି ସେତିକି କାମ ହବ। ତୁମେ ମୋତେ ପଚାରିବାକୁ କିଏ ବୋଲି ଉତ୍ତର ଦେଇଥିଲେ। ଏହି ଘଟଣା ଆମେ 'ଅକ୍ଷର ଓଡ଼ିଶା'ର ଜିଲ୍ଲା ପ୍ରତିନିଧିଙ୍କୁ ଜଣାଇବାରୁ ସେ ଦାୟୀତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରି ଏହି କାର୍ଯ୍ୟ ବିଷୟରେ ପଚାରିବାରୁ କନିଷ୍ଠ ଯନ୍ତ୍ରୀ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରି ଫୋନ କାଟି ଦେଇଥିଲେ। ପୁନର୍ବାର ଫୋନ କରିବାରୁ ଯନ୍ତ୍ରୀ ଜଣଙ୍କ ଆଉ ଫୋନ ଉଠାଇ ନଥିଲେ। ଏହା ଜାଣିବା ପରେ ସ୍ଥାନୀୟ ଅଧିବାସୀଙ୍କ ସହିତ ଆମ୍ଭେ ଜୁଙ୍ଗା ଗ୍ରାମ ପଂଚାୟତ ସରପଞ୍ଚଙ୍କ ପାଖକୁ ଯାଇଥିଲୁ, କିନ୍ତୁ ତାଙ୍କ ସହିତ ଦେଖା ହୋଇ ପାରିଲାନି କିମ୍ବା ତାଙ୍କ ସହିତ ଯୋଗାଯୋଗ ହେଇପାରିଲାନି। ତାପରେ ଜୁଙ୍ଗା ଗ୍ରାମ ପଞ୍ଚାୟତର ସମିତି ସଭ୍ୟଙ୍କୁ ପଚାରିବାରୁ ସେ କହିଲେ, ରାତିଅଧରେ କାମକରି ଠିକାଦାର ପଳେଇଲେ। ଆମ ପାଖରେ କିଛି ସୂଚନା ନାହିଁ । କିଛି ସ୍ଥାନୀୟ ଲୋକଙ୍କୁ ଭେଟି ତାଙ୍କ ପ୍ରତିକ୍ରିୟା ମଧ୍ୟ ନେଇଥିଲୁ ନିତ୍ୟାନନ୍ଦପୁରର ସନ୍ତୋଷ ଘଣା ଓ ଲଛମନ ବାରିକ, ସୁରେଶ ବାରିକ, ଧରଣୀଧର ଅରୁକ ଏବଂ ଅନ୍ୟ ଲୋକମାନଙ୍କର କହିବା କଥା ବିନା ସୂଚନା ଫଳକରେ ତିନି କିଲୋମିଟର ରାସ୍ତା କାମ ହେଲା କେମିତି ? ଠିକାଦାର ତରବରିଆ ଆଠ ଦିନ ଭିତରେ କାମ ସାରି ପଳେଇଲା।

## ବେଆଇନ୍ ବିଦେଶୀ ମଦ ଜବତ : ଜଣେ ଅଟକ

ପାଟଣା,୦୧/୦୩/(ଦଶରଥ ବାରିକ୍): ପାଟଣା କେନ୍ଦୁଝର ଜିଲା ପାଟଣା ଥାନା ତେଣ୍ଡେରା ହାଟ ଛକ ରେ ଜୋତା ଦୋକାନରେ ବିଦେଶୀ ମଦ ରଖି ଜଣେ ଯୁବକ ବିକ୍ରି କରୁଥିବା ବେଳେ ଶନିବାର ପାଟଣା ପୋଲିସ ଟିମ ଚଢାଉ କରି ମୋଟ ୧୩ଲିଟର ବିଦେଶୀ ମଦ ଜବତ କରିବା ସହ ତାଙ୍କୁ ପାଟଣା ଥାନା କୁ ଆଣି ଅଟକ ରଖିଛି। ଯୁବକ ଜଣକ ହେଉଛନ୍ତି ଭଣ୍ଡାରି ବିଲା ଗ୍ରାମ ର ଗୌର ହରି ମହାନ୍ତ (୪୧)ଏନେଇ ପାଟଣା ଥାନା ରେ ୭୯/୨୬ରେ ଏକ ମାମଲା ରୁଜୁ ହୋଇଥିବା ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ସୂଚନା ଦେଇଛନ୍ତି ଏହି ଚାଢାଉ ରେ ଏ ଏସ ଆଇ ଗୌର ହରି ଗର୍ଡିଆ , ହାବିଲ୍ ଦାର ରମେଶ ନାଏକ, କନେଷ୍ଟବଳ ସୁରେଖା ବେହେରା, ସୌଦାମିନୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ ।

## ଜିଲ୍ଲା ସ୍ତରୀୟ ବିଜ୍ଞାନ ଦିବସ ପାଳିତ



କେନ୍ଦୁଝର:୦୧/୦୩(ଦିଲ୍ଲୀପ କୁମାର ସାହୁ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଯୋଗ ଦେଇ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରନ୍ଦର ମହାନ୍ତ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସଦର ବ୍ଲକର ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାସ ଯୋଗ ଦେଇ ବିଜ୍ଞାନ ଦିବସ କାହିଁକି ପାଳନ କରାଯାଏ ତାହା ଉପରେ ବକ୍ତବ୍ୟ ରଖିଥିଲେ । ?ଶିକ୍ଷକ ବିଜୟ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହା ସହ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ୍ ଓ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତା କରାଯାଇ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଜ୍ଞାନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ହରେକୃଷ୍ଣ ପଣ୍ଡା, ବିବେକାନନ୍ଦ ରାଉତ, ଶିକ୍ଷୟିତ୍ରୀ ଶର୍ମିଳା ବେହେରା, ରଶ୍ମିରେଖା ପାଲ୍, ନର୍ମଦା ସାମଲ, ଅହଲ୍ୟା ମହାନ୍ତ, ସୁସ୍ମିତା ପ୍ରିୟମ୍ବଦା ରାଉତ୍, ରଞ୍ଜିତା ରାଣୀ ମଲ୍ଲିକ, ସ୍ୱର୍ଣ୍ଣଲତା ନାୟକ, ଶୁଭଶ୍ରୀ ରାଉତ୍, ଶୁଭଲକ୍ଷ୍ମୀ ସାହୁ ଓ ଶୁଭଶ୍ରୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ରାଜ୍ୟସଭା ନିର୍ବାଚନରେ ସନା ଓ ବଦ୍ରୀଙ୍କ ଗତି କୁଆଡ଼େ

କେନ୍ଦୁଝର:୨୮/୦୩(ଦିଲ୍ଲୀପ କୁମାର ସାହୁ) - ରାଜ୍ୟସଭା ନିର୍ବାଚନ ସମୟ ସନ୍ନିକଟ ହେଉଥିବା ବେଳେ, କେନ୍ଦୁଝର ଜିଲ୍ଲାର ଦୁଇ ସୀମାନ୍ତ ନିର୍ବାଚନ ମଣ୍ଡଳୀର ଦୁଇ ଜଣ ଚର୍ଚ୍ଚିତ ବିଧାୟକ ବଦ୍ରୀ ନାରାୟଣ ପାତ୍ର ଏବଂ ସନାତନ ମହାକୁଡ଼ଙ୍କ ଉପରେ ଏବେ ଜିଲ୍ଲାବାସୀ ତଥା ରାଜ୍ୟବାସୀଙ୍କର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱକୁ ଏହି ଦୁଇଜଣ ବିଧାୟକ ସମର୍ଥନ ଜଣାଇବେ ନା ଦଳୀୟ ନିଷ୍ପତ୍ତି ଆଧାରରେ ଏହି ଦୁଇ ବିଧାୟକ ଯିବେ, ତାହା ଉପରେ ସମସ୍ତଙ୍କର ନଜର ରହିଛି ।ବିଜେଡ଼ି ଦଳ ଟିକେଟରେ ଘସିପୁରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ମଧ୍ୟ ବିଗତ ଦିନ ମାନଙ୍କରେ ବିଭିନ୍ନ ସଭା ସମିତିରେ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଧାୟକ ବଦ୍ରୀ ନାରାୟଣ ପାତ୍ର ପ୍ରଶଂସା କରି ଆସୁଛନ୍ତି। ତାଙ୍କର ସ୍ପଷ୍ଟ ମତ ଯେ, 'କେନ୍ଦୁଝରରୁ ପୂର୍ବରୁ କେହି ମୁଖ୍ୟମନ୍ତ୍ରୀ ହୋଇ ନ ଥିଲେ କିମ୍ବା ଆଗାମୀ ଦିନରେ କେହି ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ମଧ୍ୟ କ୍ଷୀଣ । ତେଣୁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଗର୍ବିତ'। ସେହିପରି କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ସୀମାନ୍ତ ନିର୍ବାଚନ ମଣ୍ଡଳୀର ପ୍ରଭାବଶାଳୀ ବିଧାୟକ ସନାତନ ମହାକୁଡ଼ ମଧ୍ୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆରମ୍ଭରୁ ଖୋଲା ସମର୍ଥନ ଜଣାଇ ଆସୁଛନ୍ତି ଏବଂ ଦଳ ବିରୁଦ୍ଧରେ ବିଭିନ୍ନ ସମାଲୋଚନା ମୂଳକ ମନ୍ତବ୍ୟ ଦେଇ ଆସୁଛନ୍ତି। ଅବଶ୍ୟ ଏଭଳି ମନ୍ତବ୍ୟ ପାଇଁ ବିଜେଡି ତାଙ୍କୁ ଦଳରୁ ନିଲମ୍ବିତ କରିଥିବାରୁ ସେ ଏବେ ସଂପୂର୍ଣ୍ଣ ମୁକ୍ତ ଏବଂ ବିଜେପି ସପକ୍ଷରେ ଭୋଟ ଦେବାରେ କୌଣସି ଅସୁବିଧା ନାହିଁ ତାଙ୍କର । ଯଦିଓ ସେ ଏ ସଂପର୍କରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି, କିନ୍ତୁ ତାଙ୍କ ଭୋଟ ମୁଖ୍ୟମନ୍ତ୍ରୀଙ୍କର ଶକ୍ତି ବୃଦ୍ଧି କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ତେବେ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ କଥା ଅଲଗା । ଯଦିଓ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରି ଆସୁଛନ୍ତି ଏବଂ ଦଳର ଏକାଧିକ ତ୍ରୁଟିକୁ ସମାଲୋଚନା ମଧ୍ୟ କରିଛନ୍ତି, ବିଜେଡି କିନ୍ତୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ଏଯାବତ। ସେହି ଦୃଷ୍ଟିରୁ ଅନେକ ମତ ରଖିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ବଦ୍ରିଙ୍କ ଭୋଟ ବିଜେଡି ସପକ୍ଷରେ ଯିବାର ସମ୍ଭାବନା ଅଧିକ। ଅନ୍ୟ କିଛି ରାଜନୈତିକ ସମୀକ୍ଷକଙ୍କ ମତ ହେଉଛି, ମୁଖ୍ୟମନ୍ତ୍ରୀଙ୍କ ସହିତ ବଦ୍ରିବାବୁଙ୍କ ବ୍ୟକ୍ତିଗତ ସମ୍ପର୍କ ଭଲ। ତାଙ୍କ ପୁତ୍ର ତଥା ବଦ୍ରୀଙ୍କ ରାଜନୈତିକ ଉତ୍ତରାଧିକାରୀ କୁହା ଯାଉଥିବା ଦେବାଶିଷ ପାତ୍ର(ଟୁଟୁ)ଙ୍କ ସଂପର୍କ ମଧ୍ୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସହିତ ଘନିଷ୍ଠ, ଯଦିଓ ଏହାକୁ ବ୍ୟବସାୟିକ ସମ୍ପର୍କ ବୋଲି ଅନେକ କହିଥାନ୍ତି। ଏସବୁ ଦୃଷ୍ଟିରୁ ବଦ୍ରିବାବୁଙ୍କ ଭୋଟ ହୁଏତ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ଶକ୍ତିଶାଳୀ କରିବା ସପକ୍ଷରେ ଯାଇପାରେ। ତେବେ ଏହି ସଂପର୍କର ଗତି କେଉଁଆଡ଼କୁ ଯାଉଛି, ଆଗକୁ ତାହା ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ପ୍ରକାଶ କରିଛନ୍ତି।



## ସାଧୁସିଂହାଟିଂ ସ୍ଥିତ ମା ତାରିଣୀ ମନ୍ଦିରର ଚତୁର୍ଥତମ ବାର୍ଷିକ ଉତ୍ସବ

ବଡ଼ବିଲ:୧/୩/୨୬:(ସରୋଜ କୁମାର ମହାପାତ୍ର):କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ବଡ଼ବିଲ ପୌରାଞ୍ଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ବଡ଼ବିଲ ଓ୍ୱାର୍ଡ଼ ନମ୍ବର୍ ପନ୍ଦର ସାଧୁଶିଂ ହାଟିଂ ସ୍ଥିତ ମାଆ ତାରିଣୀଙ୍କ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ବଡ଼ବିଲ ପୌରାଞ୍ଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ବଡ଼ବିଲ ଓ୍ୱାର୍ଡ଼ ନମ୍ବର୍ ପନ୍ଦର ବଡ଼ବିଲ ସାଧୁସିଂ ହାଟିଂ ସ୍ଥିତ ମାଆ ତାରିଣୀଙ୍କ ମନ୍ଦିରର ଚତୁର୍ଥତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ଆଜି ସକାଳୁ ମାଆ ଭଉଣୀ ମାନେ ମାଆ ତାରିଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମନ୍ଦୀର ପ୍ରାଙ୍ଗଣରୁ କଳସଧରି ପଦଯାତ୍ରାରେ ଯାଇ ବଙ୍ଗଳା ଛକ ନିକଟରେ ଥିବା ଜଳାଶୟ ରୁ ପୂଜାର୍ଚ୍ଚନା କରିବା ପରେ କଳସୀରେ ଜଳ ଧରି ପଦଯାତ୍ରାରେ ଆସି ମନ୍ଦୀର ପ୍ରାଙ୍ଗଣରେ ପହଞ୍ଚି କଳସ ସ୍ଥାପନ ପରେ ପୂଜାର୍ଚ୍ଚନା ହୋମଯଜ୍ଞ କରାଯିବା ସହ ପ୍ରାୟ ସନ୍ଧ୍ୟା ଛଅ ଘଟିକା ସମୟରେ ଯଜ୍ଞ ପୂର୍ଣ୍ଣାହୁତି କରଯାଇଥିଲା ଏବଂ ପରେ ଶତାଧିକ ସଂଖ୍ୟାରେ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପ୍ରାସାଦ ସେବନର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା।



ସୋମବାର ୦୨।୦୩।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

## ତିନି ପରିବାରକୁ ସାହା ଶ୍ମଶାନ ପାଚେରୀ

# ଛିଣ୍ଡା ପାଲ, ଭଙ୍ଗା ଟିଣ, ଜରି ଅଖାରେ ବିତୁଛି ଜୀବନ



କବିସୂର୍ଯ୍ୟନଗର,୦୧।୦୩ (ବିବେକାନନ୍ଦ ସାହୁ ): ୨୪ ବର୍ଷର ସ୍ଥିର ସରକାରଙ୍କ ଗରିବଙ୍କ ପ୍ରତି ଉପହାସର ଅସଲ ଚିତ୍ର, ଆବସ ଯୋଜନାରୁ ବଞ୍ଚିତ ତିନୋଟି ଅସହାୟ ପରିବାର, ସେମାନଙ୍କ ପାଇଁ ଶ୍ମଶାନ ପାଲଟିଛି ବାସସ୍ଥଳୀ । ଜଣେ କି ଦୁଇ ଜଣ ନୁହଁ ୩ ପରିବାରର ୧୦ ଜଣ କରୁଛନ୍ତି ବସବାସ । ଜରି ପାଲ ତଳେ ବିତୁଛି ଜୀବନ । ଏହା କେଉଁ ଉପାନ୍ତ ଅଞ୍ଚଳର ଦୃଶ୍ୟ ନୁହେଁ ,ଏହା ହେଉଛି ଏନଏସିରୁ ନୂତନ ଭାବେ ମ୍ୟୁନିସିପାଲଟି ହୋଇଥିବା କବିସୂର୍ଯ୍ୟନଗରର । ସହର ବାହାରେ ଥିବା ଏକ ଶ୍ମଶାନ ଓ ସେହି ଶ୍ମଶାନର କାନ୍ଥକୁ ଲାଗି ହୋଇଥିବା ଏହି ଝାଟିମାଟି ଘରର ଦୃଶ୍ୟ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ମ୍ୟୁନିସପାଲିଟି ୧୩ ନଂ ୱାର୍ଡର । ଶ୍ମଶାନ କାନ୍ଥକୁ ଲାଗି ରହିଥିବା ଜରି ପାଲ ଘର ଶ୍ମଶାନ ଜାଗାରେ ଦୀର୍ଘ ୧୦ ବର୍ଷ ହେଲା ବସବାସ କରୁଛନ୍ତି ମାଗି ନାହାକଙ୍କ ପରିବାର । କେବଳ ଜରି ପାଲ ଓ କେଇ ଖଣ୍ଡ ଭଙ୍ଗା ଟିଣ ଚାଦର ଆଡୁଆଳରେ ଯେଣେତେଣେ ବସବାସ କରୁଛନ୍ତି ମାଗି ନାହାକଙ୍କ ସମେତ ୧୦ ଜଣ । ଶ୍ମଶାନରେ ଥିବା ବରଗଛ ତଳେ ଦିନରେ ସୂର୍ଯ୍ୟ ଦେବତା ଘର ଭିତରେ ସଦ୍ୟ ବାରି ହୋଇପଡୁଥିବା ବେଳେ ଶୀତ ଓ ବର୍ଷା ଦିନ କଥା ନକହିବା ଭଲ । ସେପଟେ ଶ୍ମଶାନରେ ଶବଦାହ ବେଳେ ଭୟର ବାତାବରଣ ସୃଷ୍ଟି ହୁଏ ଘରେ । ତଥାପି ଜୀବନ ଜିଇଁବା ପାଇଁ ଦୁଃଖ କଷ୍ଟରେ ଛୋଟ ଛୋଟ ପିଲାଙ୍କୁ ଧରି ପଡ଼ି ରହିଛନ୍ତି ଦଶ ପ୍ରାଣୀ କୁଟୁମ୍ବ । ବେଳେ ବେଳେ ବାହାର ସରୀସୃପ ମଧ୍ୟ ଘରେ ପଶନ୍ତି କିନ୍ତୁ କଣ କରିବେ ମୁଣ୍ଡ ଗୁଞ୍ଜିବା ପାଇଁ ଅନ୍ୟ ବ୍ୟବସ୍ଥା ନାହିଁ । ୧୦ ବର୍ଷ ତଳେ ମାଗିଙ୍କ ନିଜସ୍ବ ଗୋଟିଏ ବଖରା ଘର ଥିଲା । ତେବେ ଧୀରେ ଧୀରେ ସେହି ଘର ଭାଙ୍ଗିବା ସହ ୧୦ ପ୍ରାଣୀ ଚଳିବାକୁ ଅସୁବିଧା ହେଲା । ସେବେଠାରୁ ଏହି ଶ୍ମଶାନ ହିଁ ମାଗିଙ୍କ ପରିବାରର ଠିକଣା । ମାଗି ସେବେଠାରୁ ଏହି ଶ୍ମଶାନ ଠାରେ ରହୁଥିବା ବେଳେ ଆଜି ଯାଏଁ ସରକାର,ନେତା କିମ୍ବା ପ୍ରଶାସନର ନଜର ପଡିନି । ଦୀର୍ଘ ବର୍ଷ ହେଲା ଏନଏ ସି ହୋଇ ରହିଥିବା କବିସୂର୍ଯ୍ୟନଗର ଆଉ କିଛି ଦିନ ପରେ ଦେଖିବ ପ୍ରଥମ ପୌର ନିର୍ବାଚନ । କିନ୍ତୁ ତାହା ପୂର୍ବରୁ ମାଗିଙ୍କ ଦୟନୀୟ ସ୍ଥିତି ହିଁ ବୟାନ କରୁଛି ଦୀର୍ଘ ବର୍ଷର ଏନଏ ସି ରେ କିପରି ଲୋକଙ୍କୁ ମୌଳିକ ସୁବିଧା ପହଞ୍ଚାଇବାରେ ବିଫଳ ସ୍ଥାନୀୟ ପ୍ରଶାସନ । ସମସ୍ତେ ଭାବନ୍ତି ପଞ୍ଚାୟତରୁ ଏନଏ ସି ହେଲେ ସହରାଞ୍ଚଳରେ ଅଧିକ ସୁବିଧା ମିଳିବ ଜନସାଧାରଣଙ୍କୁ କିନ୍ତୁ ଏଠି ସବୁ ଓଲଟା । କାରଣ ସହରାଞ୍ଚଳରେ ମାଗିଙ୍କ ପାଇଁ ସତେ ଯେମିତି ସରକାରଙ୍କ ଯୋଜନା ଗୁଡିକ ବନ୍ଦ ହୋଇଯାଇଛି । ଆଗରୁ ମାଗିଙ୍କ ପରିବାର ଆବାସ ଯୋଜନାରେ ଘରଟିଏ ପାଇଁ ବହୁବାର ଗୁହାରି କରିଥିଲେ ମଧ୍ୟ ନା ପ୍ରଶାସନ ନା ନେତା କେହି କର୍ଣ୍ଣପାତ କରି ନାହାନ୍ତି । ଯାହାଫଳରେ ସେମାନେ ଏହି ଶ୍ମଶାନରେ ପଡ଼ି ରହିଛନ୍ତି । ତେବେ ମାଗିଙ୍କ ପରିବାରକୁ ସରକାରୀ ଯୋଜନାରେ ଜାଗା ଓ ଘର ଖଣ୍ଡିଏ ଯୋଗାଇଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି ସହରବାସୀ । ସତରେ ସରକାରଙ୍କ ମାଳମାଳ ଯୋଜନ କାହା ପାଇଁ , ଯଦି ଗରିବ ପାଉନିଯାଉଛି କୁଆଡେ । ଯଦି ସରକାର ମାଗିଙ୍କ ଏପରି ଦୟନିଅ ଅବସ୍ଥା ବିଷୟରେ ଜାଣି ପାରିବେ ତାହାହେଲେ ନିଶ୍ଚୟ ଚିନ୍ତା କରିବେ ବୋଲି ଆଶା କରୁଛୁ । ଯଦି ଆଜି ବି ମଣିଷକୁ ମୁଣ୍ଡ ଗୁଞ୍ଜିବାକୁ ମଶାଣି ସାହାରା ତାହାହେଲେ ୨୦୩୬ ମସିହା ସରକାରଙ୍କ ବିକଶିତ ଓଡ଼ିଶା ସପ୍ନ ପୁରଣ ହବ ତ ?

# ଜନସାଧାରଣଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ପ୍ରୟାସ




ନୂଆପଡା, ୦୧।୦୩ (ମୋହନ ଲାଲ ଦୀପ):ନୂଆପଡ଼ା ସୁନାବେଡ଼ା ଅଭୟାରଣ୍ୟ ସୁନାବେଡ଼ା ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଥିବା ବେଳେ ଲୋକଙ୍କ ଦ୍ୱାର ମୁହଁରେ ମାଗଣା ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ନେଇ ଘରୋଇ ସ୍ୱାସ୍ଥ୍ୟ ସେବା ପ୍ରଦାନ ବ୍ୟବସ୍ଥା ରହିଅଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହାୟତା ରେ ସଂଜୀବନୀ ସ୍ୱାସ୍ଥ୍ୟ ସେବା ଏକ ଆମ୍ବୁଲାନ୍ସରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି ସେବା ଦୀର୍ଘ ଏକ ବର୍ଷରୁ ହେଉଥିବା ବେଳେ ଅଭୟାରଣ୍ୟ ବାସୀଙ୍କୁ ଦ୍ୱାରା ମୁହଁରେ ସେବା ପ୍ରଦାନ କରୁଅଛି । ଅଭୟାରଣ୍ୟରେ ପ୍ରତ୍ୟେକ ଦିନ ଗ୍ରାମକୁ ଗ୍ରାମ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେଠାରେ ମାଗଣା ଔଷଧ ବଣ୍ଟନ କରୁଛନ୍ତି । ସେହିପରି ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ରକ୍ତ ନମୂନା ପରୀକ୍ଷା କରି ଉନ୍ନତ ମାନର ଔଷଧ ବିତରଣ କରିଥାନ୍ତି । ନିୟମିତ ଗର୍ଭବତୀ ମହିଳାଙ୍କୁ ଚିକିତ୍ସା କରୁ ଥିବା ବେଳେ ଦୈନିକ ଗୋଟିଏ ଗ୍ରାମରେ ସକାଳ ୯ ଘଣ୍ଟାରୁ ଆମ୍ବୁଲାନ୍ସରେ ଯାଇ ଜଣେ ଡାକ୍ତର, ଫାର୍ମାସିଷ୍ଟ, ଲେବ ସହକାରୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂଆମ୍ବୁଲାନ୍ସରେ ଚାଳକ ମଧ୍ୟ ରୋଗୀଙ୍କୁ ଆଣିବା ନେବା ସହାୟତା କରିଥାନ୍ତି । ଦ୍ୱାରା ମୁହଁରେ ସେବା ପ୍ରଦାନ ଦ୍ୱାରା ଅଭୟାରଣ୍ୟ ବାସୀ ଅନେକ ସୁଫଳ ନେଉଥିବା ପୂର୍ବତନ ସରପଞ୍ଚ ତିଲ ସିଂ ଝାଙ୍କର ପ୍ରକାଶ କରିଛନ୍ତି । ଜାମ ଗାଁ ଠାରେ ମାଗଣା ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟ କେନ୍ଦ୍ର ଶିବିର ଅନୁଷ୍ଠିତ ହୋଇଅଛି । ସତରେ ଅଭୟାରଣ୍ୟ ବାସୀଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ବେଳେ ଆବଶ୍ୟକ ସ୍ତରରେ ଉଚ୍ଚ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରନ୍ତି ବୋଲି ଡାକ୍ତର ସଂଯୁକ୍ତା ବେହେରା ପ୍ରକାଶ କରିଛନ୍ତି ।

### ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବେଲଗୁଣ୍ଠା,୦୧।୦୩-(ଅକ୍ଷର ଓଡିଶା ) ବେଲଗୁଣ୍ଠାର ପ୍ରତିଷ୍ଠିତ ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥିଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ବିଷୋୟୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଶିକ୍ଷା କେବଳ ଡିଗ୍ରୀ ହାସଲ କରିବାର ମାଧ୍ୟମ ନୁହେଁ, ବରଂ ଏହା ଜଣେ ଦାୟିତ୍ୱବାନ ନାଗରିକ ଗଠନର ମୂଳଦୁଆ । ଆଜିର ଯୁବପିଢ଼ିଙ୍କ ନବସୃଜନ ଓ ଉଦ୍ୟୋଗିତା ମାଧ୍ୟମରେ ହିଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଶକ୍ତିଶାଳୀ ଭାରତ'ର ସ୍ୱପ୍ନ ସାକାର ହୋଇପାରିବ । ଛାତ୍ରଛାତ୍ରୀମାନଙ୍କ ଡିଜିଟାଲ ଶିକ୍ଷା ଲାଭ ନିମନ୍ତେ ଏକ ଆଧୁନିକ କମ୍ପ୍ୟୁଟର ଲ୍ୟାବ୍ ର ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ଫିରୋଜ କୁମାର ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ଭୋଳ ଓ ଯୁବ ସମାଜସେବୀ ଜିତେନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ । ଅଧ୍ୟାପକ ସନ୍ତୋଷ କୁମାର ପାଣିଗ୍ରାହୀ ସାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ଆଗକୁ ଆସୁଛି ହୋଲି

# ଏବେଠୁ ଜମୁଛି ହୋଲି ସାମଗ୍ରୀ ବେପାର



ବୁଗୁଡା,୦୧।୦୩ (ଅକ୍ଷର ଓଡ଼ିଶା): ଆଗକୁ ଆସୁଛି ହୋଲିଖେଳର ପର୍ବ ଦୋଳ ପୂର୍ଣ୍ଣିମା । ବୁଗୁଡା ସହରରେ ବିରଞ୍ଚି ନାରାୟଣ ଏବଂ ବଳଦେବ ମନ୍ଦିର ପକ୍ଷରୁ ଉତ୍ସାହର ସହ ଦୋଳ ଉତ୍ସବ ପାଳନ ଅବସରରେ ଦୈନିକ ସନ୍ଧ୍ୟା କାଳରେ ଦୋଳଗୋବିନ୍ଦଙ୍କୁ ଦୋଳବିମାନରେ ଉପବେଶନ କରାଇ ନଗର ଭ୍ରମଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଆସନ୍ତା ବୁଧବାର ଦିନ ରଙ୍ଗବେରଙ୍ଗର ହୋଲି ଖେଳିବା ପାଇଁ ଆବାଳବୃଦ୍ଧବନିତା ଉତ୍କଣ୍ଠିତ ଥିବାବଳେ ସହରର ଅନେକ ସ୍ଥାନରେ ବିଭିନ୍ନ ରଙ୍ଗର ପସରା ମେଲାଇଥିବା ବ୍ୟବସାୟୀଙ୍କ ବେପାର ମଧ୍ୟ ଜମୁଥିବା ଦେଖିବାକୁ ମିଳିଛି । ବୁଗୁଡା ସହରାଞ୍ଚଳର ହାଇସ୍କୁଲ ଛକ, ପୁରୁଣା ବସଷ୍ଟାଣ୍ଡ , ବ୍ଲକ ଛକ, ଗଣେଶ ମାର୍କେଟ୍ କମ୍ପ୍ଲେକ୍ସ , ମଦନ ମୋହନ ଛକରେ ମାଳ ମାଳ ହୋଲି ସାମଗ୍ରୀ ବିକ୍ରି ଦୋକାନ ଖୋଲା ଯାଇଥିବା ବେଳେ ଗ୍ରାମାଞ୍ଚଳରେ ମଧ୍ୟ ବହୁଳ ଭାବରେ ହୋଲି ସାମଗ୍ରୀ ବିକ୍ରି ଦୋକାନ ଦେଖିବାକୁ ମିଳିଛି । ଦୋକାନ ଗୁଡିକରେ ଟୋପି, ଫେସ୍ ମାସ୍କ, ପିଚକାରୀ, ବେଲୁନ୍, ପୋଷାକ, ଚଷମା, କଲର ସ୍ପ୍ରେ ଆଦି ସାମଗ୍ରୀର ବେପାର ମଧ୍ୟ ଜମୁଛି । ଛୋଟ ପିଲାଙ୍କ ଲାଗି ସତନ୍ତ୍ର ଭାବେ ଖେଳନା ଯାହାକୁ ବ୍ୟବହାର କରି ପିଲାଏଁ ହୋଲି ଖେଳିବେ ଓ ମଜା ନେବେ ତାହା ମଧ୍ୟ ବିକ୍ରି ହେଉଛି । ବଡ ବଡ ଅବିର ପ୍ୟାକେଟଠୁ ଆରମ୍ଭ କରି ଛୋଟ ଛୋଟ ପ୍ୟାକେଟ ମଧ୍ୟ ବିକ୍ରି ହେଉଛି । ସୁଗନ୍ଧିତ ଅବିର ୧୦୦ ଗ୍ରାମ ପ୍ୟାକେଟ ପ୍ରତି ୧୦ ଟଙ୍କା ରହିଥିବା ବେଳେ ହର୍ବାଲ୍ ରଙ୍ଗ ୧୦୦ ଗ୍ରାମ ପ୍ୟାକେଟ ୫୦ ଟଙ୍କାରେ ବିକ୍ରି ହେଉଛି । ବିଶେଷ କରି ହର୍ବାଲ ରଙ୍ଗର ଚାହିଦା ସବୁଠାରୁ ଅଧିକ ରହିଥିବା ବେଳେ ଏ ବର୍ଷ ହୋଲି ବେପାର ଜମୁଥିବା ନେଇ ବେପାରୀମାନେ ସ୍ୱୀକାର କରିଛନ୍ତି ।

## ମା,ଭୂୟାଁଣି ଦେବୀଙ୍କ ପୀଠକୁ ନେଇ ହରଡ ଘଣାରେ ପ୍ରଶାସନ

# ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ କୋର୍ଟରେ ମାମଲା




ବୋଲଗଡ଼, ୦୧।୦୩(ଅକ୍ଷର ଓଡିଶା): ମା' ଭୂୟାଁଣି ଦେବୀଙ୍କ ପୀଠକୁ ନେଇ ହରଡ ଘଣାରେ ପଡିଛନ୍ତି । ଖୋର୍ଦ୍ଧା ଜିଲ୍ଲା ଉପଜିଲ୍ଲାପାଳଙ୍କ ସମେତ ବୋଲଗଡ ତହସିଲ ପ୍ରଶାସନ ଓ ପୋଲିସ ପ୍ରଶାସନ । ଭୂୟାଁଣି ଦେବୀଙ୍କ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟ ପକ୍ଷରୁ ସେମାନଙ୍କ ବିରୁଦ୍ଧରେ କରିଛନ୍ତି କୋର୍ଟରେ ମାମଲା । ସୁଚନା ଯୋଗ୍ୟ ବୋଲଗଡ଼ ଟାଉନ ନିକଟସ୍ଥ ମନୋରମ ପର୍ଯ୍ୟଟନସ୍ଥଳୀ ତଥା ପ୍ରସିଦ୍ଧ ଶକ୍ତିପୀଠ ମା' ଭୂୟାଁଣି ଦେବୀଙ୍କ ମନ୍ଦିର ପରିଚାଳନା କମିଟି ଏହାକୁ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ ସମୟ ଧରି ମନ୍ଦିର ପରିଚାଳନା କରିବା ସହିତ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବା ପାଇଁ ଅହ ରହ ପ୍ରଚେଷ୍ଟା ଚଳାଇ ଥିଲେ । ସେହିପରି ନିଜସ୍ୱ ଖର୍ଚ୍ଚରେ ମନ୍ଦିରକୁ ଉନ୍ନତି କରିବା ସହିତ ଏଠାରେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ସହ ସଭାସମିତି, ରୋଜିଭାତ ଆଦି କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଥିଲା । ଏଥିସହ ଠାକୁରାଣୀଙ୍କ ଧନୁଯାତ୍ରା ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଆସୁଥିଲା । ସେହିପରି ପର୍ଯ୍ୟଟନ ସ୍ଥଳୀର ରୁପରେଖକୁ ସୋନ୍ଦର୍ଯ୍ୟପୂର୍ଣ୍ଣ କରାଇ ଆସୁଥିଲେ । ସେଥିପାଇଁ ସେଠାରେ ପ୍ରତିଦିନ ବହୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ଼ ଲାଗିରହୁଥିଲା । ଏହାକୁ ବୋଲଗଡର କିଛି ବ୍ୟକ୍ତିତ୍ୱ ନିଜ ସ୍ୱାର୍ଥ ଉଦ୍ଦେଶ୍ୟରେ ନିଜ ଅତିଆରକୁ ନେବାପାଇଁ ପ୍ରଭାବ ଶାଳୀବ୍ୟକ୍ତି ମାନଙ୍କୁ ହାତକରି ପୋଲିସ ପ୍ରଶାସନ ଓ ତହସିଲ ପ୍ରଶାସନ ସହିତ ମିଳିମିଶି ଜୋର ଜବରଦସ୍ତ ଗତ ସେପ୍ଟେମ୍ବର ୧୦ତାରିଖରେ ମେନ ଗେଟ , ମନ୍ଦିର , ଟ୍ରଷ୍ଟ କାର୍ଯ୍ୟାଳୟ , ଦୋକାନ ଗୃହ , ଗୋଦାମ ଗୃହ , ଦାନ ବାକ୍ସ ଓ କଲ୍ୟାଣ ମଣ୍ଡପର ତାଲା ଗୁଡ଼ିକ ଭାଙ୍ଗି ନିଜ ଅତିଆର କରିଥିଲେ । ଏହାକୁ ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀ , ବୋଲଗଡ଼ ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା , ବରିଷ୍ଠ କିରାଣି ସସ୍ମିତା ଭୁଇଆଁ ଏବଂ ବୋଲଗଡ ଥାନା ଅଧିକାରିଣୀ ସିଗ୍ଧା ମୟୀ ବରାଳ ପ୍ରମୁଖ ସଦଳବଳେ ଯାଇ ଏହାକୁ ଅତିଆର କରି ନେଇଥିଲେ । ପରେ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟର ସଭାପତି ସୁଦର୍ଶନ ଜେନାଙ୍କୁ ଧମକ ଦେବା ସହିତ ନଯିବା ପାଇଁ ବାରଣ କରିଥିଲେ । ଏହାକୁ ନେଇ ଶ୍ରୀ ଜେନା ଉଚ୍ଚ ନାୟାଳୟର ଦ୍ୱାରସ୍ଥ ହୋଇ ଏକ ନିର୍ଦ୍ଦେଶନାମା ସ୍ଥାନୀୟ ତହସିଲଦାରଙ୍କୁ ଜାରି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ନାମାକୁ ତହସିଲଦାର କାର୍ଯ୍ୟକାରୀ କରିନଥିଲେ । ନାୟାଳୟର ନିର୍ଦ୍ଦେଶନାମାକୁ ନେଇ ଶ୍ରୀ ଜେନା ତହସିଲ ଓ ପୋଲିସ ପ୍ରଶାସନ ବିରୁଦ୍ଧରେ ଖୋର୍ଦ୍ଧା ଜିଲ୍ଲା ନାୟାଳୟରେ ଅଭିଯୋଗ କରିବାପରେ ମାମଲା ରୁଜୁ ହୋଇଥିଲା । ସେମାନଙ୍କ ବିରୁଦ୍ଧରେ କରାଯାଇଥିବା ଅପରାଧିକ ଦଫା ବି. ଏନ.ଏସ. ୨୦୨୪ ର ୨୯୬, ୩୦୩(୨), ୩୫୧(୨), ୬୧(୨)/୩(୫) ସହିତ ୧୯୧/୧୯୨ ଏବଂ ୨୦୧ ୧୩.ଏନ୍. ଏସ୍. ଧାରା ଲଗୁହୋଇଛି । ଆସନ୍ତା ମାର୍ଚ୍ଚ ୭ତାରିଖରେ ହଜାର ହେବାପାଇଁ ନୋଟିସ ଜାରି କରାଯାଇଛି । ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟର ସଭାପତି ଶ୍ରୀ ଜେନାଙ୍କ ସୂଚନାରୁ ଜଣାପଡେ ମା ଭୂୟାଁଣି ଦେବୀଙ୍କ ପୀଠଟି ଡାବରଧିଆ ପାଟଣା ଗ୍ରାମ ପଞ୍ଚାୟତ ଅଧୀନ ଶିଆରିଆ ପଲ୍ଲୀ ମୌଜାର ପ୍ଲଟ ନମ୍ବର୍ ୭୨ଓ ୭୪ ରେ ଅବସ୍ଥିତ । ଏହାକୁ ଡାବରଧିଆ ପାଟଣା ଗ୍ରାମ ପଞ୍ଚାୟତରେ କମିଟି ଗଠନ କରି ୨୦୧୨ମହିହରେ ସେହି ସମୟର ସରପଞ୍ଚ ଉକ୍ତ ଟ୍ରଷ୍ଟକୁ ରକ୍ଷଣା ବେକ୍ଷଣ କରିବା ପାଇଁ ଦାୟିତ୍ୱ ପ୍ରଦାନ କରିଥିଲେ । ସେହି ଦିନଠାରୁ ଟ୍ରଷ୍ଟର ସଭାପତି ଭାବରେ କାର୍ଯ୍ୟ ଜାରି ରଖିଛନ୍ତି ଯାହା ତାଙ୍କର ନିଷ୍ପାପର କାର୍ଯ୍ୟ ପାଇଁ ଟ୍ରଷ୍ଟ ଦ୍ୱାରା ପ୍ରଶଂସା ଏବଂ ଗ୍ରହଣୀୟ ହୋଇଛି ।

### ବାଲି ଚାଲାଣ ୫୦ହଜାର ଜୋରିମାନା

ଆସିକା, ୦୧।୦୩ (ଅକ୍ଷର ଓଡ଼ିଶା): ଆସିକା ଅଞ୍ଚଳ ଦେଇ ପ୍ରବାହିତ ବଡ଼ନଦୀ ଓ ଋଷିକୂଲ୍ୟା ନଦୀରୁ ପ୍ରତ୍ୟହ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି । ମାଲିମାଫିଆମାନେ ପ୍ରଶାସନକୁ ଖୋଲା ଚାଲେଞ୍ଜ କରି ପ୍ରତି ରାତିରେ ଶହ ଶହ ହାଇୱା, ଟିପ୍ପର, ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ କରୁଥିବା ନିତିଦିନିଆ ଘଟଣାରେ ପରିଣତ ହେଲାଣି । ପୋଲିସ ଓ ରାଜସ୍ୱ ପ୍ରଶାସନ ପକ୍ଷରୁ ରାତିଅଧିଆ ଚଢଉ କରାଯାଉଥିଲେ ମଧ୍ୟ ବାଲିମାଫିଆମାନେ ଚୋରା ବାଟ ଦେଇ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି । ବିଳମ୍ବିତ ରାତିରେ ପୋଲିସ ଓ ତହସିଲ କାର୍ଯ୍ୟାଳୟର ମିଳିତ ପେଟ୍ରୋଲିଂ ଚାଲିଥିଲା । ସେହି ସମୟରେ କାଳଷଣ୍ଡପୁର ଛକ ନିକଟରେ ବାଲି ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଏକ ହାଇୱାକୁ ଅଟକାଇବା ସହ ଅତିରିକ୍ତ ତହସିଲଦାର ବାଲି ପରିବହନ କରୁଥିବା ନେଇ ଟ୍ରାଞ୍ଜିଟ ପାସ ମାଗିଥିଲେ । ବିନା ଟ୍ରାଞ୍ଜିଟ ପାସରେ ବାଲି ପରିବହନ ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ସଂପୃକ୍ତ ବାଲି ବୋଝେଇ ହାଇୱାକୁ ଜବତ କରଯାଇ ୫୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା ।

# ବରିଷ୍ଠ ନାଗରିକଙ୍କ ସଚେତନତା ଶିବିର




ସୁବର୍ଣ୍ଣପୁର, ୦୧।୦୩ (ଅକ୍ଷର ଓଡିଶା): ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତଥା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ଠାରେ ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ମାନସିକ ସ୍ତରରେ ଦୃଢ଼ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବାକୁ ପରାମର୍ଶ କରିଥିଲେ ମୁଖ୍ୟ ଅତିଥି ଜିଲ୍ଲାପାଳ । ମାନସିକ ସ୍ୱାସ୍ଥ୍ୟକୁ ଫିଟ୍ ରଖିବାକୁ ହେଲେ ଯାହା ଅଛି ସେଥିରେ ସନ୍ତୁଷ୍ଟ ହେବାକୁ ପଡିବ ବୋଲି ମୁଖ୍ୟବକ୍ତା ଜ୍ୟୋତି ରଞ୍ଜନ ବହିଦାର କହିଥିଲେ । ଗତ ତା୨୭.୦୨.୨୦୨୬ ରିଖ ଦିନ ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ତାପରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ବରିଷ୍ଠ ନାଗରିକମାନେ ଅଂଶ ଗ୍ରହଣ କରି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ସେମାନଙ୍କ ପାଇଁ ଆବଶ୍ୟକୀୟ ଔଷଧ ମଧ୍ୟ ସ୍ୱାସ୍ଥ୍ୟ ଶିବିର ରେ ପ୍ରଦାନ କରାଯାଇଥିଲା । ତାପରେ ସୁବର୍ଣ୍ଣପୁର ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ବିଷୟ ବସ୍ତୁ ଯଥା ସାଇବର ଅପରାଧ, ମୋବାଇଲ ଫୋନର ବ୍ୟବହାର, ସ୍ୱାସ୍ଥ୍ୟଗତ ସମସ୍ୟା, ପ୍ରତିଷେଧକ,ପ୍ରତିକାର ମୂଳକ ଓ ଚିକିତ୍ସା ବିଷୟରେ ସଚେତନତା ସଭା ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସଚେତନତା ସଭାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ମୁଖ୍ୟ ଅତିଥି ଭଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବରିଷ୍ଠ ନାଗରୀକ ଯୋଗ ଦେଇ ନିଜର ମତ ରଖିଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରର କାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୦୧।୦୩(ଗଗନ କୁମାର ପ୍ରଧାନ ): ବ୍ଲକ ଅନ୍ତର୍ଗତ ଦୋବନ୍ଧା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଟୁନି ଦାଶଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପକ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଞ୍ଜନ କୁମାର ରାଉତ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବରେ ସୁକାନ୍ତି ମୁଦୁଲି, ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଲକ୍ଷ୍ମୀପ୍ରିୟା ମଲିକ, ସବିତା ମଲିକ, ନମିତା ନାୟକ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଟୁନି ଦାଶଙ୍କ କାର୍ଯ୍ୟ ଦକ୍ଷତା ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସମର୍ପିତ ମନୋଭାବ ସମ୍ପର୍କରେ ଆଲୋଚନା କରିଥିଲେ । ବରେଣ୍ୟ ଅତିଥିମାନେ ଏହି ଅବସରରେ ଶ୍ରୀମତୀ ଦାଶଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ସମେତ ଅନ୍ୟାନ୍ୟ ଅନେକ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀମତୀ ଦାଶ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା, ଗ୍ରାମବାସୀ, ଛାତ୍ରଛାତ୍ରୀମାନଙ୍କ ସ୍ନେହ,ଶ୍ରଦ୍ଧା ଓ ସଦିଚ୍ଛା ସଦାସର୍ବଦା ମନେ ରହିବ ବୋଲି କହିଥିଲେ । ଏଥିରେ ରୋଷେୟା ତିଳୋତ୍ତମା ରାଉତ, ପଦ୍ମାବତୀ ମୁଦୁଲି, ବସନ୍ତ ମଲ୍ଲିକ, ଗୁଣାକର ମୁଦୁଲି, ମିନତି ମୁଦୁଲି, ଲିଲିମା ମଲିକଙ୍କ ସମେତ ପ୍ରଫେସର ପ୍ରଶାନ୍ତ କୁମାର ପାଣି, ଭାଗ୍ୟଧର ମିଶ୍ର, ସସ୍ମିତା ଦାଶ, ଅଙ୍କିତା ଦାଶ, ସମ୍ବିତ ପାଣି, ଶୁଭ୍ରାଂଶୁ ପାଣି, ଶୀତାଂଶୁ ପାଣି, ସମାପ୍ତିକା କର,ସ୍ୱପ୍ନା ମଞ୍ଜରୀ ମିଶ୍ର, ଅବିନାଶ ମିଶ୍ର, ବ୍ରଜବନ୍ଧୁ ସାହୁ, ଅମୀୟ ଦାଶ, ଶ୍ଳୋକ ଅମ୍ରିତ, ବିଦ୍ୟାଳୟର ଶିକ୍ଷକ ଏସ୍ କେ ଅୟେସୁଦ୍ଦିନ, ଉମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଅବସରର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଟୁନି ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ ଆଘାତରେ ବିଦ୍ୟୁତ କର୍ମୀ ଆହତ



ଅସ୍ତରଙ୍ଗ, ୦୧।୦୩ (ଅକ୍ଷର ଓଡ଼ିଶା): ରବିବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଜଣେ ବିଦ୍ୟୁତ ବିଭାଗର କର୍ମଚାରୀ ବିଦ୍ୟୁତ ନାନପୁର ପାଖେ ବିଦୁତ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ଆଘାତରେ ଉକ୍ତ କର୍ମୀ ଗୁରୁତର

**ଗୁରୁତର ଅବସ୍ଥାରେ କ୍ୟାପିଟାଲ ସ୍ଥାନାନ୍ତର**

ହୋଇଛନ୍ତି । ସୂଚନା ମୁତାବକ ଅସ୍ତରଙ୍ଗ ବ୍ଲକ ନୂଆଗଡ ଅଞ୍ଚଳର ବଟକୃଷ୍ଣ ବେହେରା ଅସ୍ତରଙ୍ଗ ବିଦ୍ୟୁତ ଡିଭିଜନ ଅଧୀନରେ କାମ କରନ୍ତି । ନୂଆଗଡ ଅଞ୍ଚଳରେ କାର୍ଯ୍ୟ କରୁଥିବା ବେଳେ ଏହି ଅଘଟଣ ଘଟିଛି । ଉକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ସେଠି ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ସ୍ଥାନାନ୍ତର କରାଯାଇଛି । ଏହିଭଳି ଘଟଣା ଜଣେ ବିଦ୍ୟୁତ କର୍ମଚାରୀଙ୍କ ସହ କିପରି ଘଟିଲା ତାହା ଏବେ ଅସ୍ପଷ୍ଟ ରହିଛି ।

# ରାମମନ୍ଦିର ଦର୍ଶନ କଲେ ଜିଲ୍ଲାପାଳ



ଭାପୁର,୦୧।୦୩(ଅଜୟ କୁମାର ନାୟକ ) : ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଶନିବାର ଅପରାହ୍ନରେ ପରିବାର ସହ ଫତେଗଡ଼ ଶ୍ରୀରାମ ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରିବା ସହ ସନ୍ଧ୍ୟା ସମୟରେ ପ୍ରାକୃତିକ ଶୋଭା ଦେଖୀ ବିମୋହିତ ହୋଇଛନ୍ତି । ଜିଲ୍ଲାପାଳ ଏଠାରେ ଦୀର୍ଘ ୪୫ ମିନିଟ ବୁଲିଥିଲେ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏହାର ଶୋଭାମୟ ଯାତ୍ରାକୁ ଦେଖି ମନ ଆନନ୍ଦିତ ହୋଇଗଲା ବୋଲି ମତ ରଖିଥିଲେ । ମନ୍ଦିର ତରଫରୁ ପୂଜକ ସରୋଜ କୁମାର ମହାପାତ୍ର, ଜିତେଶ କୁମାର ଖୁଣ୍ଟିଆ ଓ ସନ୍ତୋଷ କୁମାର ସାହୁ ଜିଲ୍ଲାପାଳଙ୍କୁ ଠାକୁର ଦର୍ଶନ କରାଇବାରେ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଓଡିଆ 'ଭାଷା ସମ୍ମାନ କାର୍ଯ୍ୟକ୍ରମ




ପାରଳାଖେମୁଣ୍ଡି,୦୧।୦୩(ତାରିଣୀ ପ୍ରସାଦ ପଣ୍ଡା ): ଓଡିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ ମହିଳା ସ୍ନାତକ ମହାବିଦ୍ୟାଳୟ, ପାରଳାଖେମୁଣ୍ଡି, ଜିଲ୍ଲା ଗଜପତିର ମିଳିତ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ 'ଭାଷା ସମ୍ମାନ' ପାରଳାଖେମୁଣ୍ଡି ସ୍ଥିତ ଆର.ସେ.ଟି. ସମ୍ମିଳନୀ କକ୍ଷ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପାରଳାଖେମୁଣ୍ଡିର ଅବଦାନ ଓଡ଼ିଆ ଭାଷା ପାଇଁ ଅବିସ୍ମରଣୀୟ ବୋଲି ଏହି ସମାବେଶରେ ଅତିଥି ଓ ବକ୍ତାମାନେ ପ୍ରକାଶ କରି ପାରଳାଖେମୁଣ୍ଡି ଓଡ଼ିଆ ଭାଷା ଓ ସାହିତ୍ୟକୁ ଗୌରବାନ୍ୱିତ କରିଛି ବୋଲି ମାତବ୍ୟକ୍ତ କରିଛନ୍ତି । ଏହି କାର୍ଯକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ରୀନା ସାହୁଙ୍କ ପୌରୋହିତ୍ୟ କରିଥିଲେ । ଅଧ୍ୟାପିକା ଡ଼ ଭାରତୀ ପାଣିଗ୍ରାହୀ ସାଗତ ଭାଷଣ ପ୍ରଦାନ କଲାପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହାପରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିରେ ସୁସାହିତ୍ୟିକ ଡ଼ ଲମ୍ବୋଦର ପାଣିଗ୍ରାହୀ, ଡ଼ ଅଶୋକ ପଣ୍ଡା ଏବଂ ରାଜଲକ୍ଷ୍ମୀ ଦେବୀ ପ୍ରମୁଖ ସମ୍ମାନୀତ ଅତିଥୂ ରୂପେ ଯୋଗ ଦେଇ ଯୁବପିଢିଙ୍କ ବିକାଶ ଦିଗରେ ଓଡିଆ ଭାଷା ଓ ସାହିତ୍ୟର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଉପାନ୍ତି ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓଡିଆ ଭାଷା ଓ ସାହିତ୍ୟର ଗତି ଓ ପ୍ରଗତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆନ୍ଧ୍ର ପ୍ରଦେଶର ବାରୁଆ ସରକାରୀ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ଼ ରାମାରାଓ ମାଝୀ 'ଯୁବ ପିଢି ଓ ମାତୃଭାଷା ସାହିତ୍ୟ' ବିଷୟରେ ନିବନ୍ଧ ପାଠ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ସହାୟତାରେ ସୁଚାରୁରୂପେ ସଂପନ୍ନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ଅନୁଷ୍ଠାନରୁ ଅଧାପକ, ଅଧ୍ୟାପିକା ଓ ଛାତ୍ରୀ ମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସଭାଶେଷରେ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ଓଡିଆ ଭାଷା ଓ ସାହିତ୍ୟର ବିଭିନ୍ନ ପ୍ରତିଯୋଗିତା (ବକ୍ତୃତା, ପ୍ରବନ୍ଧ ଓ ଶୁଦ୍ଧଲିଖନ)ରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବରଦା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ଷେତ୍ରୀୟ ସମାଜ ଭବନରେ ପୁସ୍ତକ ଉନ୍ମୋଚନ




ନୂଆପଡା, ୦୧।୦୩ ( ମୋହନ ଲାଲ ଦୀପ ): ନୂଆପଡ଼ା ଜିଲ୍ଲା ଖଡିଆଲ ପାଟଣା କ୍ଷେତ୍ରୀୟ ସମାଜ ଭବନ ଠାରେ ଅବସର ପ୍ରାପ୍ତ ଆୟକର ବିଭାଗ କମିସନର ଶ୍ରୀକାନ୍ତ ଚାଟାର୍ଜୀଙ୍କ ରଚିତ ପୁସ୍ତକ ଉନ୍ମୋଚନ, ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦ୍ୱାରା ଛପନ ଭୋଗ ଉନ୍ମୋଚିତ କରି ସାହିତ୍ୟକୁ ଏକ ଅନନ୍ୟା ଉପହାର ସହ ସାଧନାର ଏକ ନିଦର୍ଶନ ଅଟେ ବୋଲି ମତବ୍ୟକ୍ତ କରିଥିଲେ । ଖଡିଆଲ ମାଟି ଏକ ସାହିତ୍ୟର ମାଟି ଅଟେ । ଏହି ମାଟିର ମହକ ଶ୍ରୀକାନ୍ତ ଚାଟାର୍ଜୀଙ୍କୁ ଟାଣି ଆଣିଥିଲ କର୍ମମୟ ଜୀବନରେ ଅବସର ଗ୍ରହଣ ପରେ ଜୀବନ ନିର୍ବାହ କରିବାକୁ । ଆଜି ତାଙ୍କ ରୁଚିରେ ଆଲେଖ୍ୟ ପ୍ରସ୍ତୁତ କରି ଏକ ସୂତାରେ ବନ୍ଧା ହୋଇ ପୁସ୍ତକର ରୂପ ନେଇଛି । ଅନେକ ପୁସ୍ତକ ପ୍ରକାଶିତ ହେବା ସହ ଅନେକ ଅପେକ୍ଷାରେ । ଆଜି ଛପନ ଭୋଗ ପୁସ୍ତକ ଉନ୍ମୋଚନ ଉତ୍ସବ ରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉନ୍ମୋଚନ କରିଥିବା ବେଳେ ସମୀକ୍ଷକ ଭାବରେ ଲୋହୀତାକ୍ଷ ଯୋଷୀ, ସମ୍ମାନିତ ଅତିଥି ରୂପେ ନାଣ୍ଡଲାଲ ବାରିକ, ସବିତା ଚାଟାର୍ଜୀ ମଞ୍ଚାସିନ ହୋଇଥିଲେ । ଖଡିଆଲ ସହର ଅନେକ ସାହିତ୍ୟିକ ଯୋଗ ଦେଇଥିଲେ ।





ସୋମବାର ୦୨।୦୩।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ସଞ୍ଜୁଙ୍କ ଦମ୍‌ଦାର ଇଂନିସ୍

# ସେମିଫାଇନାଲ୍‌ରେ ଭାରତ



ଟି-୨୦ ବିଶ୍ୱକପ୍

କୋଲକାତା, ୧/୩ - କୋଲକାତାର ଇଡେନ ଗାର୍ଡେନ୍‌ସରେ ଖେଳା ଯାଉଥିବା ମ୍ୟାଚରେ ୱେଷ୍ଟଇଣ୍ଡିଜ ୪ ୱିକେଟ୍ ହରାଇ ୧୯୫ ରନ କରିଛି । ସେମି ଫାଇନାଲରେ ପ୍ରବେଶ ପାଇଁ ଭାରତ ସାମ୍ନାରେ ରହିଛି ୧୯୬ ରନର ବିଜୟ ଲକ୍ଷ୍ୟ । ୱେଷ୍ଟଇଣ୍ଡିଜ ପକ୍ଷରୁ କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରି ନ ଥିଲେ ବି ସାମୂହିକ ବ୍ୟାଟିଂ ସଫଳତା ବଳରେ ଏହି ସ୍କୋର କରି ପାରିଛି ୨ ଥରର ବିଶ୍ୱ ଚାମ୍ପିଅନ ୱେଷ୍ଟଇଣ୍ଡିଜ । ରୋଭମାନ ପାୱେଲ ୩୪ ରନ ଓ ଜାସନ ହୋଲଡର ୩୭ ରନ ବିସ୍ଫୋରକ ଇନିଂସ ଖେଳିଛନ୍ତି । ରୋଷ୍ଟନ ଚେଜ ୪୦ ରନ କରିଛନ୍ତି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜର ଦୁଇ ଓପନର ସାଇ ହୋପ୍ ଓ ରୋଷ୍ଟନ ଚେଜ୍ ଭଲ ଆରମ୍ଭ ଦେଇଥିଲେ । ଦୁଇ ବ୍ୟାଟର ୯ ଓଭରରେ ୬୮ ରନ ଯୋଡ଼ିଥିଲେ । ସାଇ ହୋପ୍ ୩୨ ରନ କରି ଆଉଟ୍ ହୋଇଥିଲେ । ସିମରନ ହେଟମାୟର ଦ୍ରୁତ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ପାଇଁ ଚିନ୍ତାର କାରଣ ପାଲଟିଥିଲେ । ହେଟମାୟର ୧୨ ବଲରୁ ୨୭ ରନ କରି ବୁମରାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । କ୍ରିଜରେ ସେଟ୍ ଥିବା ରୋଷ୍ଟନ ଚେଜ୍ ୪୦ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ । ଶେରଫନ ରଦରଫୋର୍ଡ(୧୪ ରନ) ପାଭିଲିୟନ ଫେରିଥିଲେ । ଏହାପରେ ରୋଭମାନ ପାୱେଲ ଓ ଜାସନ ହୋଲଡର ମୋର୍ଚ୍ଚା ସମ୍ଭାଳିଥିଲେ । ଉଭୟ ଭାରତୀୟ ବୋଲରଙ୍କୁ ପ୍ରହାର କରିଥିଲେ । ବିସ୍ଫୋରକ ବ୍ୟାଟିଂ କରି ପଞ୍ଚମ ୱିକେଟ୍ ପାଇଁ ୭୬ ରନ ଯୋଡ଼ିଥିଲେ । ଫଳରେ ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ଓଭରରେ ୧୯୫ ରନ କରିଥିଲା । ପାୱେଲ ୧୯ ବଲରୁ ୩ ଚୌକା ଓ ୨ ଛକା ସହ ୩୪ ରନରେ ଅପରାଜିତ ଥିଲେ । ଜାସନ ହୋଲଡର ୨୨ ବଲରୁ ୨ ଚୌକା ଓ ୩ ଛକା ସହ ୩୭ ରନ କରିଥିଲେ । ବୋଲିଂରେ ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୨ଟି ୱିକେଟ୍ ନେଇଥିଲେ ହେଁ ୩୬ ରନ ବ୍ୟୟ କରିଛନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି । ଦ୍ୱିତୀୟରେ ବ୍ୟାଟିଂ କରି ଭାରତ ଅଭିଷେକ ଶର୍ମାଙ୍କ ୧୦ ରନ୍ ଓ ଇସାନ କିଷାନଙ୍କ ୧୦ ରନ୍ କରି ବ୍ୟାଟିଂ ବିଫଳ ହୋଇଥିଲେ । ଦୁହିଁଙ୍କର ୱିକେଟ ଶିଘ୍ର ପଡିବାପରେ ସୂର୍ଯ୍ୟ ଓ ସଂଜୁ ଦୁହେଁ ଇନିସ ସମ୍ଭାଳିଥିଲେ, ସୂର୍ଯ୍ୟ ୧୬ ବଲରେ ୧୮ ରନ୍‌ର ପାଳି ଖେଳିଥିଲେ । ସଞ୍ଜୁଙ୍କ ଅପରାଜିତ ୯୭ ରନ୍ ବଳରେ ଭାରତ ୫ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ସଞ୍ଜୁ ଇନିଂସ୍ ଓପନ୍ କରିବାକୁ ଆସି ୫୦ ବଲ୍‌ରେ ୧୨ ଚୌକା ଓ ୪ଛକା ସହ ଅପରାଜିତ ୯୭ ରନ୍‌ର ପାରି ଖେଳି ବିଜୟର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ଶ୍ରୀଲଙ୍କା ବିପର୍ଯ୍ୟୟ ପରେ ଜୟସୁରିୟା ପଦ ଛାଡ଼ିଲେ



କଲମ୍ବୋ,୦୧/୦୩- ଚଳିତ ଆଇସିସି ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଦଳର ବିପର୍ଯ୍ୟୟ ପରେ ଶ୍ରୀଲଙ୍କା ମୁଖ୍ୟ ପ୍ରଶିକ୍ଷକ ପଦ ଛାଡି ଦେଇଛନ୍ତି । ପୂର୍ବତନ କ୍ରିକେଟର୍ ସନଥ ଜୟସୁରିୟା । ରବିବାର ରାତିରେ ପାକିସ୍ତାନ ନିକଟରୁ ୫ ରନ୍‌ର ରୋମାଞ୍ଚକ ପରାଜୟ ପରେ ଘରୋଇ ଶ୍ରୀଲଙ୍କା ପ୍ରଶଂସକଙ୍କୁ ବିଜୟରେ ବିଦାୟ ଦେଇପାରିନଥିଲା । ଇସ୍ତଫା ସମ୍ପର୍କରେ ଆନୁଷ୍ଠାନିକ ଭାବେ ଜଣାଇବେ ଜୟସୁରିୟା ପୂର୍ବରୁ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲେ ମଧ୍ୟ ଶ୍ରୀଲଙ୍କା ସୁପର୍-୮ ପର୍ଯ୍ୟାୟରେ ଅତି ନିରାଶାଜନକ ପ୍ରଦର୍ଶନ କରିଥିଲା । ଗ୍ରୁପ୍ ପର୍ଯ୍ୟାୟରେ ଦାସୁନ ଶଣକାଙ୍କ ଦଳ ୪ରୁ ୩ ଜିତିଥିଲେ ମଧ୍ୟ ସୁପର୍-୮ ପର୍ଯ୍ୟାୟରେ ସମସ୍ତ ୩ ମ୍ୟାଚ୍ ହାରିଯାଇଥିଲା । ଜୟସୁରିୟା ନିଜ ଇସ୍ତଫା ସମ୍ପର୍କରେ ଆନୁଷ୍ଠାନିକ ଭାବେ ଶ୍ରୀଲଙ୍କା କ୍ରିକେଟ୍‌କୁ ଜଣାଇବେ ବୋଲି କହିଛନ୍ତି । 'ମୋ ଚୁକ୍ତି ଜୁନ୍ ମାସ ପର୍ଯ୍ୟନ୍ତ ରହିଛି । କିନ୍ତୁ ଗତ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାଠାରୁ ମୁଁ ମନସ୍ଥ କରିଥିଲି ଲମ୍ବା ସମୟ ଦାୟିତ୍ୱରେ ରହିବି ନାହିଁ । ତେବେ ବିଜୟର ଉଚ୍ଚତା ସହ ବିଦାୟ ନେବାର ଆଶା ବି ପୂରଣ ହୋଇପାରିଲା ନାହିଁ' ବୋଲି ଜୟସୁରିୟା ପ୍ରକାଶ କରିଛନ୍ତି ।

### ବିଦେଶୀ ମୁଦ୍ରା ସହ ଲକ୍ଷାଧିକ ଟଙ୍କା ଜବତ

## ଫେରାର ଯୁବକ ଗିରଫ

ବଲାଙ୍ଗିର,୦୧/୦୩-(ଦେବେନ୍ଦ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଗତ ଶୁକ୍ରବାର ଦିନ ଡୁଙ୍ଗୁରିପାଲି ଆର୍ ଫିଏଫ୍ ପୋଲିସ ଅଜଣା ଯୁବକଙ୍କୁ ସନ୍ଦେହ କରିଥିଲ । ତାଙ୍କୁ ପଚରାଉଚରା କରାଯିବାରୁ ନିଜର ବ୍ୟାଗ୍ ଛାଡି ଫେରାର ମାରିଥିଲା ଡୁଙ୍ଗୁରୁପାଲି ପୋଲିସ ଓ ଆର୍ ଫିଏଫ୍ ଟିମ୍ ଉକ୍ତ ବ୍ୟାଗ ଯାଞ୍ଚ କରିବାରୁ ନଗଦ ୨.୬୯ ଲକ୍ଷ ଟଙ୍କା ସହ ୪ ବିଦେଶର ୧୯ଟି ନୋଟ୍ ଜବତ କରିଛି । ଏଥିରେ ୨ଲକ୍ଷ ୬୮ହଜାର ୭୭୪ ଭାରତୀୟ ଟଙ୍କା ଏବଂ ୟୁଏଇ, ମାଲେସିଆ, ଥାଇଲାଣ୍ଡ ଓ ଚାଇନା ଦେଶର ନୋଟ୍ ରହିଥିବା ବେଳେ । ଗତ ୨୧ ତାରିଖ ରାତିରେ ବଲାଙ୍ଗିର ଆରପିଏଫ୍ ହାବିଦଲଦାର ହୀରାଲାଲ୍ ସିଂ ଡୁଙ୍ଗୁରି ପାଲି ରେଳଷ୍ଟେସନରେ ପେଟ୍ରୋଲିଂ କରୁଥିବା ବେଳେ ରାତି ୨ ଟାରେ ପ୍ଲାଟଫର୍ମରେ ବସିଥିବା ଜଣେ ଯୁବକଙ୍କୁ ପଚରାଉଚୁରା କରିଥିଲେ । ଝାନ୍ସି ଯିବାକୁ ପୁରୀ-ଦୁର୍ଗ ଟ୍ରେନ୍‌କୁ ଅପେକ୍ଷା କରିଥିବା ସେ କହିବାପରେ ତା' ବ୍ୟାଗରେ କ'ଣ ଅଛି ବୋଲି ପଚାରିବାରୁ ହଠାତ୍ ଯୁବକ ଜଣକ ବ୍ୟାଗ୍ ଛାଡ଼ି ସେଠାରୁ ଦୌଡ଼ି ଫେରାରହୋଇଯାଇଥିଲା ।

## ଏନ୍‌ଏସଏସ ପକ୍ଷରୁ ବିକଶିତ ଭାରତ ୟୁଥ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ

ସମ୍ବଲପୁର, ୦୧/୦୩ (ଅକ୍ଷର ଓଡ଼ିଶା): ରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ବୁର୍ଲାଠାରେ ଏନ୍ ଏସ ଏସ ପକ୍ଷରୁ ବିକଶିତ ଭାରତ ୟୁଥ୍ ପାର୍ଲିଆମେଣ୍ଟ ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟ ର ୫୦ ରୁ ଊର୍ଦ୍ଧ୍ୱ ଏନ୍ ଏସ ଏସ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରୋଫେସର ପ୍ରଦୀପ କୁମାର ନାଏକ, ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବରେ ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ପ୍ରୋ. ଏ କେ ପଟେଲ, ଆଇନ ବିଭାଗର ମୁଖ୍ୟ ପ୍ରୋ. ମୀନକେତନ ସାହୁ, କାର୍ଯ୍ୟକ୍ରମର ଜୁରି ମେମ୍ବର ଇଂରାଜୀ ବିଭାଗର ଡ. ଅଜିତ କୁମାର କୁଲୁ, କଳାପାଣି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ଅଧ୍ୟାପକ ମୋହନ୍ ସାହୁ, ଓଷ୍ଟାର ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ପଣ୍ଡା, ସମ୍ବଲପୁର ମୋ ଭାରତ ର ପ୍ରତିନିଧି ପ୍ରୟାସ ପଣ୍ଡା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍ ଏସ ଏସ କାର୍ଯ୍ୟକ୍ରମ ସଂଯୋଜକ ଡ ବିରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଏଚ୍‌ପିଭି ଟୀକାକରଣ ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ଯାଜପୁର,୦୧/୦୩(ଅକ୍ଷର ଓଡ଼ିଶା) ଯାଜପୁର ଜିଲ୍ଲାରେ ଏଚ୍‌ପିଭିଟୀକାକରଣ ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଗତକାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ରଙ୍କ ଦ୍ୱାରା ଏମ୍‌ସିଏଚ୍ ଭବନ ପରିସରରେ ଅନୁଷ୍ଠିତ ହୋଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଡ଼ା. ସଂଯୁକ୍ତା ପଣ୍ଡା, ଡି.ଏମ.ଓ ସୁପରିଣ୍ଟେଡେଣ୍ଟ ଡ଼ା. ହାଁସଦା, ପେଡିଆଟ୍ରିକ ବିଶେଷଜ୍ଞ ଡ଼ା. ଜେ. ଜେ ମିଶ୍ର , ଡ଼ା. ଏଚ.କେ ରାଉଳ, ନର୍ସିଂ ଅଫିସର, ଏ.ଏନ୍.ଏମ, ଆଶା କର୍ମୀ,ସ୍ୱାସ୍ଥ୍ୟ କର୍ମୀମାନେ, ୧୪ ବର୍ଷର କିଶୋରୀ ବାଳିକାମାନେ ଓ ସେମାନଙ୍କର ଅଭିଭାବକମାନେ ଏହି ଶୁଭାରମ୍ଭରେ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର କହିଲେ ଏହି ଏଚ୍‌ପିଭି ଟୀକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି କିଶୋରୀମାନଙ୍କୁ ଏଚ୍‌ପିଭି ସଂକ୍ରମଣରୁ ସୁରକ୍ଷା ଦେବା, ଯାହା ଜରାୟୁ ଗ୍ରୀବା କର୍କଟର ପ୍ରମୁଖ କାରଣ । ଜିଲ୍ଲାରେ ୧୪ ବର୍ଷ ବୟସ୍କ (୧୪ ବର୍ଷ ପୂରଣ କରିଥିବା କିନ୍ତୁ ୧୫ ବର୍ଷ ପୂରଣ ନକରିଥିବା) ମୋଟ ୧୪,୪୯୬ ଜଣ କିଶୋରୀଙ୍କୁ ଏହି ଅଭିଯାନ ଅଧୀନରେ ଟୀକା ପ୍ରଦାନ କରାଯିବ । ଏହି ଅଭିଯାନ ଅନୁସାରେ ପ୍ରତ୍ୟେକ ଲାଭାନ୍‌ବିତାଙ୍କୁ ଗାର୍ଡାସିଲ-୪ (Gardasil-୪) ଟୀକାର କେବଳ ଏକମାତ୍ର ଡୋଜ୍ ଦିଆଯିବ । ଏହି ଟୀକା ଚାରି ପ୍ରକାର ଏଚ୍‌ପିଭି ଭାଇରସ୍ ବିରୋଧରେ ସୁରକ୍ଷା ଦେଇଥାଏ । ଜିଲ୍ଲାର ୧୦ ଟି ବ୍ଲକ୍, ଯାଜପୁର ରୋଡ, ଯାଜପୁର ଟାଉନ ମୁଖ୍ୟାଳୟ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC), ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ଗ୍ରାମସ୍ତରର ଉପ-ସ୍ୱାସ୍ଥ୍ୟ କେନ୍ଦ୍ରମାଧ୍ୟମରେ ଟୀକାକରଣ କାର୍ଯ୍ୟକ୍ରମ ଚାଲିବ ଓ ସମସ୍ତ ଅଭିଭାବକ ମାନେ ତାଙ୍କର ପିଲା ମାନଙ୍କୁ ନେଇ ସମସ୍ତ ହସ୍ପିଟାଲ୍ ମାନଙ୍କରେ ଏଇ ଟିକା ନିଶ୍ଚିତ ଦେବା ପାଇଁ ଅନୁରୋଧ କରିଥିଲେ । ମାନ୍ୟବର ପ୍ରଧାମନ୍ତ୍ରୀଙ୍କର ଏଇ ପଦେକ୍ଷପ ସବୁ ମହିଳା ମାନଙ୍କ ପାଇଁ ନିଶ୍ଚିନ୍ତ ଭାବରେ ଜରାୟୁ ଗ୍ରୀବା କର୍କଟ ରୁ ରକ୍ଷା କରିବ ବୋଲି ଉଲ୍ଲେଖ କରିଥିଲେ । ଏହି ଟୀକାକରଣ ଅଭିଯାନ ସମୟସୀମା ମାର୍ଚ୍ଚ ୨୦୨୬ ରୁ ମଇ ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟସୀମା ମଧ୍ୟରେ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷ ଟୀକାକରଣ ଅଧିବେଶନ ଆୟୋଜନ କରାଯିବ ।

## ରଣଜୀ ଟ୍ରଫିରେ ନୂଆ ବିଜେତା

# ଇତିହାସ ରଚିଲା ଜମ୍ମୁ କାଶ୍ମୀର, ଫାଇନାଲ୍ ମ୍ୟାଚ୍ ଡ୍ର'ରେ ଶେଷ




ହୁବ୍ଲି, ୦୧/୦୩- ଜମ୍ମୁ କାଶ୍ମୀର ପାଇଁ ୬୭ ବର୍ଷ ପ୍ରତୀକ୍ଷାର ଅନ୍ତ ହୋଇଛି । ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ଜିତି ଐତିହାସିକ ସଫଳତା ହାସଲ କରିଛି ପାରସ୍ ଡୋଗ୍ରାଙ୍କ ନେତୃତ୍ୱାଧୀନ ଦଳ । କର୍ଣ୍ଣାଟକର ହୁବ୍ଲିଠାରେ ଖେଳାଯାଇଥିବା ଫାଇନାଲ୍‌ର ଶନିବାର ଥିଲା ଶେଷଦିନ । ଶେଷ ଦିନରେ ଜମ୍ମୁ କାଶ୍ମୀର ୪ ୱିକେଟ୍ ହରାଇ ୩୪୨ ରନ୍ କରି ନିଜର ଦ୍ୱିତୀୟ ପାଳି ଘୋଷଣା କରିଥିଲା । କାମରାନ ଇକ୍‌ବାଲ ଓ ସାହିଲ ଲୋଟ୍ରା ଅପରାଜିତ ଶତକ ଅର୍ଜନ କରିଥିଲେ । ଏହା ସହିତ ମ୍ୟାଚ୍ ଡ୍ର ହୋଇଥିଲା ଓ ପ୍ରଥମ ପାଳି ଅଗ୍ରଣୀ ଅନୁସାରେ ଜମ୍ମୁ କାଶ୍ମୀରକୁ ଚାମ୍ପିଅନ ଘୋଷଣା କରାଯାଇଥିଲା । ଏହି ଐତିହାସିକ ବିଜୟର ସାକ୍ଷୀ ହେବାକୁ ଖୋଦ୍ ଜମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ସେଠାରେ ଉପସ୍ଥିତ ଥିଲେ । ଜମ୍ମୁ କାଶ୍ମୀର ପ୍ରଥମ ଥର ରଣଜୀ ଟ୍ରଫି ଜିତି ଇତିହାସ ରଚିଛି । ଫଳରେ ଏହି ଦଳର ୬୭ ବର୍ଷର ଅପେକ୍ଷାର ଅନ୍ତ ଘଟିଛି । ଏଭଳି ବିରଳ ସଫଳତା ପରେ କେନ୍ଦ୍ର ଶାସିତ ଜମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଗଦ୍‌ଗଦ ହୋଇଯାଇଛନ୍ତି । ନିଜ ଖେଳାଳିଙ୍କ ଐତିହାସିକ ପ୍ରଦର୍ଶନରେ ଉଲ୍ଲସିତ ଅବଦୁଲ୍ଲା ୨ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି । ସେହିଭଳି ଜମ୍ମୁ କାଶ୍ମୀର ଦଳର ଖେଳାଳିଙ୍କୁ ଉତ୍କୃଷ୍ଟ କ୍ରୀଡ଼ାବିତ୍ କୋଟାରେ ସରକାରୀ ଚାକିରି ମିଳିବ ବୋଲି ଘୋଷଣା କରିଛନ୍ତି । ରଣଜୀ ଟ୍ରଫି ବିଜୟ ଜମ୍ମୁ କାଶ୍ମୀର କ୍ରୀଡ଼ା ଦୁନିଆର ସ୍ମରଣୀୟ ମୁହୂର୍ତ୍ତ ଏବଂ ମାଇଲ୍‌ଖୁଣ୍ଟ ମୋଡ଼ ବୋଲି ଅବଦୁଲ୍ଲା ନିଜ ପ୍ରତିକ୍ରିୟାରେ କହିଛନ୍ତି । ଫେବ୍ରୁଆରି ୨୪ରୁ ଆରମ୍ଭ ହୋଇଥିବା ଫାଇନାଲ୍‌ରେ ଜମ୍ମୁ କାଶ୍ମୀର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ପ୍ରଥମ ପାଳିରେ ଶୁଭମ ପୁନ୍ଦିରଙ୍କ ଶତକ (୧୨୧ ରନ୍), ୟାୱର ହାସାନ (୮୮), ପାରସ ଡୋଗ୍ରା (୭୦), ଅବଦୁଲ ସମଦ (୬୧), କନ୍ହେୟା ୱାଧୱାନ (୭୦) ଓ ସାହିଲ ଲୋଟ୍‌ରା (୭୨)ଙ୍କ ଅର୍ଦ୍ଧଶତକ ବଳରେ ଜମ୍ମୁ କାଶ୍ମୀର ୫୮୪ ରନ୍ କରିଥିଲା । କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ କୃଷ୍ଣ ୫ଟି ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ କର୍ଣ୍ଣାଟକ ନିଜର ପ୍ରଥମ ପାଳିରେ ମୟଙ୍କ ଅଗ୍ରୱାଲଙ୍କ ଶତକ (୧୬୧) ସତ୍ତ୍ୱେ ୨୯୩ ରନ୍‌ରେ ସୀମିତ ରହିଯାଇଥିଲା । ଏହା ଫଳରେ ଜମ୍ମୁ କାଶ୍ମୀର ପ୍ରଥମ ପାଳିରେ ୨୯୧ ରନ୍‌ର ଅଗ୍ରଣୀ ନେଇଥିଲା । ଜମ୍ମୁ କାଶ୍ମୀର ପକ୍ଷରୁ ଆକ୍‌ବିବ୍ ନବି ୫ଟି ୱିକେଟ୍ ନେଇଥିଲେ । ସଂକ୍ଷିପ୍ତ ସ୍କୋର: ଜମ୍ମୁ କାଶ୍ମୀର ପ୍ରଥମ ପାଳି ୧୭୩.୧-ଓଭରରେ-୫୮୪ (ଶୁଭମ ପୁନ୍ଦିର ୧୨୧, ୟାୱେର ହାସନ ୮୮, ସାହିଲ ଲୋଟ୍ରା ୭୨, ପାରସ ଡୋଗ୍ରା ୭୦, ଅବଦୁଲ ସମଦ ୬୧, ପ୍ରସିଦ୍ଧ କୃଷ୍ଣ ୫/୯୮, ବିଜୟକୁମାର ବୈଶାକ ୧/୭୫) । କର୍ଣ୍ଣାଟକ ପ୍ରଥମ ପାଳି ୯୩.୩ ଓଭରରେ-୨୯୩ (ମୟଙ୍କ ଅଗ୍ରୱାଲ ୧୬୦, କୃତିକ କୃଷ୍ଣ ୩୬, ଶ୍ରେୟସ୍ ଗୋପାଳ ୨୭, ଆକ୍‌ବିବ ନବି ୫/୫୪, ସୁନିଲ କୁମାର ୨/୫୧, ଯୁଦ୍ଧବୀର ସିଂହ ୨/୫୫) । ଜମ୍ମୁ କାଶ୍ମୀର ଦ୍ୱିତୀୟ ପାଳି ୧୧୩ ଓଭରରେ-୩୪୨/୪ (କାମରାନ ଇକ୍‌ବାଲ ୧୬୦ଅ, ସାହିଲ ଲୋଟ୍‌ରା ୧୦୧ଅ, ଅବ୍ଦୁଲ ସମଦ ୩୨, ପ୍ରସିଦ୍ଧ କୃଷ୍ଣ ୨/୪୨) ।

### ବିନିକା ପାଇଁ ଗୌରବ ଆଣିଲେ ଜିତେନ୍ଦ୍ରିୟ

## ଓସିଏ ଅମ୍ପାୟର ପରୀକ୍ଷାରେ ଉତ୍ତୀର୍ଣ୍ଣ



ବିନିକା,୦୧/୦୩ (ପ୍ରତାପ ରୁଦ୍ର କର୍ଣ୍ଣ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା ଗ୍ରାମ ସ୍ଥିତ ଜିତେନ୍ଦ୍ରିୟ ଥନାପତି ଓସିଏ ଅମ୍ପାୟର ପରୀକ୍ଷାରେ ୧୦୦ରୁ ୫୩.୩୩ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ସାରା ବିନିକା ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ କ୍ରୀଡା ପ୍ରେମୀ ମହଲରେ ଖୁସିର ଲହରୀ ଖେଳିଯାଇଛି । ପ୍ରକାଶ ଯୋଗ୍ୟ ଗତ ୨୦୨୫ବର୍ଷ ଜୁନ ମାସ ୨୮ତାରିଖରେ ଅମ୍ପାୟର ଚୟନ ନେଇ ଓସିଏ ତରଫରୁ ପରୀକ୍ଷା ହୋଇଥିଲା ଏଥିରେ ରାଜ୍ୟର ବିଭିନ୍ନ କୋଣରୁ ପ୍ରାୟ ୧୨୬ଜଣ ଭାଗନେଇଥିଲେ । ସେଥିରୁ ସୁବର୍ଣ୍ଣପୁର ଜିଲ୍ଲାର ଜିତେନ୍ଦ୍ରିୟ ଥନାପତି ଏକମାତ୍ର ପ୍ରତିଯୋଗୀ ଭାବେ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସୂଚନା ଯୋଗ୍ୟ ଯେ ଜିତେନ୍ଦ୍ରିୟ ଓଡ଼ିଶା ଫୁଟବଲ ଏସୋସିଏସନର ରେଫରୀ ଭାବରେ ନିଯୁକ୍ତି ପାଇ ରାଜ୍ୟ ସ୍ତରରେ ଆୟୋଜିତ ଫୁଟବଲ ମ୍ୟାଚ ଗୁଡିକରେ ରେଫରୀ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ବର୍ତ୍ତମାନ ସେ ନୂତନ କରି ଅମ୍ପାୟର ଭାବେ ଚୟନ ହୋଇଥିବାରୁ ଓସିଏ ତରଫରୁ ଆୟୋଜିତ ହେବାକୁ ଯାଉଥିବା କ୍ରିକେଟ ମ୍ୟାଚ୍ ଗୁଡିକରେ ଦାୟିତ୍ୱ ନିର୍ବାହ କରିବେ । ଜିତେନ୍ଦ୍ରିୟଙ୍କ ଏହି ସଫଳତା ପରେ ବିଶେଷ କରି ସାରା ବିନିକା ଅଞ୍ଚଳରେ କ୍ରିକେଟ ଖେଳର ଅଭିବୃଦ୍ଧି ଘଟିବା ସହ ଖେଳାଳିଙ୍କ ମନୋବଳ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

### ପାକିସ୍ତାନ ଯାଉ ନ ଯାଉ

## ଭାରତ ସେମିକୁ ଯିବନି : ଆମୀର



ଲାହୋର, ୦୧/୦୩- ପୂର୍ବତନ ପାକିସ୍ତାନୀ ବୋଲର୍ ମହମ୍ମଦ ଆମୀର ପୁଣି ଥରେ ଭାରତୀୟ ଦଳକୁ ବିଦ୍ରୁପ କରିଛନ୍ତି । ସେ କହିଛନ୍ତି ଯେ ପାକିସ୍ତାନ ସେମି-ଫାଇନାଲକୁ ଯାଉ ନ ଯାଉ ଭାରତ କେବେବି ଯାଇପାରିବ ନାହିଁ । ତାଙ୍କର ଏହି ନୂଆ ମନ୍ତବ୍ୟ ପାକିସ୍ତାନୀ କ୍ରିକେଟ୍‌ପ୍ରେମୀ ଆମୋଦିତ କରିଥିବାବେଳେ ଭାରତୀୟ ପ୍ରଶଂସକମାନଙ୍କୁ ଅସନ୍ତୁଷ୍ଟ କରିଛି । ଏକ ପାକିସ୍ତାନୀ ଟେଲିଭିଜନ କାର୍ଯ୍ୟକ୍ରମ 'ହାରନା ମନା ହେ'ରେ ନିଜର ମତ ରଖି ସେ କହିଛନ୍ତି, ''ପାକିସ୍ତାନ ସେମିକୁ ଯିବ । ପାକିସ୍ତାନ ଯାଉ ନ ଯାଉ ଭାରତ ଆଦୌ ଯିବ ନାହିଁ ।'' ପୂର୍ବରୁ ଏହି ସମାନ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ ଭାରତ କେବେବି ସେମିଫାଇନାଲକୁ ଯାଇପାରିବ ନାହିଁ । ଏହାର କାରଣସ୍ୱରୂପ ସେ କହିଥିଲେ ଉଭୟ ୱେଷ୍ଟ-ଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଭାରତଠାରୁ ଭଲ ଖେଳୁଛନ୍ତି । ଯେତେବେଳେ ଭାରତ ନିଜର ପ୍ରଥମ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଥିଲା, ସେ ଆନନ୍ଦ ପ୍ରକାଶ କରିବା ସହ ପୁଣି ଥରେ ନିଜର ପୂର୍ବାନୁମାନକୁ ଦୋହରାଇଥିଲେ । ଏହାଛଡ଼ା ତାଙ୍କର ଆଉ ଏକ ବୟାନ ଭାରତୀୟ କ୍ରିକେଟପ୍ରେମୀଙ୍କୁ ଅସନ୍ତୁଷ୍ଟ କରିଥିଲା । ସେ କହିଥିଲେ ଯେ ଅଭିଷେକ ଶର୍ମା ଜଣେ ସ୍ଲଗର୍, ତାଙ୍କ କୌଣସି ବିକଳ୍ପ ବ୍ୟାଟିଂ କୌଶଳ ନାହିଁ । ସୂଚନାଯୋଗ୍ୟ ଯେ ରବିବାର ହେବାକୁ ଥିବା ସୁପର-୮ ମ୍ୟାଚ୍‌ରେ ଭାରତ ୱେଷ୍ଟ-ଇଣ୍ଡିଜ୍‌କୁ ପରାଜିତ କଲେ ସେମି-ଫାଇନାଲକୁ ଯିବ । କିନ୍ତୁ ସେମିକୁ ଯିବାକୁ ହେଲେ ଶନିବାର ପାକିସ୍ତାନକୁ ଶ୍ରୀଲଙ୍କା ବିପକ୍ଷରେ ଏକ ବଡ଼ ବ୍ୟବଧାନରେ ଜିତିବାକୁ ହେବ ।

## ଗଉଡ କଲ୍ୟାଣ କମିଟୀ ପକ୍ଷରୁ ଦୋଳ ଉତ୍ସବ ପାଳିତ

କୁଚିଣ୍ଡା,୦୧।୦୩(ଚତୁର୍ଭୁଜ ଜୟପୁରିଆ ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଝୁଲେନ ପୋଲ ନିକଟରେ ଥିବା ଯାଦବ ଭବନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଝରିଆ ଗଉଡ କଲ୍ୟାଣ କମିଟୀ ପକ୍ଷରୁ ଦୋଳ ଉତ୍ସବ ୨୦୨୬ ପାଳିତ ହୋଇଯାଇଛି ।ଝରିଆ ଗଉଡ କଲ୍ୟାଣ କମିଟୀ ସମ୍‌ବଲପୁର ସଭାପତି ବିରଞ୍ଚିନାରାୟଣ ଦର୍କା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ ମହାନ୍ତି,ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ,ଏମ୍ ପି ପ୍ରତିନିଧି ସୁଶିଲ କର,ପୂର୍ବତନ ଜିଲ୍ଲା ପରିଷଦ ରୁଦ୍ରପ୍ରତାପ ଦେଓ, ଆନ୍ତର୍ଜାତିକ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଜିଲ୍ଲା ଝରିଆ ଗଉଡ କଲ୍ୟାଣ କମିଟୀ ଉପଦେଷ୍ଟା ଖୁସିରାମ କଉଡି, ଜିଲ୍ଲା ଉପସଭାପତି ସନାତନ ଭଇଁଷା,ମଦନ ମୋହନ ଭଇଁଷା,ସରୋଜ ପରୁଆ, ଜିଲ୍ଲା ମହିଳା ଶାଖା ସମ୍ପାଦିକା ଚିନୁପମା ଭଇଁଷା, ଜିଲ୍ଲା ମହିଳା ସଂଗଠିକା ଯମୁନା ରାଉତ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଝରିଆ ଗଉଡ ସମାଜ ର ଉନ୍ନତି କାମନା କରିବା ସହିତ ଶିକ୍ଷା କ୍ଷେତ୍ରରେ ପିଲାମାନେ କିପରି ଆଗକୁ ଯାଇ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ସେ ଉପରେ ବିଶେଷ ଭାବେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଉଦବୋଧନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଝରିଆ ଗଉଡ ସାଧାରଣ ସମ୍ପାଦକ ଦେବାନନ୍ଦ ଖର୍ସେଲ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପିଲାମାନଙ୍କୁ ତଥା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।

## ସଂକ୍ରମଣର ନିରାକରଣ ପାଇଁ ଟୀକାକରଣ ଅଭିଯାନ

ସମ୍ବଲପୁର, ୦୧/୦୩ (ଅକ୍ଷର ଓଡ଼ିଶା): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁରଠାରେ ଆଜି ଦିନ ମାନ୍ୟବର ବିଧାୟକ ମହୋଦୟ, ଜୟନାରାୟଣ ମିଶ୍ର ଜିଲ୍ଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ (HPV) ସଂକ୍ରମଣର ନିରାକରଣ ପାଇଁ ଟୀକାକରଣ ଅଭିଯାନ ଆରମ୍ଭ କରିଛନ୍ତି । ଏହି ଟୀକା କରଣ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ଟୀକା ଦ୍ୱାରା ଆଗାମୀ ଦିନରେରେ ଜରାୟୁ ଗ୍ରିବା କର୍କଟ ରୋଗକୁ ଅଟକାଇ ଯାଇପାରିବ । ପ୍ରଥମ ପର୍ଯ୍ୟାୟ ରେ ୩୯୦୦ ଟୀକା ଆସିଥିବା ବେଳେ ଆଗକୁ ସମୁଦାୟ ୧୧୦୦୦ ଟୀକା କରଣର ଲକ୍ଷ୍ୟ ରଖାଯାଇଛି । ଏହି ଅଭିଯାନ ଆସନ୍ତା ୩ ମାସ କାଳ ଚାଲିବ, ଏବଂ ସବୁ ୧୪ ରୁ ୧୫ ବର୍ଷ ବୟସ ବାଳିକା ମାନେ ଏହି ଟୀକା ନେବେ । ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅଶୋକ କୁମାର ଦାସ, ମୁଖ୍ୟ ଚିକିତ୍ସା ଳୟ ଅଧିକାରୀ ଡ ସୁଧାଂଶୁ ପଣ୍ଡା , ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚୁଳା ବତୀ ସାହୁ, ଡ. ଅବନୀନ୍ଦ୍ର ସାହୁ (WHO),ଜିଲ୍ଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଶ୍ରୀ ଭବାନୀ ଶଙ୍କର ସାହୂ ତଥା ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଉପସ୍ଥିତିଥିଲେ ।

## ମହାବୀର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବେଗୁନିଆ,୦୧/୦୩( ଅକ୍ଷର ଓଡିଶା): ବୋଲଗଡ଼ ବ୍ଲକ ଗେଡିଆପଲ୍ଲି ପଞ୍ଚାୟତ ଶାମୁକାପାଟଣା ମହାବୀର ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଗ୍ରାମ୍ୟ ଖେଳ ପଡିଆରେ ବହୁ ପ୍ରତୀକ୍ଷିତ ୧୮ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ବ୍ରହ୍ମପୁର କମିଶନର କୋର୍ଟ ର ଅତିରିକ୍ତ କମିଶନର କୈଳାଶ ଚନ୍ଦ୍ର ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର ସାଇଁ, ସେନା ଅଧିକାରୀ ଯୁଝିଷ୍ଠିର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ୧୮ତମ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହିତ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିବସରେ କୁମ୍ଭିଲୋ ଫୁଟବଲ କ୍ଲବ ବିନ୍ଧ୍ୟଗିରୀ କ୍ଲବକୁ ଭେଟିଥିଲା । ପ୍ରଥମାର୍ଦ୍ଧ ଖେଳରେ କୁମ୍ଭିଲୋ ଗୋଟାଏ ଗୋଲ କରିଥିବା ବେଳେ । ଜଳପାନ ବିରତି ପରେ ଦ୍ୱିତୀୟାର୍ଦ୍ଧ ଖେଳରେ କୌଣସି ଗୋଲ ହୋଇପାରିନଥିଲା । କୁମ୍ଭିଲୋ ୧-୦ରେବିଜୟୀ ହୋଇ ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଆଜି ଖେଳରେ ଲକ୍ଷ୍ମୀଧର ଚଉଧୁରି, ମୁଖ୍ୟ ରେଫରି,ଶିବ ଦେହୁରୀ, ପ୍ରକାଶ ପରିଡ଼ା ଲାଇନରେ ସହାୟତା କରିଥିବା ବେଳେ ମ୍ୟାଚ କମିଶନର ଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ । ଭାଷ୍ୟକାର ଦାଶରଥି ନାହାକ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ




ସମ୍ବଲପୁର,୦୧/୦୩ (ଅକ୍ଷର ଓଡ଼ିଶା): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି ଓ କଲେଜ ଅଧ୍ୟକ୍ଷ । ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ଅବସରରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଓ ଶୈକ୍ଷିକ ଗବେଷଣା ପ୍ରତିଷ୍ଠାନ (NISER)ର ଡକ୍ଟର ବିଷ୍ଣୁ ପ୍ରସାଦ ବିଶ୍ୱାଳ ରିଡର୍-ଏଫ , ମାନବ ସେବାରେ ବିଜ୍ଞାନ ଶୀର୍ଷକରେ ଏକ ସାର ଗର୍ଭକ ଅଭିଭାଷଣ ଦେଇ ଏହାର ଲୋକ କଲ୍ୟାଣକର ଦିଗ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ । ବିଜ୍ଞାନକୁ ବିଶେଷ ଅଧ୍ୟୟନ ଓ ବୃତ୍ତି ଭାବରେ ଗ୍ରହଣ କରି ସମାଜର ଯାବତୀୟ ଉନ୍ନତିରେ ସଶକ୍ତ ଭୂମିକା ଗ୍ରହଣ କରିଥିବା ମହିଳା ବୈଜ୍ଞାନିକମାନଙ୍କ ଅବଦାନ ତଥା ସଫଳତାର କାହାଣୀ ଉଲ୍ଲେଖ କରିଥିଲେ । ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜ୍ଞାନ ସମିତିର ଉପସଭାପତି ପ୍ରଫେସର ପବିତ୍ର ମୋହନ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ଡକ୍ଟର ସୁନୀଲ କୁମାର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ବିଜ୍ଞାନ ବିଭାଗୀୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera